RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-168 ◆BHUBANESWAR ◆SATURDAY ◆14 DECEMBER 2024 ◆PAGE-14 ◆₹ 6.00
◆ବର୍ଷ-୪୨ ◆ସଂଖ୍ୟା-୧୬୮ ◆ଭୁବନେଶ୍ୱର ◆ଶନିବାର ◆୧୪ ଡିସେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦


# ସଂସଦରେ ଝଡ଼

## ଲୋକସଭାରେ 'ସମ୍ବିଧାନ'; ରାଜ୍ୟସଭାରେ 'ଧନଖଡ଼'

■ **ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି):** ବିଭିନ୍ନ ପ୍ରସଙ୍ଗକୁ ନେଇ ଶାସକ ଏବଂ ବିରୋଧୀ ଦଳ ମଧ୍ୟରେ ଲାଗି ରହିଥିବା ହୋହଲ୍ଲା ଯୋଗୁଁ ସଂସଦର ଚଳିତ ଶୀତ ଅଧିବେଶନର ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରି ନାହିଁ। ଶୁକ୍ରବାର ଅଧିବେଶନର ୧୫ତମ ଦିନରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଲୋକସଭାରେ ସମ୍ବିଧାନ ଉପରେ ଆଲୋଚନା ହେବା କ୍ଷଣି ଶାସକ ଏବଂ ବିରୋଧୀ ପୁଣି ମୁହାଁମୁହିଁ ହୋଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ନେତୃତ୍ୱରେ ପ୍ରଥମେ ଗୃହରେ ଆଲୋଚନା ଆରମ୍ଭ ହେବା ପରେ ରାଜନାଥ କଂଗ୍ରେସ ଉପରେ ବର୍ଷିଥିଲେ। କଂଗ୍ରେସ ବିଭିନ୍ନ ସମୟରେ ସାମ୍ବିଧାନିକ ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରିବା ସହିତ ନିଜର ସ୍ୱାର୍ଥନ୍ୱେଷୀ ଆଭିମୁଖ୍ୟ ପୂରଣ କରିବାକୁ ସମ୍ବିଧାନ ବଦଳାଇବାକୁ ମଧ୍ୟ ପଛାଇ ନାହିଁ ବୋଲି କହିଥିଲେ। ବିରୋଧୀଙ୍କୁ ଚୁପ୍ ରଖିବା ପାଇଁ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହରୁ ଏବଂ ଇନ୍ଦିରା ଗାନ୍ଧୀ ସମ୍ବିଧାନରେ ପରିବର୍ତ୍ତନ ଆଣିବାକୁ ପଛାଇ ନ ଥିଲେ ରାଜନାଥ କହିଥିଲେ। ଏହାକୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ତୀବ୍ର ବିରୋଧ କରିଥିଲା ବେଳେ ପ୍ରଥମଥର ପାଇଁ ଲୋକସଭାରେ ନିଜର ବକ୍ତବ୍ୟ ରଖି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ବିଜେପି ନେତୃତ୍ୱ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ସାମ୍ବିଧାନିକ ବ୍ୟବସ୍ଥାରେ ପ୍ରତ୍ୟେକ ଦେଶବାସୀଙ୍କୁ ନ୍ୟାୟ, ସୁରକ୍ଷା ଏବଂ ବାକ୍ ସ୍ୱାଧୀନତା ଅଧିକାର ରହିଛି। କିନ୍ତୁ କେନ୍ଦ୍ର ସରକାର ଏସବୁକୁ ଜଳାଞ୍ଜଳି ଦେଇ ନିଜ ଇଚ୍ଛାରେ ଶାସନ ଚଳାଇଛନ୍ତି। ଏପରିକି ୨୦୨୪ ଲୋକସଭା ନିର୍ବାଚନ ଫଳାଫଳ ଯଦି ସମ୍ପୂର୍ଣ୍ଣ ଭାବେ ବିଜେପି ସପକ୍ଷରେ ଯାଇଥାଆନ୍ତା ତେବେ ସେମାନେ ସମ୍ବିଧାନକୁ ବଦଳାଇ ଦେଇ ସାରିଥାଆନ୍ତେ ବୋଲି ପ୍ରିୟଙ୍କା କହିଥିଲେ। ସେତେବେଳେ ନେହରୁ ଏବଂ ଇନ୍ଦିରା ଗାନ୍ଧୀ କ'ଣ କରିଥିଲେ ତାହା ଏବେ ବିଚାର କରିବା ପ୍ରାସଙ୍ଗିକ ନୁହେଁ, କିନ୍ତୁ ଏବେ ସରକାର କ'ଣ କରୁଛନ୍ତି, ସେ ବିଷୟରେ କହିବା ଦରକାର ବୋଲି ପ୍ରିୟଙ୍କା କହିଥିଲେ। ଏହାକୁ ନେଇ ଉଭୟ ଶାସକ ଏବଂ ବିରୋଧୀଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ବାକ୍‌ଯୁଦ୍ଧ ଲାଗି ରହିଥିଲା। ଏହାବ୍ୟତୀତ ଟିଏମସି ସାଂସଦ ମହୁଆ ମୋଇତ୍ରା ଜଷ୍ଟିସ୍ ବି ଏଚ ଲୋୟାଙ୍କ ମୃତ୍ୟୁ ଘଟଣାକୁ ନେଇ ପ୍ରଶ୍ନ ଉଠାଇବା ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ମହୁଆଙ୍କ ପ୍ରତି ଯେଉଁଳି ଟିପ୍ପଣୀ ରଖିଥିଲେ ତାହାକୁ ନେଇ ବିରୋଧୀ ସଦସ୍ୟମାନେ ହଙ୍ଗାମା କରିଥିଲେ। ସେପଟେ ରାଜ୍ୟସଭାରେ ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ବିରୋଧରେ ବିରୋଧୀ ଦଳ ଆଣିଥିବା ଅବିଶ୍ୱାସ ପ୍ରସଙ୍ଗକୁ ନେଇ ଶାସକ ଏବଂ ବିରୋଧୀ ମୁହାଁମୁହିଁ ହୋଇଥିଲେ। ଧନଖଡ଼ ପକ୍ଷପାତ ନୀତିରେ ଗୃହ ଚଳାଉଛନ୍ତି ବୋଲି ବିରୋଧୀ ଦାବି କରି ସେ ସମ୍ମାନର ପାତ୍ର ନୁହନ୍ତି ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଥିଲା ବେଳେ କଂଗ୍ରେସ ଗୃହ ଅଧ୍ୟକ୍ଷଙ୍କୁ ସମ୍ମାନଦେଇ ଜାଣିନି ବୋଲି ବିଜେପି ସାଂସଦ ଜେପି ନଡ୍ଡା କହିଥିଲେ। ଏହି ପ୍ରସଙ୍ଗକୁ ଦୀର୍ଘ ସମୟ ଧରି ହୋହଲ୍ଲା ଲାଗି ରହିବାରୁ ଅଧ୍ୟକ୍ଷ ଗୃହକୁ ସୋମବାର ଯାଏଁ ମୁଲତବୀ ଘୋଷଣା କରିଥିଲେ।



**ସମ୍ବିଧାନ ସଂଶୋଧନ ପ୍ରସଙ୍ଗରେ କଂଗ୍ରେସକୁ ରାଜନାଥଙ୍କ ନିଶାଣ**

**ସଂସଦରେ ପ୍ରଥମ ଅଭିଭାଷଣ ରଖି କଡ଼ା ଜବାବ ଦେଲେ ପ୍ରିୟଙ୍କା**

**ଅବିଶ୍ୱାସ ପ୍ରସ୍ତାବ ପ୍ରସଙ୍ଗରେ ଧନଖଡ଼ଙ୍କୁ ଘେରିଲେ ବିରୋଧୀ**

# ଶିମିଳିପାଳରେ ଜାଡ଼

**୩ ଦିନ ପରେ କମିବ ଶୀତ**



■ **ବାରିପଦା/ଭୁବନେଶ୍ୱର, ୧୩।୧୨ (ସମିସ):** ରାଜ୍ୟରେ ଗତ ୨ ଦିନ ଧରି ଶୀତ ଅନୁଭୂତ ହେଉଛି ଏବଂ ଆଗାମୀ ୩ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବ। ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ଜାଡ଼ ଲାଗିରହିଥିବା ବେଳେ ଶିମିଳିପାଳ ଅଭୟାରଣ୍ୟରେ ସର୍ବନିମ୍ନ ତାପମାତ୍ରା ୩ଡିଗ୍ରୀ ରେକର୍ଡ କରାଯାଇଛି। ଅଭୟାରଣ୍ୟରେ ପର୍ବତମାଳାର ଅନେକ ସ୍ଥାନରେ ଜାଡ଼ କାରଣରୁ ଶୁକ୍ରବାର ସକାଳୁ ତୁହିନ ଆସ୍ତରଣ ଦେଖିବାକୁ ମିଳିଛି। ସେହିପରି ନିଷିଦ୍ଧାଞ୍ଚଳଗୁଡ଼ିକରେ ତାପମାତ୍ରା ହ୍ରାସ ଯୋଗୁଁ ରାତିରେ ଘାସ, ଗଛ, ଲତା ଉପରେ ପଡ଼ିଥିବା କାକରବିନ୍ଦୁ, ତୁଷାରପାତର ଭ୍ରମ ସୃଷ୍ଟି ▶ପୃଷ୍ଠା-୭

**ସରକାରକୁ ପୂରିଲା ଛଅ ମାସ**

# ଘୋଷଣା ବାଟବଣା, ପ୍ରତିଶ୍ରୁତି ଫିକା

■ **ଭୁବନେଶ୍ୱର, ୧୩।୧୨ (ସମିସ):** ପ୍ରଥମ ଥର ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପି ସରକାରର ଛଅ ମାସ ପୂରିଛି। ୬ ମାସ ମଧ୍ୟରେ ଏକାଧିକ ଯୋଜନା ଏବଂ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ନେଇ ରାଜ୍ୟ ସରକାର ନିଜ ପିଠି ନିଜେ ଥାପୁଡ଼ଉଛନ୍ତି। ନିର୍ବାଚନ ସମୟରେ କରିଥିବା ଘୋଷଣା ବାଟବଣା ହୋଇଥିବା ବେଳେ ଭୋଟରଙ୍କୁ ଦେଇଥିବା ପ୍ରତିଶ୍ରୁତି ଫିକା ପଡ଼ିଥିବା ପରିଲକ୍ଷିତ ହେଉଛି।

ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବାଠାରୁ ଆରମ୍ଭ କରି ସୁଭଦ୍ରା ଯୋଜନା, ଧାନର ଏମଏସପି ବାବଦରେ ୩୧୦୦ ଟଙ୍କା ପ୍ରଦାନ ଆଦି କ୍ଷେତ୍ରରେ ପ୍ରତିଶ୍ରୁତି ପୂରଣ କରିଥିବା ନେଇ ସରକାର ଓ ଶାସକ ଦଳ ଦାବି କରୁଛନ୍ତି । ମାତ୍ର ସାମଗ୍ରିକ ଭାବରେ ସରକାରଙ୍କ ୬ ମାସର କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରବଳ ବର୍ଷିଛନ୍ତି ବିରୋଧୀ। ଅସନ୍ତୋଷ ପ୍ରକାଶ କରିଛନ୍ତି ରାଜ୍ୟବାସୀ। ସମଗ୍ର ରାଜ୍ୟରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ହୁଗୁଳି ଯାଇଥିବାବେଳେ ବିଭିନ୍ନ ଘୋଷଣା ଅନୁପାଳନରେ ବ୍ୟର୍ଥ ହୋଇଥିବା ଅଭିଯୋଗ କରିଛନ୍ତି। ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବାରେ ସରକାର ଟାଳଟୁଳ, ଗଳାବାଟ ଖୋଜିଛନ୍ତି ଓ ସାଧାରଣ ଭୋଟରଙ୍କୁ ପ୍ରତାରିତ କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି ।

**ଦରବୃଦ୍ଧି, ଆଇନଶୃଙ୍ଖଳା ରୋକିବାରେ ବ୍ୟର୍ଥତାକୁ ନେଇ ବିରୋଧୀଙ୍କ କଡ଼ା ସମାଲୋଚନା**

୩୦୦୦ ଟଙ୍କା ଭତ୍ତା ଘୋଷଣାକୁ ୬ ମାସ ମଧ୍ୟରେ ସରକାର କାର୍ଯ୍ୟକାରୀ କରିପାରି ନାହାନ୍ତି। ଏପରିକି ବଜେଟରେ ଏ ସଂକ୍ରାନ୍ତରେ ଆର୍ଥିକ ବ୍ୟବସ୍ଥା ନ କରି ବରିଷ୍ଠ ନାଗରିକଙ୍କୁ ଉପହାସ କରିଛନ୍ତି। ସେହିପରି ୮୦ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ୩୫୦୦ ଟଙ୍କା ଭତ୍ତା ଘୋଷଣା ପରେ ▶ପୃଷ୍ଠା-୭

**ଅନ୍ତଃସତ୍ତ୍ୱା ସୀମାମୟୀ ହତ୍ୟା ଘଟଣାର ପର୍ଦ୍ଦାଫାସ୍**

# ସ୍ତ୍ରୀକୁ ଗୁଳିକରି 'ଡକାୟତି' ନାଟକ

**ସ୍ୱାମୀ ଓ ପୁଲିସ୍ ଭିଣୋଇ ଗିରଫ, ବନ୍ଧୁକ ଜବତ**

■ **ରାଉରକେଲା/ବଣାଇଁ, ୧୩।୧୨ (ସମିସ):** ବଣାଇଁ ଉପଖଣ୍ଡ ଅନ୍ତର୍ଗତ ଝିର୍ଡାପାଲି ଗ୍ରାମର ଗର୍ଭବତୀ ମହିଳା ସୀମାମୟୀ (୩୦) ହତ୍ୟା ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ଟିକାୟତପାଲି ଥାନା ପୁଲିସ୍ ଏହାର ପର୍ଦ୍ଦାଫାସ୍ କରିଛି। ଏହି ଘଟଣାରେ ପୁଲିସ୍ ସୀମାଙ୍କ ସ୍ୱାମୀ ଦେବେନ କୁମାର ବେହେରା (୩୫) ଓ ତାଙ୍କ ପୁଲିସ୍ ଭିଣୋଇ ସତ୍ୟନାରାୟଣ ବେହେରା (୪୮)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଦେବେନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ବେଳେ ସତ୍ୟନାରାୟଣ ରାଉରକେଲା କୋର୍ଟରେ ପୁଲିସ୍ ଏଏସ୍ଆଇ ଭାବେ କାର୍ଯ୍ୟରତ। ସୀମାଙ୍କୁ ରାସ୍ତାରୁ ହଟାଇବା ପାଇଁ ଦେବେନ ଏହି ସାଂଘାତିକ ଷଡ଼ଯନ୍ତ୍ର ରଚିଥିଲା। ସୀମାଙ୍କୁ ଗୁଳି କରି ହତ୍ୟା କରିବା ପରେ ଏହାକୁ ଡକାୟତିଜନିତ ହତ୍ୟାକାଣ୍ଡ ବୋଲି ଦର୍ଶାଇବା ପାଇଁ ଅପଚେଷ୍ଟା କରିଥିଲା। ▶ପୃଷ୍ଠା-୭






### ସଂସଦରେ ସମ୍ବିଧାନ ଉପରେ ବିତର୍କ; ରାଜନାଥ-ପ୍ରିୟଙ୍କା ବାକ୍ୟୁଦ୍ଧ

# 'ଭୟ ଓ ଆଶଙ୍କାରେ ଦେଶ ଚାଲିପାରିବନି'





ନୂଆଦିଲ୍ଲୀ,୧୩।୧୨(ଏଜେନ୍ସି): ଭାରତୀୟ ସମ୍ବିଧାନର ୭୫ବର୍ଷ ପୂର୍ତ୍ତି ଅବସରରେ ସଂସଦରେ ସାମ୍ବିଧାନିକ ବ୍ୟବସ୍ଥାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଲୋକସଭାରେ ଡିସେମ୍ବର ୧୩ ଏବଂ ୧୪ ଦୁଇ ଦିନ ଧରି ଚର୍ଚ୍ଚା ହେବା ସହିତ ୧୬ ଏବଂ ୧୭ ତାରିଖରେ ରାଜ୍ୟସଭାରେ ଆଲୋଚନା ହେବ। ଏହିକ୍ରମରେ ଶୁକ୍ରବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ନେତୃତ୍ୱରେ ଲୋକସଭାରେ ବିତର୍କ ଆରମ୍ଭ ହୋଇଥିଲା ବେଳେ ଶାସକ ଏବଂ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ବିଶେଷକରି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସାଂସଦ ଭାବେ ନିର୍ବାଚିତ ହେବା ପରେ ପ୍ରଥମଥର ଲାଗି ଲୋକସଭାରେ ବିତର୍କରେ ଭାଗ ନେଇଥିଲେ। ସମ୍ବିଧାନକୁ ନେଇ ରାଜନାଥ ପ୍ରଥମେ ଆଲୋଚନା କରିବା ପରେ କଂଗ୍ରେସକୁ ନିଶାଣ କରି ବର୍ଷିଥିଲେ। ବିରୋଧୀଙ୍କୁ ଚୁପ୍ ରଖିବାକୁ କଂଗ୍ରେସ ବାରମ୍ବାର ସମ୍ବିଧାନ ବଦଳାଇଛି ଏବଂ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ ଓ ଇନ୍ଦିରା ଗାନ୍ଧୀଙ୍କୁ ଏଥିପାଇଁ ଦାୟୀ କରିଥିଲେ। ସେହିପରି ଦେଶରେ ଜରୁରୀ ସ୍ଥିତି ସୃଷ୍ଟି କରି କଂଗ୍ରେସ ସମ୍ବିଧାନର ମର୍ଯ୍ୟାଦା ନଷ୍ଟ କରିଛି ବୋଲି କହିଥିଲେ। ଏହାପରେ ବିରୋଧୀଙ୍କ ପକ୍ଷରୁ ପ୍ରିୟଙ୍କା ଗାନ୍ଧୀ ବିତର୍କକୁ ଓହ୍ଲାଇଥିଲେ। ସେ ସିଧାସଳଖ ବିଜେପିକୁ ନିଶାଣ କରି ଦେଶ ଭୟ ଏବଂ ଆଶଙ୍କା ମଧ୍ୟରେ ଗତି କରିପାରିବ ନାହିଁ ବୋଲି କହିଥିଲେ। ସମ୍ବିଧାନ ପ୍ରତ୍ୟେକ ଦେଶବାସୀଙ୍କୁ ନ୍ୟାୟ, ସ୍ୱାଧୀନତା ଏବଂ ବାକ୍ ସ୍ୱାଧୀନତାର ଅଧିକାର ପ୍ରଦାନ କରିଛି। କିନ୍ତୁ ବିଜେପି ନେତୃତ୍ୱ କେନ୍ଦ୍ର ସରକାର ଏଥିରେ ପ୍ରତିବନ୍ଧକ ସାଜିଛନ୍ତି। ବିଗତ ୧୦ ବର୍ଷ ହେଲା କେନ୍ଦ୍ର ସରକାର ଯେଭଳି ମାନସିକତାରେ କାର୍ଯ୍ୟ କରିଛନ୍ତି ତାହା ସାମ୍ବିଧାନିକ ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରିଆସିଛି। ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ଏବଂ ତାହାର ସହଯୋଗୀ ଦଳ ଯଦି ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରିଥାଆନ୍ତା ତେବେ ସେମାନେ ସମ୍ବିଧାନ ବଦଳାଇ ଦେଇଥାଆନ୍ତେ। କିନ୍ତୁ ସତ୍ୟ ଏବଂ ନ୍ୟାୟର ରକ୍ଷା ଲାଗି ଆମେ ଲଢେଇ ଜାରି ରଖିବୁ ବୋଲି ପ୍ରିୟଙ୍କା କହିଥିଲେ।

ପ୍ରିୟଙ୍କା ତାଙ୍କ ପ୍ରଥମ ଭାଷଣରେ କେବଳ ବିଜେପି ଏବଂ କେନ୍ଦ୍ର ସରକାରଙ୍କ ଉପରେ ଆକ୍ରମଣ କରି ନଥିଲେ। ବରଂ ରାଜନୈତିକ ବାର୍ତ୍ତା ମଧ୍ୟ ଦେଇଥିଲେ। ସେ ହାଥରସ ଠାରୁ ଆରମ୍ଭ କରି ସମ୍ଭଲ ଘଟଣା ଏବଂ ଦେଶର ନ୍ୟାୟିକ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଥିଲେ। ବିଜେପି ଗତ ୧୦ ବର୍ଷ ହେଲା ସମ୍ବିଧାନକୁ ବଦଳାଇବାକୁ ଷଡ଼ଯନ୍ତ୍ର କରିଥିଲେ ହେଁ ଏହାକୁ ଦେଶବାସୀ ଠିକଣା ସମୟରେ ହୃଦୟଙ୍ଗମ କରିପାରିଥିଲେ। ଯାହାକୁ ନେଇ ଭୋଟର ଗତ ଲୋକସଭା ନିର୍ବାଚନରେ ଜବାବ ରଖିଛନ୍ତି। ସ୍ୱାଧୀନତା ସଂଗ୍ରାମରୁ ଦେଶବାସୀଙ୍କୁ ଯେଉଁ ଅନୁଭୂତି ମିଳିଥିଲା ସେଥିରୁ ହିଁ ଆମ ସମ୍ବିଧାନର ରୂପରେଖ ଓ ଆତ୍ମା ଲାଭ କରିଛି। ବିଶେଷକରି ନ୍ୟାୟ, ସ୍ୱାଧୀନତା ଏବଂ ସମାନତାକୁ ଆଧାର କରି ସମ୍ବିଧାନର ଭିତ୍ତିଭୂମି ପ୍ରସ୍ତୁତ ହୋଇଛି। କିନ୍ତୁ ବିଜେପି ନେତୃତ୍ୱ କେନ୍ଦ୍ର ସରକାର ଏସବୁକୁ କ୍ଷୁଣ୍ଣ କରିଚାଲିଛନ୍ତି ବୋଲି ପ୍ରିୟଙ୍କା କହିଥିଲେ। ସମ୍ବିଧାନ ନ୍ୟାୟ ଓ ଏକତାର କବଚ ଭାବେ ଦେଶବାସୀଙ୍କ ପ୍ରତି ସାମାଜିକ, ଆର୍ଥିକ ଓ ରାଜନୈତିକ ଦିଗରୁ ସୁରକ୍ଷା ଦେବାକୁ ପ୍ରତିଶ୍ରୁତିବଦ୍ଧ। କିନ୍ତୁ କେନ୍ଦ୍ର ସରକାର ଏହାକୁ ବଦଳାଇବା ଯୋଜନା କରିଥିଲା ବେଳେ ଦେଶବାସୀ ଏହି ସ୍ୱପ୍ନକୁ କରିଦେଇଛନ୍ତି ବୋଲି ପ୍ରିୟଙ୍କା କହିଥିଲେ।

# ଅବିଶ୍ୱାସ ପ୍ରସ୍ତାବ ପ୍ରସଙ୍ଗରେ ଶାସକ-ବିରୋଧୀ ମୁହାଁମୁହିଁ

ନୂଆଦିଲ୍ଲୀ,୧୩।୧୨(ଏଜେନ୍ସି): ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ବିରୋଧରେ ବିରୋଧୀ ଦଳଙ୍କ ପକ୍ଷରୁ ଅଣାଯାଇଥିବା ଅବିଶ୍ୱାସ ପ୍ରସ୍ତାବକୁ ନେଇ ଶୁକ୍ରବାର ଶାସକ ଏବଂ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ କଂଗ୍ରେସ ନେତୃତ୍ୱରେ ବିରୋଧୀଙ୍କ ପକ୍ଷରୁ ଧନଖଡ଼ଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଅଣାଯିବା ପରେ ଏହାକୁ ଶାସକ ଦଳ ପକ୍ଷରୁ ଘୋର ବିରୋଧ କରାଯାଇଥିଲା। ରାଜ୍ୟସଭା ଅଧ୍ୟକ୍ଷ ଧନଖଡ଼ କେବଳ ପକ୍ଷପାତ ନୀତିରେ ଗୃହ ଚଳାଉଛନ୍ତି ଏବଂ ଶାସକ ଦଳକୁ ସମର୍ଥନ ଯୋଗାଉଥିବା ବିରୋଧୀଙ୍କ ପକ୍ଷରୁ ଅଭିଯୋଗ ଅଣାଯିବା ପରେ ଏହାକୁ ଶାସକ ଦଳର ସଦସ୍ୟମାନେ ବିରୋଧ କରିଥିଲେ। ବିଜେପି ସାଂସଦ ଜେ ପି ନଡ୍ଡା କଂ।।ଗ୍ରେସକୁ ନିଶାଣ କରି ଏହି ଦଳ ଅଧ୍ୟକ୍ଷଙ୍କୁ ସମ୍ମାନ ଜଣାଇବା ଶିଖି ନାହିଁ ବୋଲି କହିଥିଲେ।



**ମୁଁ ଚାଷୀ ପୁଅ, ଭାଙ୍ଗିପଡ଼ିବିନି**

ଏହିକ୍ରମରେ ବିରୋଧୀଙ୍କ ଉଦ୍ଦେଶ୍ୟରେ ଧନଖଡ଼ କହିଥିଲେ ଯେ, 'ମୁଁ ଜଣେ କୃଷକଙ୍କ ପୁଅ। ମୁଁ ନଇଁବି ନାହିଁ। ମୁଁ ମୋ ଦେଶ ପାଇଁ ଜୀବନ ଦେଇ ଦେବି। କାହିଁକି ଜଣେ କୃଷକଙ୍କ ପୁଅ ଏଠାରେ (ରାଜ୍ୟସଭା ଅଧ୍ୟକ୍ଷ ପଦରେ) ବସିଛନ୍ତି ବୋଲି ଆପଣମାନଙ୍କର ଦିନରାତି ଚିନ୍ତା ରହିଛି। କିନ୍ତୁ ମୁଁ ବହୁତ ସହିଲିଣି ' ବୋଲି ଧନଖଡ଼ କହିଥିଲେ। ଏହାବ୍ୟତୀତ ସେ କହିଥିଲେଯେ, ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ବିରୋଧୀ ତାଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଆଣିପାରିବେ। କିନ୍ତୁ ଏହାଦ୍ୱାରା ସମ୍ବିଧାନକୁ ଅପମାନିତ କରାଯାଇଛି।



**ଆପଣ ଚାଷୀ ପୁଅ ହେଲେ ମୁଁ ଶ୍ରମିକ ପୁଅ**

ଏହାପରେ କଂଗ୍ରେସ ଅଧ୍ୟକ୍ଷ ତଥା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ଧନଖଡ଼ଙ୍କ ପ୍ରତି କଡ଼ା ଜବାବ ରଖିଥିଲେ। ସେ କହିଥିଲେ, ଆପଣ ସେମାନଙ୍କୁ (ବିଜେପି ସାଂସଦ) ଅନ୍ୟ ଦଳ ସଦସ୍ୟଙ୍କ ବିରୋଧରେ କହିବାକୁ ଉତ୍ସାହିତ କରୁଛନ୍ତି। ଆପଣ ଶାସକ ଦଳର ପ୍ରଶଂସା ଗାନ କରୁଛନ୍ତି। ଆପଣ ଜଣେ କୃଷକଙ୍କ ପୁଅ ହେଲେ ମୁଁ ମଧ୍ୟ ଜଣେ ଶ୍ରମିକଙ୍କ ପୁଅ। ମୁଁ ଆପଣଙ୍କଠାରୁ ଅଧିକ ସମସ୍ୟା ଦେଇ ଗତି କରିଛି। ଆପଣ ଆମ ଦଳର ନେତାମାନଙ୍କୁ ଅପମାନିତ କରୁଛନ୍ତି। ଏଠାକୁ ଆମେ ଆପଣଙ୍କ ପ୍ରଶଂସା ଶୁଣିବାକୁ ଆସିନାହୁଁ , ଆଲୋଚନା କରିବାକୁ ଆସିଛୁ। ଆପଣ ବାରମ୍ବାର ଆମକୁ ଅପମାନିତ କରୁଥିଲା ବେଳେ ମୁଁ କେମିତି ଆପଣଙ୍କୁ ସମ୍ମାନ ଦେବି ବୋଲି ଖଡ଼ଗେ ପ୍ରଶ୍ନ କରିଥିଲେ। ଏହାପରେ ଉଭୟ ପକ୍ଷଙ୍କ ମଧ୍ୟରେ ହୋହଲ୍ଲା ଲାଗି ରହିବା ପରେ ଗୃହକୁ ମୁଲତବୀ ରଖାଯାଇଥିଲା।

## ଚାଷୀଙ୍କୁ କଂସେଇ, ନିଶା ସୌଦାଗର କହିଲେ ବିଜେପି ସାଂସଦ

ଚଣ୍ଡିଗଡ଼, ୧୩।୧୨ (ଏଜେନ୍ସି): ବିଜେପିର ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଜାଙ୍ଗରା ହରିୟାଣାରେ ଚାଷୀଙ୍କୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ସେ କୃଷକଙ୍କୁ ନିଶାର ସୌଦାଗର ଏବଂ କଂସେଇ କହିଛନ୍ତି। ଚାଷୀ ଆନ୍ଦୋଳନ ହୋଇଥିବା ସ୍ଥାନରୁ ୭୦୦ ଯୁବତୀ ନିଖୋଜ ହୋଇଥିବା ମଧ୍ୟ ଅଭିଯୋଗ କରିଛନ୍ତି। ରୋହତକର ମହମ ସୁଗାର ମିଲ୍‌ରେ ଆଖୁ ପେଡ଼ା ଅଧିବେଶନକୁ ଶୁଭାରମ୍ଭ କରି ଗୁରୁବାର ଜାଙ୍ଗରା କହିଥିଲେ ଯେ ସୀମାରେ ବସିଥିବା ପଞ୍ଜାବ ନିଶାଡ଼ି ନିଶାର ନେଟୱର୍କକୁ ପ୍ରଚାରପ୍ରସାର କରୁଛନ୍ତି। ୨୦୨୧ ପରେ ଗାଁ ଗାଁରେ ପିଲା ମରୁଛନ୍ତି। କିଏ ନିଶା ଇଞ୍ଜେକ୍ସନ ତ ଆଉ କିଏ ହେରୋଇନ, ଅଫିମ, କୋକିନ ଆଦି ନେଉଛନ୍ତି। ୨୦୨୧ରେ ବର୍ଷେ ପର୍ଯ୍ୟନ୍ତ ଟିକରି ଏବଂ ସିଂଘୁ ସୀମାରେ ବସିଥିବା ପଞ୍ଜାବ ନିଶାଡ଼ି ଏହାର ନେଟୱର୍କକୁ ହରିୟାଣାରେ ବଢ଼ାଇ ଥିଲେ।

ଜାଙ୍ଗରା କହିଥିଲେ ଯେ ସିଂଘୁ ଏବଂ ବହାଦୂରଗଡ଼ ସୀମା ଆଖପାଖର ପ୍ରାୟ ୭୦୦ ଯୁବତୀ ନିଖୋଜ ଅଛନ୍ତି। ଏମାନେ କୁଆଡ଼େ ଗଲେ କାହାକୁ ଜଣା ନାହିଁ। ଗତ ଆନ୍ଦୋଳନ ସମୟରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରି ରାସ୍ତାରେ ଟାଙ୍ଗି ଦିଆଯାଇଥିଲା। ଏମାନେ ଚାଷୀ ନୁହେଁ, କଂସେଇ। ବିଜେପି ସାଂସଦ ରାକେଶ ଟିକାୟତ ଏବଂ ଗୁରନାମ ସିଂହ ଚଢୁନିଙ୍କ ନିର୍ବାଚନ ଲଢ଼ିବାକୁ ମଧ୍ୟ ବିଜେପି ସାଂସଦ ସମାଲୋଚନା କରିଥିଲେ। ଟିକାୟତ ଦୁଇ ଥର ଲଢ଼ି ଅମାନତ ହରାଇ ଥିଲେ। ଗୁରନାମ ପିହୋୱାରୁ ଲଢ଼ି ମାତ୍ର ୧୧୭୦ ଭୋଟ୍ ପାଇଥିଲେ। ଏମାନଙ୍କ ଔକାତ କ'ଣ? ଖାଲି ଚାନ୍ଦା ସଂଗ୍ରହ କରି ଲୋକଙ୍କୁ ଉସକାଉଛନ୍ତି। ଅନ୍ୟପକ୍ଷରେ ଆମ ଆଦମୀ ପାର୍ଟି (ଆପ୍) ର ପ୍ରଦେଶ ଅଧ୍ୟକ୍ଷ ଡ. ସୁଶୀଲ ଗୁପ୍ତା ଏହି ମନ୍ତବ୍ୟକୁ ନେଇ ବିଜେପିକୁ ଘେରିଛନ୍ତି।

### ଅତୁଲଙ୍କ ପତ୍ନୀଙ୍କୁ ପୁଲିସ ସମନ୍

## ସୁପ୍ରିମକୋର୍ଟରେ ପହଞ୍ଚିଲା ମାମଲା

ବେଙ୍ଗାଲୁରୁ, ୧୩।୧୨ (ଏଜେନ୍ସି): ଏଆଇ ଇଞ୍ଜିନିୟର ଅତୁଲ ସୁଭାଷ ଆତ୍ମହତ୍ୟା ମାମଲାରେ କର୍ଣ୍ଣାଟକ ପୁଲିସ ତାଙ୍କ ପତ୍ନୀ ନିକିତା ସିଙ୍ଘାଣିଆ ଏବଂ ପରିବାର ସଦସ୍ୟଙ୍କୁ ସମନ ଜାରି କରିଛି। ୩ ଦିନ ଭିତରେ ବେଙ୍ଗାଲୁରୁର ମରାଠହଲି ଥାନାରେ ହାଜର ହେବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁଯାୟୀ ଅତୁଲଙ୍କ ଭାଇ ବିକାଶଙ୍କ ଅଭିଯୋଗ ଆଧାରରେ ଜଣେ ମହିଳା ପୁଲିସ କର୍ମଚାରୀଙ୍କ ସମେତ ଚାରିଜଣିଆ ଟିମ୍ ନିକିତାଙ୍କ ଉତ୍ତରପ୍ରଦେଶର ଜୌନପୁର ସ୍ଥିତ ବାସଭବନରେ ପହଞ୍ଚି ଥିଲେ। ଘରେ ନୋଟିସ ଲଗାଇ ଟିମ୍ ଫେରି ଆସିଥିଲା। ଏବେ ନିକିତା ଏବଂ ତାଙ୍କ ପରିବାର ସଦସ୍ୟଙ୍କ ମୁଣ୍ଡରେ ଗିରଫର ଖଣ୍ଡା ଝୁଲୁଛି। ଏହା ମଧ୍ୟରେ ଅତୁଲଙ୍କ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ଯୌତୁକ ଉତ୍ପୀଡ଼ନ ତଥା ଘରୋଇ ହିଂସା ସମ୍ବନ୍ଧିତ ମାମଲାରେ ସଂଶୋଧନ ଦାବିରେ ଓକିଲ ବିଶାଲ ତିୱାରୀ ଏହି ଆବେଦନ ଦାଏର କରିଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିବାକୁ ସେ ଦାବି କରିଛନ୍ତି। ଏହି କମିଟି ଆଇନରେ ସଂଶୋଧନ ଲାଗି ପରାମର୍ଶ ଦେବେ। ଏହା ସହିତ ବିବାହ ସମୟରେ ଦିଆଯାଇଥିବା ଅଳଙ୍କାର ଏବଂ ଅନ୍ୟ ସାମଗ୍ରୀର ରେକର୍ଡ ରଖିବାକୁ ମଧ୍ୟ କୁହାଯାଇଛି।

### ପୁଷ୍ପା-୨ ପ୍ରିମିୟର ଦଳାଚକଟାରେ ମହିଳାଙ୍କ ମୃତ୍ୟୁ ମାମଲା

# ଗିରଫ ପରେ ଜାମିନରେ ମୁକୁଳିଲେ ଅଲ୍ଲୁ ଅର୍ଜୁନ

ହାଇଦରାବାଦ, ୧୩।୧୨ (ଏଜେନ୍ସି): ସିନେମା ହଲ୍‌ରେ ରାଜ୍ କରୁଥିବା ପୁଷ୍ପାରାଜ ଧରାପଡ଼ିଛନ୍ତି। ଆଉ ଫିଲ୍ମ ଶୈଳୀରେ କିଛି ଘଣ୍ଟା ମଧ୍ୟରେ ପୁଣି ମୁକୁଳି ଯାଇଛନ୍ତି। ପୁଷ୍ପା-୨ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ସହ ଶୁକ୍ରବାର ଏଭଳି ଘଟଣା ଘଟିଛି। ଗତ ୪ ତାରିଖରେ ପୁଷ୍ପା-୨ ପ୍ରିମିୟର ସମୟରେ ହାଇଦରାବାଦର ସନ୍ଧ୍ୟା ଥିଏଟର ସାମ୍ନାରେ ଦଳା ଚକଟା ହୋଇଥିଲା। ଆଉ ଏହି ଅଘଟଣରେ ଜଣେ ମହିଳା ପ୍ରାଣ ହରାଇଥିଲେ। ଅନେକ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ ପୁଲିସ ଶୁକ୍ରବାର ଦ୍ୱିପହରେ ଅଲ୍ଲୁ ଅର୍ଜୁନଙ୍କୁ ତାଙ୍କ ଶୋଇବା ଘରେ ପଶି ହେପାଜତକୁ ନେଇଥିଲା। ଖାଇବାପିଇବାକୁ ଏବଂ ପୋଷାକ ବଦଳାଇବାକୁ ମଧ୍ୟ ସମୟ ଦେଇ ନ ଥିଲା। ପତ୍ନୀଙ୍କୁ ବୁଝାଇବା ପରେ ଅଲ୍ଲୁଙ୍କୁ ଧରି ପୁଲିସ ଆସିଥିଲା। ପରେ ଗିରଫ କରି ପୁଷ୍ପାରାଜଙ୍କୁ ହାଇଦରାବାଦର ଏକ କୋର୍ଟରେ ଉପସ୍ଥାପନ କରିଥିଲା। ମାମଲାର ଶୁଣାଣି କରି କୋର୍ଟ ଅଭିନେତାଙ୍କୁ ୧୪ ଦିନ ପାଇଁ ନ୍ୟାୟିକ ହେପାଜତକୁ ପଠାଇ ଦେଇଥିଲେ। ଏହା ପରେ ଅଭିନେତାଙ୍କୁ ଜେଲ୍‌କୁ ନିଆଯାଇଥିଲା। ଆଉ କିଛି ଘଣ୍ଟା ମଧ୍ୟରେ ସବୁ କିଛି ବଦଳି ଯାଇଥିଲା। ଅଭିନେତା ତେଲଙ୍ଗାନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସନ୍ଧ୍ୟା ୫ଟାରେ ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ଏହା ପରେ ଅଭିନେତା ଜେଲ୍‌ରୁ ବାହାରି ଥିଲେ। ଏହି ମାମଲାରେ ଅଲ୍ଲୁଙ୍କ ଅଙ୍ଗରକ୍ଷୀଙ୍କୁ ମଧ୍ୟ ପୁଲିସ ଗିରଫ କରିଛି।

ହାଇକୋର୍ଟରେ ଅଲ୍ଲୁଙ୍କ ଓକିଲ ଶାହାରୁଖ ଖାନଙ୍କ ଚଳଚ୍ଚିତ୍ର ରଇସର ଉଦାହରଣ ଦେଇଥିଲେ। ଗୁଜରାଟରେ ପ୍ରମୋସନ ସମୟରେ ଶାହାରୁଖ ଟି-ସାର୍ଟ ଫୋପାଡ଼ିବା ଯୋଗୁଁ ଦଳାଚକଟା ମାମଲାରେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ

**୧୪ ଦିନ ପାଇଁ ହେପାଜତକୁ ପଠାଇଥିଲେ ତଳକୋର୍ଟ**

**ଜେଲ୍‌ରେ ଘଣ୍ଟାଏ ରହିଲେ ଅଭିନେତା ପୁଷ୍ପାରାଜ**

ଦେଇଥିବା ଆଶ୍ୱସ୍ତି ପ୍ରସଙ୍ଗ ଉଲ୍ଲେଖ କରିଥିଲେ। ଅନ୍ୟପକ୍ଷରେ ତେଲଙ୍ଗାନା ପୁଲିସର ଦାବିକୁ ନେଇ ପ୍ରଶ୍ନ ଉଠିଛି। ଅଭିନେତା ନ ଜଣାଇ ଫିଲ୍ମ ହଲ୍‌କୁ ଆସିଥିଲେ ବୋଲି କୁହାଯାଇଛି। ମାତ୍ର ଥିଏଟର ପକ୍ଷରୁ ଏ ନେଇ ପୁଲିସକୁ ଲିଖିତ ଦରଖାସ୍ତ ଦିଆଯାଇଥିଲା ବୋଲି ଜଣାପଡ଼ିଛି। ଏହା ମଧ୍ୟରେ ମୃତ ମହିଳାଙ୍କ ସ୍ୱାମୀ ଏହି ଘଟଣାରେ ଅଭିନେତାଙ୍କର କୌଣସି ଦୋଷ ନାହିଁ ବୋଲି କହିଛନ୍ତି। ସେ ମାମଲା ପ୍ରତ୍ୟାହାର



କରିବାକୁ ଚାହୁଁଛନ୍ତି।

ଏହି ଘଟଣାକୁ ନେଇ ବିରୋଧୀ ବିଆରଏସ ଏବଂ ବିଜେପି ରାଜ୍ୟର କଂଗ୍ରେସ ସରକାରଙ୍କୁ ଦୋଷ ଦେଇଛି। ସରକାର ନିଜ ଦୋଷ ଲୁଚାଇବାକୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ଅଭିନେତାଙ୍କୁ ଦୋଷ ଦେଉଛନ୍ତି ବୋଲି ବିଜେପି ସାଂସଦ ଟି ରାଜା କହିଛନ୍ତି।

**ଆରଜିକେ ହସ୍ପିଟାଲ ଦୁଷ୍କର୍ମ-ହତ୍ୟା ମାମଲା**

# ଠିକଣା ସମୟରେ ଚାର୍ଜସିଟ୍ ଦେଇପାରିଲାନି ସିବିଆଇ; ସନ୍ଦୀପଙ୍କୁ ମିଳିଗଲା ଜାମିନ

କୋଲକାତା,୧୩।୧୨(ଏଜେନ୍ସି): ବହୁ ଚର୍ଚ୍ଚିତ କୋଲକାତା ଆରଜିକେ ହସ୍ପିଟାଲ ଡାକ୍ତର ଦୁଷ୍କର୍ମ ଓ ହତ୍ୟା ଘଟଣା ଶୁକ୍ରବାର ଭିନ୍ନ ମୋଡ଼ ନେଇଛି। ଏହି ଘଟଣାକୁ ପ୍ରାୟ ୪ ମାସ ପୂରିଥିଲେ ମଧ୍ୟ ଘଟଣାର ଯାଞ୍ଚ ଦାୟିତ୍ୱ ନେଇଥିବା ସିବିଆଇ ଅଭିଯୁକ୍ତମାନଙ୍କ ବିରୋଧରେ ଚୂଡାନ୍ତ ଚାର୍ଜସିଟ୍ ଦେବାକୁ ସମର୍ଥ ହୋଇନାହିଁ। ଫଳରେ ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କୁ ଜାମିନ ମିଳିଛି। ଶୁକ୍ରବାର ସ୍ଥାନୀୟ ସିଆଲଦା କୋର୍ଟ ସନ୍ଦୀପଙ୍କୁ ଜାମିନ ପ୍ରଦାନ କରିବା ସହିତ ତଲା ଥାନା ଭାରପ୍ରାପ୍ତ ପୁଲିସ ଅଧିକାରୀ ଅଭିଜିତ ମଣ୍ଡଳଙ୍କୁ ମଧ୍ୟ ଜାମିନ ଦେଇଛନ୍ତି। କେବଳ ସେତିକି ନୁହେଁ, ପୀଡ଼ିତା ଡାକ୍ତରଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ବ୍ରିନ୍ଦା ଗ୍ରୋଭର ମଧ୍ୟ ଏହି ମାମଲା ଆଉ ଲଢ଼ିବେ ନାହିଁ ବୋଲି ମନା କରିଦେଇଛନ୍ତି। ସିବିଆଇ ଅଭିଯୁକ୍ତମାନଙ୍କ ବିରୋଧରେ ଧାର୍ଯ୍ୟ ସମୟ ଅବଧି ମଧ୍ୟରେ ଚାର୍ଜସିଟ୍ ଦେଇପାରି ନଥିବାରୁ ବ୍ରିନ୍ଦା ଏହି ମାମଲାରୁ ଓହରିଯାଇଥିବା କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଅଗଷ୍ଟ ମାସ ୯ ତାରିଖ ମଧ୍ୟ ରାତ୍ରରେ ଆରଜିକେ ହସ୍ପିଟାଲର ଜଣେ ଜୁନିୟର ଡାକ୍ତରଙ୍କୁ ଦୁଷ୍କର୍ମ କରାଯିବା ପରେ ହତ୍ୟା କରାଯାଇଥିଲା। ଏହି ଘଟଣାକୁ ନେଇ ସାରା ଦେଶରେ ହଙ୍ଗାମା ହେବା ପରେ ହାଇକୋର୍ଟଙ୍କ ଠାରୁ ଆରମ୍ଭ କରି



ସୁପ୍ରିମକୋର୍ଟ, ଆଇଏମଏ ଉଦ୍‌ବେଗ ପ୍ରକାଶ କରିଥିଲେ। ଡାକ୍ତରମାନଙ୍କୁ ସୁରକ୍ଷାଦ୍ୱୋ ସହିତ ଏହି ଘଟଣାରେ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିକ୍ଷୋଭ, ଆନ୍ଦୋଳନ ଚାଲିଥିଲା। ଘଟଣାର କିଛି ଦିନ ପରେ ସିବିଆଇ ଯାଞ୍ଚ ଦାୟିତ୍ୱ ଗ୍ରହଣ କରିଥିଲା ବେଳେ ୯୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାକଲ କରିବାକୁ ସିବିଆଇକୁ କୁହାଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ସିବିଆଇ ଅଭିଯୁକ୍ତମାନଙ୍କ ବିରୋଧରେ ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରିପାରି ନାହିଁ।

### କ୍ରିମ୍ ଲଗାଇ ଗୋରା ହେଲେନି ଯୁବକ

## କମ୍ପାନୀ ଉପରେ ୧୫ ଲକ୍ଷ ଜରିମାନା ଲଗାଇଲେ କୋର୍ଟ

ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି): ଗୋରା ହେବା ପାଇଁ ଅନେକ ଉତ୍ପାଦ ବଜାରରେ ମିଳୁଛି। ପ୍ରାୟ ସବୁ କମ୍ପାନୀ ନିଜ ଉତ୍ପାଦ ଲଗାଇଲେ ଗୋରା ହୋଇଯିବେ ବୋଲି ଦାବି କରୁଛନ୍ତି। ଏଥିପାଇଁ ବଡ଼ ବଡ଼ କଳାକାରଙ୍କୁ ନେଇ ବିଜ୍ଞାପନ ମଧ୍ୟ କରୁଛନ୍ତି। ଅନୀଲ ଜୈନ ନାମକ ଜଣେ ଯୁବକ ଗୋରା ହେବାକୁ ଚାହୁଁଥିଲେ। ସେ ନିୟମିତ କ୍ରିମ ଲଗାଇଲେ ଗୋରା ହେଉଥିବା ବିଜ୍ଞାପନ ଦେଖିବାକୁ ପାଇଥିଲେ। ପରେ ୭୯ ଟଙ୍କା ଦେଇ 'ଫେୟାର ଆଣ୍ଡ ହ୍ୟାଣ୍ଡସମ୍' କ୍ରିମ୍ କିଣିଥିଲେ। ବ୍ୟବହାରର ନିୟମାବଳୀ ଦେଖି ସବୁ କିଛି କରିଥିଲେ ମଧ୍ୟ ତାଙ୍କୁ କୌଣସି ଫଳାଫଳ ମିଳି ନ ଥିଲା। ଯୁବକ ଜମାରୁ ଗୋରା ହୋଇ ନ ଥିଲେ। ଏଥିରେ ଅସନ୍ତୁଷ୍ଟ ହୋଇ ଯୁବକ କ୍ରିମ୍ କମ୍ପାନୀ ଇମାମୀ ବିରୋଧରେ ମାମଲା ଦାଏଲ କରିଥିଲେ। କମ୍ପାନୀ ବିଜ୍ଞାପନରେ ଲୋକଙ୍କୁ ଭୁଆଁ ବୁଲାଉଛି ବୋଲି ଦାବି କରିଥିଲେ। ଦାବି ମୁତାବକ ଉତ୍ପାଦ ଫଳାଫଳ ଦେଉନାହିଁ ବୋଲି କହିଥିଲେ। ଗତ ସୋମବାର 'ସେଣ୍ଟ୍ରାଲ ଦିଲ୍ଲୀ ଡିଷ୍ଟ୍ରିକ୍ଟ କଞ୍ଜୁମର ଡିସ୍‌ପ୍ୟୁଟ ରିଡ୍ରେସାଲ କମିଶନ' ୨୦୧୩ର ଏହି ମାମଲାର ଶୁଣାଣି କରି ଯୁବକଙ୍କ ସପକ୍ଷରେ ରାୟ ଦେଇଛନ୍ତି। ଦାବି ମୁତାବକ ଫଳାଫଳ ଦେବାରେ ବିଫଳ ହୋଇଥିବା ପାଇଁ ଇମାମୀ ଲିମିଟେଡ ଉପରେ ୧୫ ଲକ୍ଷ ଟଙ୍କା ଜୋରିମାନା ଲଗାଇଛନ୍ତି। କଞ୍ଜୁମର କୋର୍ଟ ଶୁଣାଣି ସମୟରେ କମ୍ପାନୀକୁ ସମାଲୋଚନା କରିଛନ୍ତି। କମ୍ପାନୀ ଚଳାଇଥିବା ବିଜ୍ଞାପନ ଭ୍ରମାତ୍ମକ ବୋଲି କହିଛନ୍ତି। ବେପାର ପାଇଁ ଅନୁଚିତ ଉପାୟ ଅବଲମ୍ବନ କରାଯାଉଥିବା ମତ ଦେଇଛନ୍ତି।

## ଜାମିନ ସତ୍ତ୍ୱେ ଜେଲ୍‌ରୁ ବାହାରିବେନି ପାର୍ଥ

କୋଲକାତା,୧୩।୧୨(ଏଜେନ୍ସି): ମନି ଲଣ୍ଡରିଂ ମାମଲା ସମେତ 'କ୍ୟାଶ୍ ଫର ଜବ୍' ଘୋଟାଲାରେ ଗିରଫ ହୋଇ ଦୁଇ ବର୍ଷରୁ ଅଧିକ ସମୟଧରି ଜେଲରେ ରହିଥିବା ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କୁ ସୁପ୍ରିମକୋର୍ଟ ଆଗୁଆ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। କିନ୍ତୁ ଏହାସତ୍ତ୍ୱେ ପାର୍ଥ ଜେଲରୁ ମୁକୁଳିପାରିବେନି। କାରଣ ତାଙ୍କ ବିରୋଧରେ ଗୋଟିଏ କି ଦୁଇଟା ନୁହେଁ, ସିବିଆଇ ଏବଂ ଇଡି ଦ୍ୱାରା ୮ଟି ମାମଲା ରୁଜୁ କରାଯାଇଛି। ସୁପ୍ରିମକୋର୍ଟ ଶୁକ୍ରବାର ପାର୍ଥଙ୍କ ଜାମିନ ଆବେଦନର ଶୁଣାଣି କରି ଆବଶ୍ୟକ ସର୍ତ୍ତ ପୂରଣ କରିବା ପରେ ୨୦୨୫ ଫେବୃଆରୀ ୧ରେ ପାର୍ଥ ଜାମିନରେ ମୁକୁଳିପାରିବେ ବୋଲି କହିଥିଲେ। କିନ୍ତୁ ତାଙ୍କ ବିରୋଧରେ ଆହୁରି ମାମଲା ରହିଥିବାରୁ ସେ ଜେଲରୁ ମୁକୁଳିବା ସହଜ ହେବ ନାହିଁ ବୋଲି କୁହାଯାଉଛି।

### ଇଣ୍ଡିଗୋ ବିମାନ ଆସିବାରେ ବିଳମ୍ବ

## ଇସ୍ତାନ୍‌ବୁଲ୍‌ରେ ୨୪ ଘଣ୍ଟା ଧରି ପଡ଼ିରହିଲେ ଯାତ୍ରୀ



ନୂଆଦିଲ୍ଲୀ,୧୩।୧୨(ଏଜେନ୍ସି): ବିମାନ ଚଳାଚଳରେ ବିଳମ୍ବ ହେତୁ ତୁର୍କୀରୁ ଦିଲ୍ଲୀ ଏବଂ ମୁମ୍ବଇ ଆସିବାକୁ ଥିବା ୪୦୦ରୁ ଅଧିକ ଯାତ୍ରୀ ୨୪ ଘଣ୍ଟା ଧରି ଇସ୍ତାନବୁଲ ବିମାନ ବନ୍ଦରରେ ପଡ଼ି ରହିବା ଖବର ସାମ୍ନାକୁ ଆସିଛି। ଏହି ସମସ୍ତ ଯାତ୍ରୀ ଇସ୍ତାନବୁଲରୁ ଇଣ୍ଡିଗୋ ବିମାନରେ ଦିଲ୍ଲୀ ଏବଂ ମୁମ୍ବଇ ଆସିବାର ଥିଲା। ଯାତ୍ରୀମାନେ ବିମାନ ଛାଡିବାର ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ବିମାନ ବନ୍ଦରରେ ପହଞ୍ଚିଥିଲା ବେଳେ ପ୍ରଥମେ ବିମାନ ପହଞ୍ଚିବାରେ ଦେଢରୁ ଦୁଇ ଘଣ୍ଟା ବିଳମ୍ବ ହେବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ପରେ ପରେ ବିଳମ୍ବ ବଢି ଚାଲିଥିଲା। ଏପରିକି ଧାର୍ଯ୍ୟ ସମୟ ଠାରୁ ୨୪ ଘଣ୍ଟା ପର୍ଯ୍ୟନ୍ତ ବିମାନ ଆସି ନଥିଲା। ଏହାଦ୍ୱାରା ଶହ ଶହ ଯାତ୍ରୀ ବିମାନ ବନ୍ଦରରେ ଅଟକି ରହିବା ସହିତ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଏପରିକି ଶୋଇବା ଏବଂ ଖାଇବା ପାଇଁ ମଧ୍ୟ ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନଥିଲା ବୋଲି ଯାତ୍ରୀମାନେ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି। କେବଳ ଖାଇବା ପିଇବା କଥା ନୁହେଁ, ଏଭଳି ତ୍ରୁଟି ପାଇଁ ଇଣ୍ଡିଗୋ କର୍ତ୍ତୃପକ୍ଷ ଯାତ୍ରୀମାନଙ୍କ ଉ।ଦ୍ଦେଶ୍ୟରେ ସମ୍ବେଦନଶୀଳ ନ ହେବା ମଧ୍ୟ ଯାତ୍ରୀମାନଙ୍କୁ କ୍ଷୁବ୍ଧ କରିଛି।

# ଇଡି ଅତ୍ୟାଚାରରେ ବ୍ୟବସାୟୀ ଦମ୍ପତିଙ୍କ ଆତ୍ମହତ୍ୟା

ଭୋପାଳ, ୧୩।୧୨ (ଏଜେନ୍ସି): ମଧ୍ୟପ୍ରଦେଶ ସିହୋର ଜିଲ୍ଲା ଆଷ୍ଟାରେ ବ୍ୟବସାୟୀ ମନୋଜ ପରମାର ଏବଂ ତାଙ୍କ ପତ୍ନୀ ନେହା ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର ସକାଳେ ଘରୁ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଏଠାରୁ ୫ ପୃଷ୍ଠାର ସୁଇସାଇଡ ନୋଟ୍ ଜବତ କରାଯାଇଛି। ଏଥିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବିରୋଧରେ ଗୁରୁତର ଅଭିଯୋଗ ଲଗାଯାଇଛି। ଇଡି ଚାପରେ ଦମ୍ପତି ଏଭଳି ଚରମ ନିଷ୍ପତ୍ତି ନେଲେ ବୋଲି ଅଭିଯୋଗ କରାଯାଇଛି। ବିଜେପିରେ ସାମିଲ ହୋଇଥିଲେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥାଆନ୍ତା ବୋଲି ଇଡି ପକ୍ଷରୁ ତାଙ୍କୁ କୁହାଯାଇଥିଲା। ଏହା ପୂର୍ବରୁ ୮ ଦିନ ତଳେ ଗତ ୫ ତାରିଖରେ ଇଡି ପରମାରଙ୍କ ଇନ୍ଦୋର ଏବଂ ସିହୋର ସ୍ଥିତ ଚାରି ଠିକଣାରେ ଚଢ଼ଉ କରିଥିଲା। ଏଠାରୁ ଅନେକ ସ୍ଥାବର-ଅସ୍ଥାବର ଏବଂ ବେନାମୀ ସମ୍ପତ୍ତିର କାଗଜପତ୍ର ଜବତ କରାଯାଇଥିଲା। ଏହା ସହିତ ୩.୫ ଲକ୍ଷ ଟଙ୍କାର ବ୍ୟାଙ୍କ ବାଲାନ୍ସ ଜବତ କରି ଦିଆଯାଇଥିଲା। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ୬ କୋଟି ଟଙ୍କାର ଋଣ ଠକେଇ ମାମଲାରେ ଏହି ପଦକ୍ଷେପ ନିଆଯାଇଥିଲା। ଏହି ମାମଲାରେ ପରମାରଙ୍କୁ ଗିରଫ କରାଯାଇଥିଲା। ସେ ଏହାକୁ ନେଇ ଚିନ୍ତାରେ ଥିଲେ।

ଇଡିର ଏହି କାର୍ଯ୍ୟାନୁଷ୍ଠାନକୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ ଯୋଡ଼ି ଦେଖାଯାଉଛି। ବିଜେପି ପ୍ରତିଶୋଧପରାୟଣ ହୋଇ ଇଡି ଦ୍ୱାରା ପରମାରଙ୍କ ଉପରେ ଚାପ ପକାଇଥିଲା

**ବିଜେପିରେ ଥିଲେ ମାମଲା ହୋଇ ନ ଥାଆନ୍ତା କହିଥିଲେ ଇଡି ସହାୟକ ନିର୍ଦ୍ଦେଶକ**

ବୋଲି କୁହାଯାଉଛି। ରାହୁଲଙ୍କ ନ୍ୟାୟଯାତ୍ରା ସମୟରେ ମନୋଜ ତାଙ୍କୁ କୁମ୍ଭୀ ଉପହାର ଦେଇଥିଲେ। ଏହା ପରଠୁ ସେ ଚର୍ଚ୍ଚାରେ ରହିଥିଲେ। ଏହି ଘଟଣା ପରଠାରୁ ବିଜେପି ତାଙ୍କୁ ନିଶାଣ କରୁଥିଲା ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ମନୋଜଙ୍କ ତିନି ସନ୍ତାନ ଅଛନ୍ତି। ତାଙ୍କ ବଡ଼ ପୁଅ ଜତିନ (୧୬) କହିଛନ୍ତି ଯେ ଇଡି ଅଧିକାରୀ ମାନସିକ ଚାପ ପକାଉ ଥିଲେ।



ଏଥିପାଇଁ ମାତାପିତା ଆତ୍ମହତ୍ୟା କଲେ। ମନୋଜଙ୍କ ଭାଇ ତଥା ହର୍ଷପୁରର ସରପଞ୍ଚ ରାଜେଶ ପରମାର କହିଛନ୍ତି ଯେ ଇଡି ଚାପରେ ଭାଇ ଚିନ୍ତିତ ଥିଲେ। ବିଜେପି ଲୋକ ମଧ୍ୟ ସମସ୍ୟା ସୃଷ୍ଟି କରୁଥିଲେ। ଏଥିପାଇଁ ସେ ଏହି ପଦକ୍ଷେପ ନେଇଥିଲେ।

ପୁଲିସ ସୂଚନା ଅନୁଯାୟୀ ମନୋଜଙ୍କ ସୁଇସାଇଡ ନୋଟରେ ଇଡି ଚଢ଼ଉ ବିଷୟରେ ଲେଖାଯାଇଛି। ଅଧିକାରୀ ଉତ୍ପୀଡ଼ନ ଦେଇଥିବା ଅଭିଯୋଗ ମଧ୍ୟ ଲଗାଇଛନ୍ତି। ଏଥିରେ କୁହାଯାଇଛି ଯେ ଗତ ୫ ତାରିଖରେ ଇଡି ଚଢ଼ଉ କରି ୧୦ ଲକ୍ଷ ଟଙ୍କା, ଅଳଙ୍କାର ଏବଂ ଅସଲି କାଗଜପତ୍ର ନେଇ ପଳାଇ ଥିଲା। ଇଡିର ସହାୟକ ନିର୍ଦ୍ଦେଶକ ସଞ୍ଜିତ କୁମାର ସାହୁ ଗାଳି କରି ବାଡ଼େଇ ଥିଲେ। ଭଗବାନ ଶିବଙ୍କ ମୂର୍ତ୍ତି ଭାଙ୍ଗି ଦେଇଥିଲେ। ବିଜେପିରେ ଥିଲେ ମାମଲା ଚାଲି ନ ଥାଆନ୍ତା ବୋଲି କହିଥିଲେ। ସଞ୍ଜିତ କୁମାର ତାଙ୍କ କାନ୍ଧରେ ପାଦ ରଖିଥିଲେ। ପିଲାଙ୍କୁ ବିଜେପିରେ ସାମିଲ କରି ରାହୁଲଙ୍କ ବିରୋଧରେ ଭିଡିଓ ପ୍ରସ୍ତୁତ କରିବାକୁ ଚାପ ପକାଇ ଥିଲେ। ସେ ବୟାନ ନ ନେଇ ନିଜେ ଏହା ଲେଖିଥିଲେ। ସ୍ୱାକ୍ଷର ମଧ୍ୟ କରାଇ ନେଇଥିଲେ। ଘରୁ ଫୋନ୍ ଏବଂ କାଗଜପତ୍ର ନେଇ ଯାଇଥିଲେ। ଏତେ ଧାରା ଲଗାଇବୁ ଯେ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବା ସତ୍ତ୍ୱେ ବି ହଟିବନି ବୋଲି ଅଧିକାରୀ କହିଥିଲେ। ତେଣୁ ମାମଲାର ରଫାଦଫା କରି ମୁକ୍ତ ହେବାକୁ ଚାପ ପକାଇ ଥିଲେ।

### ଓଡ଼ିଶା ବିଜେପି 'ଏକ୍ସ' ହ୍ୟାଣ୍ଡଲରେ ନବୀନଙ୍କ ବିକୃତ ଫଟୋ

# ବିଜେପିର ମାନସିକତାକୁ ରାଜ୍ୟବ୍ୟାପୀ ନିନ୍ଦା

**ସାମାଜିକ ଗଣମାଧ୍ୟମରେ ବିଜେପିକୁ କଟୁ ସମାଲୋଚନା**

**କଡ଼ା ସମାଲୋଚନା କଲେ ବିଜେଡିର ସମସ୍ତ ସାତ ସାଂସଦ**

**ଦଳମତ ନିର୍ବିଶେଷରେ ସବୁ ମହଲରେ ଉଠିଲା ବିରୋଧର ସ୍ୱର**

**ଭୁବନେଶ୍ୱର,୧୩।୧୨(ସମିସ):** ଦେଶର ସାମ୍ପ୍ରତିକ ରାଜନୀତିରେ ସବୁଠାରୁ ଭଦ୍ର ଓ ଶାଳୀନ ରାଜନେତା ଭାବରେ ନବୀନ ପଟ୍ଟନାୟକଙ୍କ ସ୍ଥାନ ସବୁଠୁ ଊର୍ଦ୍ଧ୍ୱରେ। କାହାକୁ ସମାଲୋଚନା ତ ଦୂରର କଥା କାହା ପ୍ରତି ସେ କଟୁ ଶବ୍ଦ ପ୍ରୟୋଗ କରିବାର ଦୃଷ୍ଟାନ୍ତ ନାହିଁ । ମାତ୍ର ରାଜନୀତିରେ ସର୍ବଦା ନୀଚ ମାନସିକତା ପୋଷଣ କରୁଥିବା ଓଡ଼ିଶାର ବିଜେପି ନେତାମାନେ ଯେପରି ନିଜ ସୋସିଆଲ ମିଡ଼ିଆ ହ୍ୟାଣ୍ଡଲରେ ବିଜେଡ଼ି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ବିକୃତ ଓ କୁତ୍ସିତ ଫଟୋ ପୋଷ୍ଟ କରିଛନ୍ତି, ସେଥିରୁ ବିଜେପି ରାଜନୀତିର ସଂଜ୍ଞା ଓ ସୌଜନ୍ୟକୁ ଦଳିମକଚି ଦେଇଥିବା ଅନୁଭୂତ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିବାକୁ ଯାଇ ଅତ୍ୟନ୍ତ ଅରୁଚିକର ଭାବରେ ନବୀନଙ୍କ ବିକୃତ ଫଟୋ ପୋଷ୍ଟ କରିଛି।

ରାଜ୍ୟରେ ସୃଷ୍ଟି ହୋଇଥିବା ଆଳୁ ସଙ୍କଟର ସମାଧାନରେ ବିଜେପି ସରକାର ବିଫଳ ହୋଇଥିବାବେଳେ ଏଥିପାଇଁ ଅରୁଚିକର ଓ କୁତ୍ସିତ ଭାବରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରିଛି । ରାଜନୀତିରେ ଆରୋପ-ପ୍ରତ୍ୟାରୋପ ଏକ ସାଧାରଣ ଘଟଣା ଓ ମର୍ଯ୍ୟାଦାଜନକ ଭାବରେ ସମାଲୋଚନା ରାଜନୀତିର ସୌନ୍ଦର୍ଯ୍ୟକୁ ପରିସ୍ଫୁଟ କରିଥାଏ । ମାତ୍ର ବିଜେପି ଯେପରି ସୌଜନ୍ୟତାର ସବୁ ସୀମା ଅତିକ୍ରମ କରିଛି ତାହାକୁ ନେଇ ରାଜ୍ୟସାରା ସୃଷ୍ଟି ହୋଇଛି ଆଲୋଡ଼ନ। ସାମାଜିକ ଗଣମାଧ୍ୟମରେ ଏଥିପାଇଁ ବିଜେପି ୟୁଜରମାନଙ୍କର କଟୁ ସମାଲୋଚନାର ଶରବ୍ୟ ହୋଇଛି । ବିଜେଡିର ସମସ୍ତ ୭ ଜଣ ସାଂସଦ ଏଥିପାଇଁ ମଧ୍ୟ କଡ଼ା ଭାଷାରେ ବିଜେପିକୁ ସମାଲୋଚନା କରିଛନ୍ତି, ଦଳମତ ନିର୍ବିଶେଷରେ ଅନ୍ୟ ରାଜନୈତିକ ଦଳର ନେତାମାନେ ମଧ୍ୟ ବିଜେପିର କାର୍ଯ୍ୟକୁ ନିନ୍ଦା କରିଛନ୍ତି ।

ନବୀନଙ୍କ ବିକୃତ ଫଟୋ ପ୍ରସାରଣକୁ ନେଇ ବିଜେଡି ସାଂସଦମାନେ ଟ୍ୱିଟ୍ କରି କ୍ଷୋଭ ପ୍ରକାଶ କରିଛନ୍ତି। ସାଂସଦ ସସ୍ମିତ ପାତ୍ର, ମାନସ ମଙ୍ଗରାଜ, ସୁଲତା ଦେଓ, ମୁନ୍ନା ଖାଁ, ଦେବାଶିଷ ସାମନ୍ତରାୟ, ଶୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି ପ୍ରମୁଖ ପ୍ରଧାନମନ୍ତ୍ରୀ ମୋଦୀଙ୍କଠାରୁ ଆରମ୍ଭ କରି ଦଳର ରାଷ୍ଟ୍ରୀୟ ଅଧକ୍ଷ ଜେ.ପି.ନଡ୍ଡାଙ୍କ ପର୍ଯ୍ୟନ୍ତ ଟ୍ୟାଗ୍ କରି ରାଜ୍ୟ ବିଜେପିର ହୀନ ମାନସିକତାକୁ ସମାଲୋଚନା କରିଛନ୍ତି । ଗତ ନିର୍ବାଚନରେ ଓଡ଼ିଶାରେ ବିଜେପିଠାରୁ ବିଜେଡି ଅଧିକ ଭୋଟ ପାଇଛି, ମାତ୍ର ଆସନ ଗଣିତରେ ବିଜେପି ସରକାର ଗଠନ କରିବା ପରେ ଅହଂକାରୀ ମନୋଭାବ ପୋଷଣ କରିବାକୁ ବିଜେଡି ସାଂସଦମାନେ ନିନ୍ଦା କରିଛନ୍ତି। ନିଜ ବିଫଳତାକୁ ଲୁଚାଇବାପାଇଁ ବିଜେପି ଯେଉଁ ଢ଼ଙ୍ଗରେ କାର୍ଯ୍ୟ କରିଛି ତାହା କେବେ ବି ଭଦ୍ରୋଚିତ ବୋଲି କୁହାଯାଇ ପାରିବ ନାହିଁ। ଏହିପରି ଆଚରଣ ପାଇଁ ସାରା ଦେଶରେ ବିଜେପି ନିନ୍ଦିତ ହେଉଛି। ଏହା ସତ୍ତ୍ୱେ ବିଜେପି ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇ ନବୀନ ପଟ୍ଟନାୟକ ଯେପରି ଉଦାରତା ପ୍ରଦର୍ଶନ କରିଥିଲେ, ତାହାକୁ ସାରା ଦେଶ ପ୍ରଶଂସା କରିଥିଲା। ଜାତୀୟ ଗଣମାଧ୍ୟମଗୁଡ଼ିକ ନବୀନଙ୍କ ଉଦାରତାକୁ ଭୁରିଭୁରି ପ୍ରଶଂସା କରିବା ସହ ତାଙ୍କଠାରୁ ରାଜନୈତିକ ସୌଜନ୍ୟତା ଅନ୍ୟ ରାଜନୈତିକ ଦଳଗୁଡ଼ିକ ଶିକ୍ଷା କରିବା ଆବଶ୍ୟକ ବୋଲି କହିଥିଲେ। ମାତ୍ର ଏହା ସତ୍ତ୍ୱେ ବିଜେପି ଏହି ସୌଜନ୍ୟତାର ଅର୍ଥ ବୁଝି ପାରିଲା ନାହିଁ।

ବରିଷ୍ଠ ରାଜନେତା ସୁରେଶ ରାଉତରାୟ ବିଜେପି ଆଇଟି ସେଲ୍‌ର ଏପରି କାର୍ଯ୍ୟକୁ କଟୁ ନିନ୍ଦା କରିଛନ୍ତି । ସେ କହିଛନ୍ତି ନବୀନ ପଟ୍ଟନାୟକ ହିମାଳୟ ସଦୃଶ। ବିଜେପି ଭୟରେ ନବୀନଙ୍କ କୁତ୍ସାରଟନା କରୁଛି। ୬ ମାସ ମଧ୍ୟରେ ବିଜେପି ସରକାର କିଛି କରିପାରି ନାହିଁ, ତେଣୁ ଭୟଭୀତ ହୋଇ ଅରୁଚିକର ଭାବରେ ନବୀନଙ୍କୁ ସମାଲୋଚନା କରୁଛନ୍ତି ବୋଲି ସୁରେଶ କହିଛନ୍ତି। ସେହିପରି ବିଜେଡି ସାଂସଦ ମାନସ ମଙ୍ଗରାଜ କଠୋର ଶବ୍ଦରେ ବିଜେପିର ଏପରି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ନବୀନଙ୍କ ପରି ଉତ୍ତୁଙ୍ଗ ରାଷ୍ଟ୍ରନାୟକଙ୍କ ପ୍ରତି ବିଜେପିର ଏପରି ନିମ୍ନରୁଚିର ସମାଲୋଚନା କେବେ ବି ରାଜ୍ୟବାସୀ ଗ୍ରହଣ କରିବେ ନାହିଁ। ଗଣତନ୍ତ୍ରରେ ସମାଲୋଚନା ଏକ ସାଧାରଣ କଥା, ମାତ୍ର ଏହା ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ସାଂସଦ ସସ୍ମିତ ପାତ୍ର ମଧ୍ୟ ଅତ୍ୟନ୍ତ କଠୋର ଭାବରେ ବିଜେପି ଆଇଟି ସେଲ୍‌ର ଏପରି କାର୍ଯ୍ୟକୁ ସମାଲୋଚନା କରି ଦଳର ଜାତୀୟ ନେତୃତ୍ୱଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସାଢ଼େ ଚାରିକୋଟି ଲୋକଙ୍କ ଆଦର ଜନନେତା ତଥା ମୁଖ୍ୟମନ୍ତ୍ରୀ ଭାବରେ ୨୪ ବର୍ଷ କାର୍ଯ୍ୟ କରିଥିବା ଜଣେ ଉତ୍ତୁଙ୍ଗ ଜନନାୟକଙ୍କ ପ୍ରତି ଏପରି ଅଶୋଭନୀୟ ଆଚରଣ ଗ୍ରହଣୀୟ ନୁହେଁ ବୋଲି ସସ୍ମିତ କହିଛନ୍ତି ।

ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ମଧ୍ୟ ବିଭିନ୍ନ ବର୍ଗର ଲୋକମାନେ ଏହାକୁ ତୀବ୍ର ନିନ୍ଦା କରିଛନ୍ତି। ନିଜ ସରକାରର ଆଳୁ ବିଫଳତାକୁ ଲୁଚାଇବା ପାଇଁ ବିଜେପି ସରକାର ନାଟକ କରୁଥିବା ଅଭିଯୋଗ କରିଛନ୍ତି। ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଆଳୁ କିଲୋ ୨୦/୩୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଏବେ ତାହା ୬୦/୭୦ ଟଙ୍କାରେ ପହଞ୍ଚିଛି ବୋଲି ଲୋକମାନେ ଲେଖିଛନ୍ତି। ଅନନ୍ତ ମହାନ୍ତି ନାମକ ଜଣେ ୟୁଜର ଆଳୁ ମିଶନ ସଫଳ ହେଉ କି ନ ହେଉ, ଲୋକମାନେ ୨୦ ଟଙ୍କାରେ ଆଳୁ କିଣୁଥିଲେ ଓ ଏବେ ତାହା ୬୦ରେ ପହଞ୍ଚିଲାଣି ବୋଲି ଲେଖିଛନ୍ତି।

# ସୁଜିତ କୁମାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ



**ଭୁବନେଶ୍ୱର, ୧୩।୧୨(ସମିସ):** ଓଡ଼ିଶାରୁ ଏକମାତ୍ର ରାଜ୍ୟସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ସୁଜିତ କୁମାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉପନିର୍ବାଚନ ପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ସୁଜିତ ନାମାଙ୍କନ ଦାଖଲ କରିଥିବାରୁ ତାଙ୍କୁ ନିର୍ବାଚିତ ଘୋଷଣା କରାଯାଇଛି। ରିଟର୍ଣ୍ଣିଂ ଅଫିସର ଅବନୀକାନ୍ତ ପଟ୍ଟନାୟକ ସୁଜିତ କୁମାରଙ୍କୁ ବିଜୟ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ସଂସଦରେ କଳାହାଣ୍ଡି ତଥା ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପସ୍ଥାପନା କରିବେ ବୋଲି ସୁଜିତ ନିଜ ପ୍ରତିକ୍ରିୟାରେ କହିଛନ୍ତି।

ସୂଚନାଯୋଗ୍ୟ ଗତ ସେପ୍ଟେମ୍ବର ୬ ତାରିଖରେ ସୁଜିତ କୁମାର ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ଉପ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସେ ବିଜେପିରୁ ଗତ ୯ ତାରିଖରେ ନାମାଙ୍କନ ଦାଖଲ କରିଥିଲେ। ରାଜ୍ୟସଭା ସଦସ୍ୟ ଭାବେ ତାଙ୍କର କାର୍ଯ୍ୟକାଳ ଏପ୍ରିଲ ୨୦୨୬ ଯାଏଁ ରହିଛି।

### ■ ଝାରସୁଗୁଡ଼ା ପୌର ପରିଷଦରେ ମଶାତେଲ କିଣା ଦୁର୍ନୀତି

# ୪ଜଣଙ୍କୁ ବାନ୍ଧିଲା ଭିଜିଲାନ୍ସ

**ଝାରସୁଗୁଡ଼ା, ୧୩।୧୨ (ସମିସ):** ଝାରସୁଗୁଡ଼ା ପୌରପରିଷଦରେ ମଶାତେଲ କିଣା ଦୁର୍ନୀତି ଘଟଣାରେ ଭିଜିଲାନ୍ସ ଆଜି ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ତତ୍କାଳୀନ ପୌର ନିର୍ବାହୀ ଅଧିକାରୀ ମନୋଜ ତାଣ୍ଡି, ଆକାଉଣ୍ଟାଣ୍ଟ ଅଚ୍ୟୁତାନନ୍ଦ ସ୍ୱାଇଁ, ସାନିଟେସନ ଏକ୍ସପର୍ଟ ବିଶ୍ୱରଞ୍ଜନ ସାହୁ ଓ ମଶାତେଲ ଯୋଗାଇଥିବା ଫ୍ୟୁଜନ୍ ଗ୍ରୁପ୍ ମାଲିକ ଆଶୁତୋଷ ଅଗ୍ରୱାଲ। ଗିରଫ ଅଭିଯୁକ୍ତମାନଙ୍କୁ ସମ୍ବଲପୁର ଭିଜିଲାନ୍ସ କୋର୍ଟରେ ହାଜର କରାଯିବ ବୋଲି ଭିଜିଲାନ୍ସ ବିଭାଗ ସୂଚନା ଦେଇଛି।

ଗତକାଲି ଝାରସୁଗୁଡ଼ା ପୌର ପରିଷଦର ଦୁଇ ଅଧିକାରୀଙ୍କ ସହ ସପ୍ଲାୟରଙ୍କୁ ସୁନ୍ଦରଗଡ଼ ଭିଜିଲାନ୍ସ ଅଫିସ୍‌ରେ ଜେରା କରାଯିବା ପରେ ଆଜି ଝାରସୁଗୁଡ଼ା ଅଣାଯାଇଥିଲା।

ସୂଚନାଯୋଗ୍ୟ, ଝାରସୁଗୁଡ଼ା ପୌର ପରିଷଦରେ ଗତ ୨୦୧୯ ଜୁନ୍‌ରୁ ୨୦୨୨ ନଭେମ୍ବର ପର୍ଯ୍ୟନ୍ତ ମଶାତେଲ ଲିଟର ପିଛା ୭୭ ଟଙ୍କା ହିସାବରେ ଯୋଗାଣ କରାଯାଇଥିଲା। ଓଡ଼ିଶା ରବର ଉଦ୍ୟୋଗ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଦୁଇ ହଜାର ଲିଟର ମଶା ତେଲକୁ ଲିଟର ପିଛା ୭୭ଟଙ୍କା ହିସାବରେ ୧ ଲକ୍ଷ ୫୪ ହଜାର ଟଙ୍କା ଦିଆଯାଇଥିଲା। ହେଲେ ଏହି ଟେଣ୍ଡର୍ ଅବଧି ଶେଷ ହେବା ପରେ ଗତ ମାର୍ଚ୍ଚ-୨୦୨୩ରୁ ନଭେମ୍ବର-୨୦୨୩ ପର୍ଯ୍ୟନ୍ତ ମଶାତେଲ ଲିଟର ପିଛା ୭୪୦ ଟଙ୍କା ହିସାବରେ ଫ୍ୟୁଜନ୍ ଗ୍ରୁପ୍ ଝାରସୁଗୁଡ଼ା ଯୋଗାଇଥିଲା। ପୌରପରିଷଦ ୫୫ ଲକ୍ଷ ୫୦ ହଜାର ଟଙ୍କାରେ ମୋଟ ୭ହଜାର ୫ଶହ ଲିଟର ମଶାତେଲ କିଣିଥିଲା। ଏଥିରୁ ଦୁର୍ନୀତିର ଗନ୍ଧ ଆସିବାରୁ ସ୍ଥାନୀୟ କିଛି ଲୋକେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।

ଗତ ୩ତାରିଖରେ ଭିଜିଲାନ୍ସର ଏକ ଟିମ୍ ଝାରସୁଗୁଡ଼ା ପୌର ପରିଷଦରେ ଚଢ଼ଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲା। ପରେ ଗତ ମଙ୍ଗଳବାର ମଶାତେଲ କିଣାଯାଇଥିବା ହୋଲସେଲରଙ୍କ ଗୋଦାମରେ ଚଢ଼ଉ କରି ବିଭିନ୍ନ କାଗଜ ପତ୍ର ଜବତ କରିଥିଲା। ଜବତ କାଗଜପତ୍ର ଅନୁଧ୍ୟାନରୁ ଦୁର୍ନୀତି ହୋଇଥିବା ସ୍ପଷ୍ଟ ହେବା ପରେ ଭିଜିଲାନ୍ସ ଆଜି ୪ଜଣଙ୍କୁ ଗିରଫ କରିଛି। ଏହାସହ ଏହି ଦୁର୍ନୀତି ମାମଲାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ଭିଜିଲାନ୍ସ ତଦନ୍ତ ଜାରି ରଖିଛି।

# କେବିସିରେ ୫୦ ଲକ୍ଷ ଜିତିଲେ ଚୌଦ୍ୱାରର ପଙ୍କଜିନୀ



**ଭୁବନେଶ୍ୱର୧୩।୧୨(ସମିସ):** ରିୟଲିଟି ଶୋ' କୌନ୍‌ବନେଗା କରୋଡପତିରେ ଜଲୱା ଦେଖାଇଛନ୍ତି କଟକ ଚୌଦ୍ୱାରର ମହିଳା ବ୍ୟବସାୟୀ ପଙ୍କଜିନୀ ଦାଶ। ୫୦ ଲକ୍ଷ ଟଙ୍କା ଜିତି ସେ କେବିସିରୁ ଓହରି ଯାଇଛନ୍ତି। ୧ କୋଟି ଟଙ୍କାର ଅନ୍ତିମ ପ୍ରଶ୍ନର ଉତ୍ତର ସେ ଜାଣିଥିଲେ ସୁଦ୍ଧା କୌଣସି ରିସ୍କ ନେବାକୁ ଚାହିଁ ନଥିଲେ। ଏହି ସଫଳତା ପଛରେ ତାଙ୍କ ପରିବାର, ସ୍ୱାମୀ ଓ ପୁଅର ବଡ଼ ଭୂମିକା ରହିଥିବା ସେ କହିଛନ୍ତି।୨୪ବର୍ଷ ଧରି ସେ ଏହି ଶୋ'ରେ ଭାଗ ନେବାକୁ ପ୍ରୟାସ କରୁଥିବା ବେଳେ ଶେଷରେ ତାଙ୍କର ଇଚ୍ଛା ପୂରଣ ହୋଇଛି। ଶୋ'ର ହୋଷ୍ଟ ଅମିତାଭ ବଚନଙ୍କ ସହ ସିଧାସଳଖ କଥା ହେବାର ସୁଯୋଗ ପାଇବା ଏହି ଲୋକପ୍ରିୟ ଶୋ'ରେ ଭାଗ ନେଇ ସେ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି। ତେବେ ପଙ୍କଜିନୀ ଜଣେ ଫାର୍ମାସିଷ୍ଟ ହୋଇଥିବା ବେଳେ ମା' ଶରାଳା ନାମକ ଏକ ମେଡ଼ିକାଲ ଷ୍ଟୋର ଚଳାଉଛନ୍ତି। ପରିବାରର ଦେଖାଶୁଣା କରିବା ସହ ସ୍ୱାମୀ, ପିଲାମାନଙ୍କ ଦାୟିତ୍ୱକୁ ସୁରାରୁ ରୂପେ ତୁଲାଇବା ସହ ବ୍ୟବସାୟ କ୍ଷେତ୍ରରେ ମଧ୍ୟ ସେ ଲୋକପ୍ରିୟତା ହାସଲ କରିଥିବାରୁ ତାଙ୍କର କାର୍ଯ୍ୟଦକ୍ଷତାକୁ ଅମିତାଭ ବଚନ୍ ସାଧୁବାଦ ଜଣାଇଛନ୍ତି। ଏହି ଶୋ'ରେ ତାଙ୍କ ସହ ତାଙ୍କ ପୁଅ ଅର୍ଜୁନ ଉପସ୍ଥିତ ରହିଥିବା ବେଳେ ଏଥିରେ ଭାଗ ନେବାକୁ ପୁଅର ମଧ୍ୟ ବହୁ ସହଯୋଗ ରହିଥିବା ପଙ୍କଜିନୀ କହିଛନ୍ତି।

### ଓଡ଼ିଶା ସରକାରୀ ଭୂ-ବନ୍ଦୋବସ୍ତ ନିୟମାବଳୀ-୧୯୮୩ରେ ସଂଶୋଧନ

# ମିଳିଥିବା ଜମିକୁ ବିକିପାରିବେନି ବାସହୀନ

**ବାସହୀନଙ୍କୁ ୧୦ ଡିସିମିଲ ବଦଳରେ ସର୍ବାଧିକ ୪ ଡିସିମିଲ ଜମି ମିଳିବ**

**ଜମିଜମା ଆପତ୍ତି, ପରାମର୍ଶ ଶୁଣିବା ପାଇଁ ମିଳିବ ୩୦ ଦିନର ମହଲତ**

**ଭୁବନେଶ୍ୱର,୧୩।୧୨(ସମିସ):** ଏଣିକି ରାଜ୍ୟରେ ବାସହୀନଙ୍କୁ ସରକାର ଦେଉଥିବା ଜମି ବିକ୍ରି(ହସ୍ତାନ୍ତର) ହୋଇପାରିବ ନାହିଁ। କେବଳ ବଂଶାନୁକ୍ରମିକ ସୂତ୍ରରେ ଏହି ଜମିକୁ ଉପଯୋଗ କରିହେବ। ଗୁରୁବାର ରାଜସ୍ୱ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ବାସହୀନଙ୍କୁ ସର୍ବାଧିକ ୧୦ଡିସିମିଲ୍ ଜମି ଦେବାର ବ୍ୟବସ୍ଥା ଥିବାବେଳେ ଏଣିକି ସର୍ବାଧିକ ୪ ଡିସିମିଲ ଜମି ମିଳିବ। ଅପରପକ୍ଷେ ଯଦି କୌଣସି ପରିବାର ଏକାଠି ରହୁଥିବେ, ସେମାନଙ୍କର ବାସଜମିର ପରିମାଣ ୪ଡିସିମିଲରୁ କମ୍ ଥିବ ଏବଂ ତାହା ଚଳିବା ପାଇଁ ଯଥେଷ୍ଟ ହେଉ ନ ଥିବ, ତା'ହେଲେ ସମ୍ପୃକ୍ତ ପରିବାର ଅବଶିଷ୍ଟ ଜମି(ସର୍ବାଧିକ ୪ଡିସିମିଲ ପର୍ଯ୍ୟନ୍ତ) ପାଇବାକୁ ମଧ୍ୟ ଯୋଗ୍ୟ ହେବେ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ଓଡ଼ିଶା ସରକାରୀ ଭୂ-ବନ୍ଦୋବସ୍ତ ନିୟମାବଳୀ-୧୯୮୩ରେ ସଂଶୋଧନ କରାଯାଇଛି। ଏହି ଚିଠା ସଂଶୋଧନ ବିଜ୍ଞପ୍ତିକୁ ରାଜସ୍ୱ ବିଭାଗ ଗୁରୁବାର ଜାରି କରିଛି। ଏହାସହ ବିଭାଗ ମଧ୍ୟ ସାଧାରଣ ଲୋକଙ୍କଠୁ ଆପତ୍ତି-ପରାମର୍ଶ ଲୋଡ଼ିଛି। ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ଦିନ ପର୍ଯ୍ୟନ୍ତ ଆପତ୍ତି, ପରାମର୍ଶ ଦେବାକୁ କୁହାଯାଇଥିବା ବେଳେ ଏହାଉପରେ ରାଜ୍ୟ ସରକାର ବିଚାର ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ବିଭାଗର ବିଜ୍ଞପ୍ତି ଅନୁଯାରେ ଏହି ଚିଠା ସଂଶୋଧନ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ(ଦ୍ୱିତୀୟ ସଂଶୋଧନ) ନିୟମାବଳୀ-୨୦୨୪ ଭାବେ ବିବେଚନା କରାଯିବ। ଓଡ଼ିଶା ସରକାରୀ ଭୂ-ବନ୍ଦୋବସ୍ତ ନିୟମାବଳୀ-୧୯୮୩ର ନିୟମ-୨ର ଉପନିୟମ(୧)ରେ 'ଗୋଟିଏ ଏକରର ୨୫ଭାଗରୁ ଭାଗେ' ଜମି ଉଲ୍ଲେଖ କରାଯାଇଛି। ଅର୍ଥାତ୍ ବାସହୀନଙ୍କୁ ଏଣିକି ୪ଡିସିମିଲ ଜମି ମିଳିପାରିବ। ସେହିପରି ଉପଧାରା-୨ରେ ଥିବା ପ୍ରାବଧାନ ବଦଳରେ ବାସହୀନ ବ୍ୟକ୍ତିଙ୍କୁ ଦିଆଯାଉଥିବା ଜମିକୁ ହସ୍ତାନ୍ତର ଯୋଗ୍ୟ(ଖର୍ଦ୍ଦି-ବିକ୍ରି ହୋଇପାରିବ ନାହିଁ) ନୁହେଁ ଓ କେବଳ ଉତ୍ତରାଧିକାରୀ ସୂତ୍ରରେ ଉପଯୋଗ କରିହେବ ବୋଲି ଚିଠା ସଂଶୋଧନରେ ବ୍ୟବସ୍ଥା ହୋଇଛି। ବାସହୀନଙ୍କୁ ସର୍ବାଧିକ ୧୦ ଡିସିମିଲ ପର୍ଯ୍ୟନ୍ତ ଜମି ବଦଳରେ ଏକ ଏକରର ୨୫ଭାଗରୁ ଭାଗେ ଜମି ଦିଆଯିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

### ପଞ୍ଚମ ଅଭିଯୋଗରେ ବି ମିଳିଲା ଜାମିନ୍

# ୨୧ ଦିନ ପରେ ଜେଲରୁ ମୁକୁଳିଲେ ଭବପ୍ରସାଦ



**ଯାଜପୁର, ୧୩।୧୨(ସମିସ):** ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ପରିକ୍ରମା ପ୍ରକଳ୍ପ ପାଇଁ ଲଢ଼େଇ କରି ଜେଲ୍ ଯାଇଥିବା ବିଜେଡି ନେତା ଭବପ୍ରସାଦ ଦାସ ୨୧ ଦିନ ପରେ ଆଜି ଜେଲରୁ ମୁକୁଳିଛନ୍ତି। ତାଙ୍କ ବିରୋଧରେ ରୁଜୁ ୪ଟି ମାମଲାରେ ପୂର୍ବରୁ ଅଦାଲତ ଜାମିନ୍ ମଞ୍ଜୁର କରିସାରିଥିବା ବେଳେ ଆଜି ଜାତିଆଣ ଆକ୍ଷେପ ଜନିତ ମାମଲାରେ ବି କୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ୍ ପ୍ରଦାନ କରିଛନ୍ତି। ଫଳରେ ଆଜି ଭବପ୍ରସାଦ ଯାଜପୁର ଉପକାରାଗାରରୁ ମୁକୁଳିଛନ୍ତି।

ଗତ ନଭେମ୍ବର ୨୪ରେ ଭବପ୍ରସାଦଙ୍କ ବିରୋଧରେ ନାୟକସାହି ଅଞ୍ଚଳର ସଂସଧର ସାମଲଙ୍କ ପତ୍ନୀ ଗୁନ୍ତିଆ ସାମଲ ଜାତିଆଣ ଆକ୍ଷେପ ଅଭିଯୋଗ ଆଣିଥିଲେ। କିନ୍ତୁ ଏହାର ଠିକ୍ ପୂର୍ବଦିନ ଅର୍ଥାତ୍ ୨୩ ତାରିଖରେ ଭବପ୍ରସାଦ ଅନ୍ୟ ଅଭିଯୋଗ (ଯାଜପୁର ଟାଉନ ଥାନା ଦ୍ୱାରା ଥାନା ଘେରଉ, ରାସ୍ତାରୋକ ଘଟଣା)ରେ ଗିରଫ ହୋଇସାରିଥିଲେ। ପୁଲିସ୍ ଅଭିଯୋଗ ପାଇବା କ୍ଷଣି ହିଁ ତାଙ୍କ ନାମରେ ମାମଲା ରୁଜୁ କରିଦେଇଥିଲା। କିନ୍ତୁ ଏହା ପରଠାରୁ ଅଭିଯୋଗକାରୀଙ୍କ କୌଣସି ପତ୍ତା ମିଳିନଥିଲା। ଏପରିକି, ଜିଲ୍ଲା ଅଦାଲତଙ୍କ ନିକଟରେ ସେ ହାଜର ହୋଇନଥିଲେ। ଡାକ ଯୋଗେ ଯାଇଥିବା କୋର୍ଟ ନୋଟିସ୍ ମଧ୍ୟ ତାଙ୍କ ନିକଟରେ ପହଞ୍ଚିନଥିଲା। ତେଣୁ ଅଭିଯୋଗକାରିଣୀଙ୍କୁ ଅଦାଲତରେ ହାଜର କରାଇବାକୁ ଅଦାଲତ ଯାଜପୁର ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାଜପୁର ଏସ୍‌ପିଙ୍କୁ ମଧ୍ୟ ଏନେଇ ଅବଗତ କରାଯାଇଥିଲା। କିନ୍ତୁ ତାଙ୍କୁ ହାଜର କରାଯାଇନଥିଲା।

ଭବପ୍ରସାଦ ଜଣେ କର୍କଟ ରୋଗୀ ହୋଇଥିବାରୁ ତାଙ୍କୁ ଚିକିତ୍ସା ପାଇଁ ଅନୁମତି ଦେବାକୁ ପୂର୍ବରୁ ସେ ଅଦାଲତଙ୍କୁ ନିବେଦନ କରିଥିଲେ। ଉକ୍ତ ଆବେଦନକୁ ଗ୍ରହଣ କରି ଅଦାଲତ ଆଜି ଭବପ୍ରସାଦଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି ବୋଲି ସରକାରୀ ଓକିଲ ସମରେନ୍ଦ୍ର ଦାସ ସୂଚନା ଦେଇଛନ୍ତି। ଆଜି ଅପରାହ୍ଣରେ ଭବପ୍ରସାଦ ଜାମିନ ବଣ୍ଡ ସହାୟତାରେ ଜେଲରୁ ମୁକୁଳିଥିଲେ।



**ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଘୋଷଣା**

# ତାଲିକାରେ ନାହିଁ ଜଳେଶ୍ୱର, ତେଜୁଛି ଅସନ୍ତୋଷ

ଜଳେଶ୍ୱର, ୧୩।୧୨ (ସମିସ)

ସମଗ୍ର ଉତ୍ତର ଓଡ଼ିଶାରେ କେନ୍ଦ୍ରୀୟ ବିଦ୍ୟାଳୟ ନ ଥିବାରୁ ଦୁଇ ଦଶନ୍ଧି ଧରି ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲା। ଜଳେଶ୍ୱରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଲାଗି ରାଜନୈତିକ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ଘୋଷଣାରେ ସମଗ୍ର ଦେଶରୁ ୮୫ଟି ସ୍ଥାନ ପାଇଥିବା ବେଳେ ଓଡ଼ିଶାର ୮ଟିକୁ ମଞ୍ଜୁରୀ ମିଳିଛି। ଜଳେଶ୍ୱରକୁ ମଞ୍ଜୁରୀ ମିଳି ନ ଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ଓ ପ୍ରତିକ୍ରିୟା ଦେଖା ଦେଉଛି। ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲିଆପାଳ, ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ଏବଂ ପଶ୍ଚିମବଙ୍ଗର ଦାନ୍ତନ, ମୋହନପୁର, ବେଲଦା, ଝାଡଗ୍ରାମ, ରାମନଗର ଓ ଦୀଘାରେ କେନ୍ଦ୍ରୀୟ ବିଦ୍ୟାଳୟ କିମ୍ବା ସେହି ଢାଞ୍ଚାରେ କୌଣସି ଶିକ୍ଷାନୁଷ୍ଠାନ ନାହିଁ।

ଜଳେଶ୍ୱରରେ ଏକ କନଭେଣ୍ଟ ସ୍କୁଲ ଥିବାରୁ ସେଠାରେ ଉପରୋକ୍ତ ଅଞ୍ଚଳର ଅଭିଭାବକମାନେ ଆସି ଘର ଭଡାରେ ରହି ପୁଅଝିଅଙ୍କୁ ପାଠ ପଢ଼ାଉଛନ୍ତି। ଗତ ୨୦ ବର୍ଷ ଧରି ଜଳେଶ୍ୱରରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଲାଗି ବିଭିନ୍ନ ମହଲରୁ ଦାବି ହୋଇ ଆସୁଛି। ବିଶେଷ କରି ୨୦୧୦ ମସିହାରୁ କେନ୍ଦ୍ର ସରକାରଙ୍କ ଉପରେ ବିଭିନ୍ନ ପ୍ରକାର ଚାପ ସୃଷ୍ଟି କରାଯାଇ ଆସୁଛି। ଏଥିଲାଗି ଜଳେଶ୍ୱରରର ଏକ କମିଟି ବିଭିନ୍ନ ପର୍ଯ୍ୟାୟରେ ଦାବି କରୁଥିବା ବେଳେ ଦଳମତ ନିର୍ବିଶେଷରେ ସମସ୍ତେ ସହଯୋଗ କରି ଆସୁଛନ୍ତି। ଏପରିକି ବାଲେଶ୍ୱର ସାଂସଦ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରେଳ ମନ୍ତ୍ରୀଙ୍କୁ ବିଭିନ୍ନ ଦାବିପତ୍ର ଦେଇଥିବା ବେଳେ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ହେଲେ କିଛିଦିନ ତଳେ ଓଡ଼ିଶାର କୁଚିଣ୍ଡା, ତାଳଚେର, ଆଠମଲ୍ଲିକ, କାମାକ୍ଷାନଗର, ଆଇଟିବିପି ଖୋର୍ଦ୍ଧା, ଜୟପୁର, ଟିଟିଲାଗଡ଼, ପାଟଣାଗଡ଼ ସହିତ ସମଗ୍ର ଦେଶରେ ୮୫ଟି ସ୍ଥାନରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହେବା ଲାଗି ମଞ୍ଜୁରୀ ମିଳିଥିବା କୁହାଯାଇଛି। ଏ ସମ୍ପର୍କରେ ଜଳେଶ୍ୱରରେ ଆମ୍ବେଦକର ସମତା ମଞ୍ଚର ସଭାପତି ଅଶୋକ ଜେନା, ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତି, ବଣିକ ସଂଘ ସଭାପତି ସୁଧିର ମହାନ୍ତି, ସମାଜ କଲ୍ୟାଣ ବିକାଶ ପରିଷଦର କାର୍ଯ୍ୟକାରୀ ସଭାପତି ଡ. ରମାକାନ୍ତ ଭଞ୍ଜ, ସଂପାଦକ ଆଇନଜୀବୀ ରାମଚନ୍ଦ୍ର ଜେନା ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରୋଟାରୀ କ୍ଲବ, ଲାୟନ୍ସ କ୍ଲବ, ଜଳେଶ୍ୱର ଯୁବ ମଞ୍ଚ, ଜଳେଶ୍ୱର-ବାଲିଆପାଳ-ଭୋଗରାଇର ବିଧାୟକ, ପୂର୍ବତନ ସାଂସଦ ମାନେ ମଧ୍ୟ କେନ୍ଦ୍ରୀୟ ବିଦ୍ୟାଳୟ ଲାଗି ଯୁକ୍ତି ଉପସ୍ଥାପନ କରିଛନ୍ତି।

● ବ୍ୟାପକ ଅବ୍ୟବସ୍ଥାରେ ସରିଲା ବିଜ୍ଞାନ ମେଳା

# ରାଜ୍ୟକୁ ୭ ପ୍ରକଳ୍ପ ମନୋନୀତ

ଭଦ୍ରକ/ଅସୁରାଳି, ୧୩।୧୨(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ବମକୁରା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ତେବେ ଏଥିରେ ବହୁ ଅବ୍ୟବସ୍ଥାରେ ଦେଖାଦେଇଛି। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମକୁ ଗମନାଗମନ ରେ ଛାତ୍ର ଛାତ୍ରୀ ମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ମୁଖ୍ୟ




ରାସ୍ତା ଠାରୁ ବହୁ ଦୂରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାରୁ ଏଭଳି ସମସ୍ୟା ଉପୁଜିଛି। କୁନି କୁନି ପିଲା ମାନେ ମଧ୍ୟାନ ଭୋଜନରେ ମଧ ଅସୁବିଧାରେ ସମ୍ମୁଖୀନ ହୋଇଥିବାର ଦେଖାଯାଇଛି। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିସରରେ ପ୍ରତୁର ସ୍ଥାନ ନଥିବାର ଦେଖାଦେଇଥିଲା। ଯାହାକି କୁନି କୁନି ପିଲା ମାନେ ସେମାନଙ୍କର ଷ୍ଟଲ ପକାଇବାରେ ବହୁ ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ବାରିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ବୈଜ୍ଞାନିକ ଡ. ପ୍ରମୋଦ ପଣ୍ଡା ମୁଖ୍ୟବକ୍ତା ଓ ବିଡିଓ ବନବିହାରୀ ଦିଣ୍ଡା, ଏଡିଇଓ ପ୍ରଣୟ ନାୟକ, ଜଗବନ୍ଧୁ ସାହୁ, ଡିଏସଏସ ହିମାଦ୍ରି ନନ୍ଦିନୀ ବିଶ୍ୱାଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ଧାମନଗର ବ୍ଲକ ବିଜ୍ଞାନ ସଂଯୋଜକ ଅକ୍ଷୟ କୁମାର ହୋତା, ଚାନ୍ଦବାଲି ଅମୂଲ୍ୟ ରାଉତ, ଭଦ୍ରକ ବୈକୁଣ୍ଠ ବିଶ୍ୱାଳ, ଭଣ୍ଡାରିପୋଖରୀ ରବୀନ୍ଦ୍ର ମହାରଣା ବାସୁଦେବପୁର ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଓ ତିହିଡ଼ି ବ୍ଲକ ବିଜ୍ଞାନ ସଂଯୋଜକ ସମରେନ୍ଦ୍ର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଲିପିରେଖା ବେହେର ମଞ୍ଚ ସଞ୍ଚାଳନା କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟ ପ୍ରିୟ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ଡିଏସ୍ଏସ ସରୋଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବିଜ୍ଞାନ ମେଳାରେ ୪୯ଟି ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ୭ଟି ପ୍ରକଳ୍ପ ରାଜ୍ୟସ୍ତରକୁ ଉନ୍ନୀତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରା ଯାଇଥିଲା। ତେବେ ଏହି ଜିଲ୍ଲାସ୍ତରୀୟ ମେଳାର ଅବ୍ୟବସ୍ଥା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ୫ ବ୍ରାଉନସୁଗର ସେବନକାରୀ ଅଟକ

ଭଦ୍ରକ, ୧୩।୧୨(ସମିସ): ବ୍ରାଉନ ସୁଗର ସେବନକାରୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲଗିଛି। ଏଭଳି ପରିସ୍ଥିତିରେ ଆଜି ବାଂଶଡ଼ା ପୁଲିସ ୫ଜଣ ଏହି ବ୍ରାଉନସୁଗର ନିଶାଡ଼ିଙ୍କୁ ଅଟକ ରଖିଛି। ବାଂଶଡ଼ା ଥାନାଧିକାରୀ ଦେବରାଜ ସ୍ୱାଇଁ ସେଠାରେ ପହଞ୍ଚି ଏହି ଧଳା ଜହରକୁ ଜବତ କରିବା ସହ ସେମାନଙ୍କ ବାଂଶଡା ଥାନାକୁ ଆଣି ପଚରାଉଚରା କରିଛନ୍ତି। ସେମାନେ ଏହାକୁ ନିତ୍ୟ ବ୍ୟବହାର କରୁଥିବା କହିବା ସହ ସେମାନେ ଏହାକୁ ଭଦ୍ରକ ଗ୍ରାମାଞ୍ଚଳ ଅଞ୍ଚଳ ଅଧିନସ୍ଥ ବଉଳପୋଖରୀ ଅଞ୍ଚଳରୁ ଆଣୁଛନ୍ତି ବୋଲି କହିଛନ୍ତି। ତେବେ ଏହି ବ୍ରାଉନସୁଗର କିଏ ଆଣି ଦେଉଛନ୍ତି ଏହାର ତଦନ୍ତ ଚଳାଇଛନ୍ତି।

## ତରତରି ବାଳିକା ବିଦ୍ୟା ନିକେତନର ବାର୍ଷିକ କ୍ରୀଡ଼ା

ନୀଳଗିରି, ୧୩।୧୨(ସମିସ): ନୀଳଗିରି ବ୍ଲକ ତରତରି ବାଳିକା ବିଦ୍ୟା ନିକେତନରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଯୋଗ ଦେଇ ଲକ୍ଷ୍ୟ ବିନା ସାଧନା ଅସମ୍ଭବ ବୋଲି କହିଥିଲେ। ମୁଖ୍ୟବକ୍ତା ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ସାମ୍ବାଦିକ ଅତୁଲ ସ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ବିକାଶ ରଞ୍ଜନ ଜେନା ଅଧ୍ୟକ୍ଷତା କରିଥିବା ବେଳେ ଶିକ୍ଷକ ମନୋଜ ସି ଅତିଥି ପରିଚୟ ଦେଇଥିଲେ। ପରେ ଛାତ୍ରୀମାନେ ଏକ ମଶାଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ।

## ଗୁରୁ ସୁବାସ ମଲ୍ଲିକ ସମ୍ବର୍ଦ୍ଧିତ



ଧାମନଗର, ୧୩।୧୨(ସମିସ): ବୌଦ୍ଧ ଜର୍ଣ୍ଣାଲିଷ୍ଟ ଫୋରମ ତରଫରୁ ଆୟୋଜିତ ହୋଇଥିବା ଉନବିଂଶତମ ବୌଦ୍ଧ ପୁସ୍ତକ ମେଳା ଅବସରରେ ଲୋକକଳା ବିଶେଷଜ୍ଞ ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପୁସ୍ତକମେଳାରେ ଅନୁଷ୍ଠିତ ପଲ୍ଲିଶ୍ରୀମେଳାର ଅନ୍ତିମ ଦିନରେ ଧାମନଗର ଅଞ୍ଚଳର ସାଂସ୍କୃତିକା କଲଚୁରାଲ୍ ଟ୍ରୁପ ଲୋକନାଟକ ମୋଗଲ ତାମସା ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇଥିଲା। ସେଥିପାଇଁ ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

● ବାବା ମୁକ୍ତେଶ୍ୱର ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଦ୍ୱିତୀୟ ସେମିରେ ଆଦର୍ଶ କ୍ଲବ ବାଲେଶ୍ୱର

ସୋର, ୧୩।୧୨(ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୁଠୁଣା ପଡ଼ିଆରେ ବାବା ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ସପ୍ତମ ମୁକ୍ତେଶ୍ୱର କପ୍ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ପ୍ରୋଗ୍ରେସ କ୍ରିକେଟ ଆସୋସିଏସନ



ଝାରସୁଗୁଡାକୁ ହରାଇ ଆଦର୍ଶ କ୍ରିକେଟ କ୍ଲବ ବାଲେଶ୍ୱର ଦ୍ୱିତୀୟ ସେମିରେ ପ୍ରବେଶ କରିଛି। ଆଦର୍ଶ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୪. ୩ ଓଭର୍ ରେ ସମସ୍ତ ୱିକେଟ ହରାଇ ୧୭୩ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ନୌତମ ଭଞ୍ଜ ୪୪ ଟି ବଲ ଖେଳି ୬୬ ରନ ଏବଂ ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ୪୧ ଟି ବଲରେ ୫୧ ରନ ସଂଗ୍ରହ କରିଥିଲେ। ଜବାବ ଝାରସୁଗୁଡା ଦଳ ୨୫ ଓଭରରେ ୬ ୱିକେଟ ହରାଇ ୧୬୧ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ବାଲେଶ୍ୱରର ବୋଲର ନୌତମ ଭଞ୍ଜ ୫ ଓଭର ବୋଲିଂ କରି ୨୭ ରନ ଦେଇ ଗୋଟିଏ ୱିକେଟ ଓ ୪୪ ବଲରୁ ୬୬ ରନ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କଂଗ୍ରେସର ଯୁବନେତା ସୁବ୍ରତ କୁମାର ଧଡ଼ା ଯୋଗଦେଇଥିଲେ। ଆଜିର ମ୍ୟାଚକୁ ଓସିଏ ପ୍ୟାନେଲ ଅମ୍ପାୟାର ରାଜୀବ ପାତ୍ର ଏବଂ ଅଶ୍ୱିନୀ ସାମଲ ଖେଳ ପରିଚାଳନା କରିଥିଲେ। ଆସନ୍ତାକାଲି ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଜିମଖାନା କ୍ରିକେଟ କ୍ଲବ, ରାଉରକେଲା ସହିତ ଟାଟା ଇଲେଭେନ, ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ।

## ବିଜେଡିର ସଦସ୍ୟତା ଗ୍ରହଣ ଓ ସାଂଗଠନିକ ବୈଠକ



ଖଇରା, ୧୩।୧୨ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଖଇରା ବ୍ଲକ ଅନ୍ତର୍ଗତ ୫ ନମ୍ବର ଜୋନ୍‌ର ଗଗନଧୂଳିସ୍ଥିତ ବିଜେଡି କାର୍ଯ୍ୟାଳୟରେ ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ରେ ବରିଷ୍ଠ ବିଜେଡି ନେତା ଶଶୀ କୁମାର ସାହୁଙ୍କ ଆବାହକତ୍ୱରେ ଜୋନସ୍ତରୀୟ ବିଜେଡିର ସଦସ୍ୟତା ନେଇ ପ୍ରସ୍ତୁତି ବୈଠକ ଓ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯ଟି ପଞ୍ଚାୟତର ନେତୃମଣ୍ଡଳୀ ଯୋଗ ଦେଇ ଦଳକୁ ମଜବୁତ କରିବା ସହିତ ରାଜ୍ୟ ଓ କେନ୍ଦ୍ର ସରକାରର ବିଭିନ୍ନ ବିଫଳତା ନେଇ ଲୋକ ମାନଙ୍କ ପାଖରେ ପହଞ୍ଚାଇବା ସଂକଳ୍ପ ନେବା ବୋଲି ପ୍ରକାଶ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦୁଇଟି ବ୍ଲକରେ ଅଧିକ ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ବିଜୟୀ ହେବା ନେଇ ଦୃଢୋକ୍ତି ପ୍ରକାଶ କରିଥିଲେ ଶ୍ରୀ ସାହୁ। ଏଥିରେ ଜଳଦା ସରପଞ୍ଚ ଗୀତାଞ୍ଜଳି ବେହେରା, ସମିତି ସଭ୍ୟ ରମାକାନ୍ତ ମହାନ୍ତି, ଶ୍ୟାମ ସୁନ୍ଦରପୁର ସରପଞ୍ଚ ପ୍ରତିନିଧି ବିଶ୍ୱ ଭୂଷଣ ପ୍ରଧାନ, ଡଗରପଡ଼ା ସରପଞ୍ଚ ରତ୍ନାକର ଦଳେଇ, ଗଗନଧୂଳି ସରପଞ୍ଚ ମଦନ ସାଆନ୍ତରାଙ୍କ ସମେତ ଅନ୍ୟ ପଞ୍ଚାୟତର ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଯୁବ ଉତ୍ସବ

ବାଲେଶ୍ୱର, ୧୩।୧୨(ସମିସ): ସଦର ମହକୁମାସ୍ଥିତ ଗାନ୍ଧୀ ସ୍ମୃତି ଭବନଠାରେ ଏକଦିବସୀୟ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ୨୦୨୪-୨୫ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରବର୍ତ୍ତୀ ବିଜ୍ଞାନ ମେଳା ପ୍ରଦର୍ଶନୀ ଉଦଘାଟନ କରି ସମସ୍ତ ପ୍ରକଳ୍ପ ବୁଲି ଦେଖିଥିଲେ। ଏହା ପରେ ୧୧ଟି ବର୍ଗ ଯଥା ବିଜ୍ଞାନ ମେଳା (ଗ୍ରୁପ୍), ବିଜ୍ଞାନ ମେଳା(ଏକାକୀ), ପଦ୍ୟ, ଚିତ୍ରକଳା, ମୋବାଇଲ ଫଟୋଗ୍ରାଫି,



ଔପଚାରିକ ବକ୍ତୃତା, ଦଳଗତ ଲୋକନୃତ୍ୟ, ଏକାକୀ ଲୋକନୃତ୍ୟ, ଦଳଗତ ଲୋକ ସଙ୍ଗୀତ, ଏକାକୀ ଲୋକ ସଙ୍ଗୀତ, ଗଳ୍ପ ଲିଖନରେ ପ୍ରତିଯୋଗୀତା ଆରମ୍ଭ ହୋଇଥିଲା। ବିଚାରକ ମଣ୍ଡଳୀଙ୍କ ଦ୍ୱାରା ପ୍ରଥମ, ଦ୍ୱିତୀୟ ତୃତୀୟ ପ୍ରତିଯୋଗୀ ଚୟନ ହୋଇଥିଲା। ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ସମ୍ମାନୀୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଏବଂ ଅଧକ୍ଷା ବାଲେଶ୍ୱର ପୌରପାଳିକା ସବିତା ସାହୁ ଯୋଗଦାନ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ଯୁବ ଅଧିକାରୀ ଏମ. ବିଘ୍ନେଶ, ଆଇପିଇ ଅଶୋକ କୁମାର ନାୟକ ଓ ପ୍ରୋଗ୍ରାମ ଅଧିକାରୀ ଏନଏସଏସ ଗୌରାଙ୍ଗ ପଣ୍ଡା ମଞ୍ଚାସୀନ ଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ।

## ତରାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଶ୍ରଦ୍ଧାପୁର, ୧୩।୧୨(ସମିସ): ଭୋଗରାଇର ନିମାତପୁର ପଞ୍ଚାୟତ ଅଧୀନ ତରାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇ ଯାଇଛି। ଆୟୋଜିତ ଉଦଘାଟନୀ ଉତ୍ସବକୁ ଶିକ୍ଷକ ତପନ କୁମାର ଉପାଧ୍ୟାୟ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ମହେଶ୍ୱର ମଣ୍ଡଳ ଯୋଗଦେଇ କ୍ରୀଡ଼ାର ଉପକାରିତା ଉପରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଦିପକ ଜେନା, ମାମି ସାହୁ, ସବିତା ମଣ୍ଡଳ, ମନ୍ଦାକିନୀ ଜେନା, ଶକ୍ତିଧର ସାହୁ, ଅନୁପମ ସାହୁ, ଧନଞ୍ଜୟ ପରିଡ଼ା, ରୀତାରାଣୀ ସାହୁ, ସ୍ୱର୍ଣ୍ଣମୟୀ ଜେନା, ସୁଶାନ୍ତି ସେଠୀ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡା ଶିକ୍ଷକ ପ୍ରାଣକୃଷ୍ଣ ଦେ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ଶୁଭ୍ରକାନ୍ତ ଜେନା ଧନ୍ୟବାଦ ଦେଇଥିଲେ।

## ସାରସ୍ୱତ ମହାବିଦ୍ୟାଳୟ ଇତିହାସ ବିଭାଗରେ ଆଲୋଚନାଚକ୍ର

ସୋର, ୧୩।୧୨(ସମିସ): ସୋର ଅନନ୍ତପୁରସ୍ଥିତ ସାରସ୍ୱତ ମହାବିଦ୍ୟାଳୟରେ ଇତିହାସ ବିଭାଗର 'ଓଡ଼ିଶାରେ ବୌଦ୍ଧ ଧର୍ମର ପ୍ରଭାବ' ଶୀର୍ଷକ ବିଷୟବସ୍ତୁ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗର ମୁଖ୍ୟ ସେବତୀ ପୁହାଣଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଇତିହାସ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ବିକ୍ରମ କେଶରୀ ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଓଡ଼ିଶା ସମାଜରେ ବୌଦ୍ଧ ଧର୍ମର ପ୍ରଭାବ କିଭଳି ଗ୍ରାମ ଦେବତୀ ଉପାସନା ସ୍ଥଳରେ ପରିବର୍ତ୍ତନ ହୋଇଛି ସେ ବାବଦରେ କହିଥିଲେ। ବିଷୟ ବିଶେଷଜ୍ଞ ଭାବରେ ଖଇରା ମହାବିଦ୍ୟାଳୟର ଅଧ୍ୟାପକ ଡ. ଉଦୟରଞ୍ଜନ ଦାସ ଭାଷା ସାହିତ୍ୟ କଳା ଓ ସଂସ୍କୃତିକୁ ବୌଦ୍ଧ ଧର୍ମର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ସୁଜିତ କୁମାର ଛାଟିଆ ଜଗନ୍ନାଥ ସଂସ୍କୃତିରେ ବୌଦ୍ଧ ଧର୍ମର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗର ଅଧ୍ୟାପିକା ତନ୍ମୟୀ ଜେନା ଅତିଥି ପରିଚୟ ପ୍ରଦାନ କରିବା ସହିତ ଆଜିର ସମାଜରେ ଏହି ବିଷୟରେ ଆଲୋଚନାର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ। ଅଧ୍ୟାପକ ବସନ୍ତ କୁମାର ଶିଅଳ ବିଷୟ ବସ୍ତୁ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଡ. ଧୀରେନ୍ଦ୍ର କୁମାର ପାତ୍ର ଅହିଂସା ନୀତି କିଭଳି ଅଶୋକଙ୍କୁ ପ୍ରଭାବିତ କରିଥିଲା ଆଲୋଚନା କରିଥିଲେ। ଦୀପାଞ୍ଜଳୀ ବେହେରା, ସ୍ମୃତି ରେଖା ରାଉତ, ସସ୍ମିତା ସେଠୀ ସ୍ୱରଚିତ ନିବନ୍ଧ ପାଠ କରିଥିଲେ। ଛାତ୍ରୀ ସାବିତ୍ରୀ ଜେନା, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ସସ୍ମିତା ସେଠୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସେମିନାର ସମ୍ପାଦକ ନିର୍ମାଲ୍ୟ ପରିଡ଼ା କାର୍ଯ୍ୟ ପରିଚାଳନା କରିଥିବାବେଳେ ଛାତ୍ରୀ ଇତିସ୍ମିତା ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳିଗଲା ଦୁଇ ବଖରା

ବାଲିଆପାଳ, ୧୩।୧୨(ସମିସ): ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତର ଦାନ୍ତୁଣିତା ଗ୍ରାମରେ ରହୁଥିବା ସ୍ୱାମୀ ପରିତ୍ୟକ୍ତା କଟିମଣି ଦଳାଇଙ୍କ ଘରେ ନିଆଁ ଲାଗି ଯିବାରୁ ଦୁଇ ବଖରା ଚାଳଘର, ଧାନ ଚାଉଳ ସହିତ ଆସବାବପତ୍ର ସମ୍ପୂର୍ଣ୍ଣ ଭାବେ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘର ଚୁଲିରୁ ଅସାବଧାନତା ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଅସହାୟ ମହିଳାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ରାମଚନ୍ଦ୍ର ରାଉତ, ମୃତ୍ୟୁଞ୍ଜୟ ନାୟକ, ସଂକେତ ପାତ୍ର, ଅଶୋକ ଜେନା ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

## ଧୂଷୁରୀରେ ଦମକଳ କେନ୍ଦ୍ର ପ୍ରତିଷ୍ଠା ଦାବି

ଅସୁରାଳି, ୧୩।୧୨(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀ ଥାନା ଅଞ୍ଚଳରେ ଅଗ୍ନିଶକ କେନ୍ଦ୍ର ଖୋଲିବାକୁ ଦାବି ହୋଇଛି। ଏହି ଅଞ୍ଚଳର ବହୁ ଗ୍ରାମ ଅପହଞ୍ଚ ତଳିଆ ଅଞ୍ଚଳ। ଏହି ଅଞ୍ଚଳରେ ଥିବା ପ୍ରାୟ ୧୦ଟି ଗ୍ରାମପଞ୍ଚାୟତ ଧାମନଗର ବ୍ଲକ କାର୍ଯ୍ୟାଳୟ ଠାରୁ ପ୍ରାୟ ୨୦କିଲୋମିଟର ଦୂର। କେତେକ ପଞ୍ଚାୟତ ମଧ ୩୦/୩୫ କିମି ଦୂର। ତେଣୁ ଅଗ୍ନି ବ୍ୟୁପ୍ରାତରୁ ରକ୍ଷା ପାଇଁ ଲୋକମାନେ ବହୁ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଧୂଷୁରୀ ଠାରେ ଏକ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ବି ପ୍ରଶାସନ, ସରକାର କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। କୌଣସି ଅଗ୍ନି ବ୍ୟୁପ୍ରାତ ଘଟିଲେ ଅଗ୍ନିଶମ ବାହିନୀ ଖବର ପାଇ ଧାମନଗରରୁ ଆସି ଏହି ଅଞ୍ଚଳରେ ପହଞ୍ଚିବା ବେଳକୁ ଲକ୍ଷ ଲକ୍ଷ ଟଙ୍କାର ଧନଜୀବନ ଜଳି ପୋଡ଼ି ପାଉଁଶ ହୋଇଯାଉଛି। ଧାମନଗରର ଭୌଗୋଳିକ ଅବସ୍ଥିତି ଯାହା ସେଥିରେ ଧାମନଗର ସଦର ମହକୁମାର ଗୋଟିଏ ଦମକଳ କେନ୍ଦ୍ର ପର୍ଯ୍ୟାପ୍ତ ନୁହେଁ। ତେଣୁ ଧୂଷୁରୀ ଅଞ୍ଚଳରେ ଆଉ ଏକ କେନ୍ଦ୍ର ଖୋଲିବା ଜରୁରୀ ହୋଇପଡ଼ିଛି। କେବଳ ଧାମନଗର ବ୍ଲକ ନୁହଁ, ଚାନ୍ଦବାଲି ଓ ତିହିଡି ବ୍ଲକର ଅଧିକାଂଶ ଅଞ୍ଚଳର ଲୋକମାନେ ମଧ୍ୟ ଧୂଷୁରୀ ଅଞ୍ଚଳ ଉପରେ ନିର୍ଭର କରିଥାନ୍ତି। ତେଣୁ ଯେ କୌଣସି ଗୋଟିଏ ଉପଯୁକ୍ତ ସ୍ଥାନ ନିରୂପଣ କରି ଦମକଳ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ପୂର୍ବତନ କଂଗ୍ରେସ ବ୍ଲକ ସଭାପତି ଅଭିଷେକ ରାଉତ, କଂଗ୍ରେସ ନେତା ଡା. ବିଦ୍ୟାଧର ଜେନା, ହୃଦାନନ୍ଦ ସେଠୀ, ଆଲୋକ ସ୍ୱାଇଁ, ସୁଧୀର ଖଟୁଆ, ଅରବିନ୍ଦ ନାୟକ ଓ ନିମେଇଁ ଜେନା ପ୍ରମୁଖ ଦାବି କରିଛନ୍ତି।

## ସେଣ୍ଟ ଜାଭିୟର୍ସ ସ୍କୁଲରେ ବିଜ୍ଞାନ ମେଳା



ବସ୍ତା ବ୍ଲକ, ୧୩।୧୨ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତାସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲରେ ବିଜ୍ଞାନ ମେଳା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ଏହି ବିଜ୍ଞାନ ମେଳାକୁ ନର୍ଥ ଓଡ଼ିଶା ଇଂଜିନିୟରିଂ କଲେଜର ଅଧ୍ୟକ୍ଷ ପରମେଶ୍ୱର ବାରିକ ମୁଖ୍ୟଅତିଥି ଓ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପରିଚାଳକ ବସନ୍ତ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥଲେ। ଏହି ବିଜ୍ଞାନ ମେଳାରେ ୩୧ ଜଣ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ସିନିୟର୍ ଗ୍ରୁପରୁ ପ୍ରାନସୁ କୁଣ୍ଡୁ ପ୍ରଥମ, ପ୍ରାନଭି କୁଣ୍ଡୁ ଦ୍ୱିତୀୟ ଓ ଏମ ଏସ ଏରୀନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଜୁନିଅର ବିଭାଗରେ ନିଲେଶ ସାହୁ ପ୍ରଥମ, ସୁରଜ ରାମ ଦ୍ୱିତୀୟ ଓ ବୈଭବ ପରିଡ଼ା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ବିଜ୍ଞାନ ମେଳାରେ ସ୍କୁଲ ମ୍ୟାନେଜମେଣ୍ଟ ସମ୍ପାଦକ ଓ ଆରପି କମ୍ପ୍ୟୁଟରର ଅଧ୍ୟକ୍ଷ ବସନ୍ତ ବେହେରା ପରିଦର୍ଶକ ଭାବେ ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନଶିକ୍ଷକ ବଳରାମ ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ବୈରାଗୀ ଚରଣ ରାଉଳ, ଅବସରପ୍ରାପ୍ତ ଏବିଇଓ ଶିଳାରାଣୀ ବେହେରା, ଚିନ୍ମୟ ମହାନ୍ତି, ସସ୍ମିତା ଘୋଷ, ମଧୁସ୍ମିତା ପଣ୍ଡା, ମଧୁସ୍ମିତା ସନ୍ତରା, ଜ୍ୟୋତିପ୍ରଭା ଭୋଳ, ଖକନ ଗିରି, ଡାଇନା ବେହେରା ଓ ଗୀତାରାଣୀ ଭୋଳ ପ୍ରମୁଖ ସହଯୋଗ କରିଥଲେ।

## ସର୍ବହରା ସାଥୀ ବଳଭଦ୍ର ଖିଲାରଙ୍କ ସ୍ମୃତିସଭା

ସୋର, ୧୩।୧୨(ସମିସ): ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ନୂଆସାହିର ବିଶିଷ୍ଟ ସିପିଆଇ ନେତା ସର୍ବହରାର ସାଥି ଭାବେ ପରିଚିତ କମ୍ରେଡ ବଳଭଦ୍ର ଖିଲାରଙ୍କ ୨୦ତମ ଶ୍ରଦ୍ଧାବାର୍ଷିକୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ନୂଆଗ୍ରାମରେ ଅନୁଷ୍ଠିତ ସଭାରେ ସମାଜସେବୀ ସୁନୀଲ ରଂଜନ ବିଶ୍ୱାଳ ପୌରୋହିତ୍ୟ କରିବା ସହିତ ସ୍ୱର୍ଗତ ଖିଲାର ଜୀବନବ୍ୟାପୀ ଗରିବ, ମେହନତୀ, ଚାଷୀ, ମୂଲିଆ, ଶ୍ରମିକ ଖଟିଖିଆମାନଙ୍କ ପାଇଁ କିଭଳି ଭାବେ ଉତ୍ସର୍ଗୀକୃତ ଥିଲେ ସେ ସଂପର୍କରେ ଆଲୋକପାତ କରିଥିଲେ। ସଭାରେ ଅରୁଣ କୁମାର ପାତ୍ର, ସୁଦର୍ଶନ ସାହୁ, ଲକ୍ଷ୍ମୀକାନ୍ତ ଚକ୍ର ଏବଂ ପ୍ରକାଶ ଶର୍ମା ଯୋଗଦେଇ ଥିଲେ। ସ୍ୱର୍ଗତ ଖିଲାରଙ୍କ କନ୍ୟା ଶଶୀରେଖା ରାଉତ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପୁତ୍ର ରଘୁନାଥ ଖିଲାର, ପୁତ୍ରବଧୂ ଜାନକୀ ଖିଲାର, ପରିବାର ଲୋକ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

**ବାଲେଶ୍ୱର ଉତ୍ସବର ଦଶମ ସନ୍ଧ୍ୟା**

# ସ୍ୱୟଂ ଓ ଅନ୍ତରାଙ୍କ ସଂଗୀତରେ ଝୁମିଲା ବାଲେଶ୍ୱର

ବାଲେଶ୍ୱର, ୧୩।୧୨(ସମିସ)





ୱାଓ ସୋସିଓ କଲଚରାଲ କମିଟି ଓ ବାଲେଶ୍ୱର ଉତ୍ସବ କମିଟିର ମିଳିତ ସହଯୋଗ ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହାୟତାରେ ଅନୁଷ୍ଠିତ ହେଉଥିବା ବାଲେଶ୍ୱର ଉତ୍ସବର ଦଶମ ସନ୍ଧ୍ୟା ଶୁକ୍ରବାର ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ସମ୍ମାନିତ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ସହିତ ଅନୁଷ୍ଠାନର ଆବାହକ ନାରାୟଣ ଚନ୍ଦ୍ର ପ୍ରଧାନ, ଅଧ୍ୟକ୍ଷା ଗୋପାମୁଦ୍ରା ମହାପାତ୍ର, ପୌରାଧ୍ୟକ୍ଷା ସବିତା ସାହୁ, ସିପ୍ରା ମହାପାତ୍ର, କାଉନସିଲର ରଞ୍ଜିତା ମହାପାତ୍ର, ସୁଚିସ୍ମିତା ପଣ୍ଡା, ସଲିମା ବିବି, ପ୍ରୀତିଲତା ସେଠୀ, ଆଶ୍ରିତା ତରାଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସନ୍ଧ୍ୟାରେ ବିଶିଷ୍ଟ ଗାୟକ ସ୍ୱୟଂ ପାଢ଼ୀ ଓ ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତର ତାଳେ ତାଳେ ଝୁମିଥିଲେ ବାଲେଶ୍ୱରବାସୀ। କାର୍ଯ୍ୟକ୍ରମରେ ସଭାପତି ସତ୍ୟଶିବ ସୁନ୍ଦର ଦାଶ, କାର୍ଯ୍ୟକାରୀ ସଭାପତି ଗୌତମ ସେଠୀ, ଉପସଭାପତି ସୁଶାନ୍ତ ସାହୁ, ରଂଜିତ ପଣ୍ଡା, ଚନ୍ଦନ ଶତପଥୀ, ସବ୍ୟସାଚୀ ଦାସ, କ୍ଷୀରୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ମାର୍ଗଦର୍ଶକ ସୂର୍ଯ୍ୟକାନ୍ତ କର, ଚିତ୍ତରଞ୍ଜନ ପଣ୍ଡା, ଜୟପ୍ରକାଶ ଦାଶ, ଇନ୍ତେଖାବ ଅଲି, ନିତ୍ୟାଗୋପାଳ ସିଂ, ଆଶ୍ରିତା ତରାଇ, ଅବିନାଶ ପରିଡ଼ା, ଉତ୍ତମ ଦାସ, ରାଜ ଶଙ୍କର ପ୍ରମୁଖ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ମା' ପୁଅ ଗୁରୁତର

ରାଜଘାଟ, ୧୩।୧୨ (ସମିସ) : ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ନଳବାହାର ନିକଟରେ ବାଇକର ପଛକୁ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଦୂରକୁ ଛିଟିକି ପଡ଼ି ମା' ଓ ପୁଅ ଗୁରୁତର ଆହତ ହୋଇଛନ୍ତି। ଜଳେଶ୍ୱର ଅଞ୍ଚଳର କାର୍ତ୍ତିକ ସାହୁ(୩୦) ମା' ଚମ୍ପାବତୀ (୫୯)ଙ୍କୁ ବାଇକରେ ବସାଇ ରୂପସାର କୌଣସି ଜଣେ ବନ୍ଧୁଙ୍କ ଘରକୁ ଯାଉଥିଲେ। ଏହି ସମୟରେ ନଳବାହାର ବ୍ରିଜ ଉପରେ ପଛରୁ ଦ୍ରୁତଗତିରେ ଆସୁଥିବା କୌଣସି ଏକ ଅଜଣା ଗାଡ଼ି ତାଙ୍କ ବାଇକର ପଛକୁ ଧକ୍କା ଦେଇଥିଲା। ଫଳରେ ମା' ଓ ପୁଅ ଦୁହେଁ ରାସ୍ତା ପାର୍ଶ୍ୱକୁ ଛିଟିକି ପଡ଼ିଥିଲେ। ପଛରୁ ଅନ୍ୟ ଏକ ଗାଡ଼ି ଆସି ବାଇକଟି ଉପରକୁ ମାଡ଼ି ଯିବାରୁ ତାହା ଭାଙ୍ଗିରୁଜି ଚୁରମାର୍ ହୋଇଯାଇଥିଲା। ଜାତୀୟ ରାଜପଥ ପହରା ପୁଲିସ ସହାୟତାରେ ଦୁହିଁଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବସ୍ତା ହସ୍ପିଟାଲକୁ ପଠାଇଥିଲେ। ଖବର ପାଇ ବସ୍ତା ଥାନା ପୁଲିସ ପହଞ୍ଚି ଘଟଣା ପହଞ୍ଚି ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଧକ୍କା ଦେଇଥିବା ଅଜଣା ଗାଡ଼ି ବାବଦରେ କୌଣସି ସନ୍ଧାନ ମିଳିପାରିନାହିଁ।

## ରକ୍ତଦାନ ଶିବିର, ୧୭୨ ୟୁନିଟ୍ ସଂଗୃହୀତ



ବାଲେଶ୍ୱର,୧୩।୧୨(ସମିସ): ବାଲେଶ୍ୱର ସହର ନିକଟସ୍ଥ କାଳିଦାସପୁରରେ ଜିଲ୍ଲା ଡ୍ରଗିଷ୍ଟ ଏଣ୍ଡ କେମିଷ୍ଟ ଆସୋସିଏସନ ପକ୍ଷରୁ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର ଜଗନ୍ନାଥ ମଲ୍ଲିକ, ସମ୍ମାନୀତ ଅତିଥିଭାବେ ୟୁସିଡିଏ ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ସାଂଗଠନିକ ସମ୍ପାଦକ ଦୀପକ କୁମାର ଆଚାର୍ଯ୍ୟ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରୁ ୧୭୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସଂଘ ପକ୍ଷରୁ ସମସ୍ତ ରକ୍ତଦାତାଙ୍କୁ ଏକ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପ୍ରଦାନ କରାଯାଇଥିଲା। ଏଥିରେ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର,୧୩।୧୨(ସମିସ): ମେକରଘାଟ ଏନଜିଓ ପକ୍ଷରୁ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଦିନ ସ୍ଥାନୀୟ ମିଶନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିମାଂଶୁ କୁମାର ମହାନ୍ତି ଏହି ଶିବିରକୁ ଉଦଘାଟନ କରିଥିଲେ।ପ୍ରଶିକ୍ଷଣ ଶିବିରରେ ସଦର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୫ ଜଣ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ। ଉକ୍ତ ଶିବିରରୁ ଶିକ୍ଷକଶିକ୍ଷୟିତ୍ରୀ ମାନେ ପ୍ରଶିକ୍ଷଣ ନେବା ପରେ ଛାତ୍ରଛାତ୍ରୀଙ୍କୁ ନିଜେ କିଭଳି ସ୍ୱାବଲମ୍ବୀ ହେବେ ତାହା ଶିଖାଇବା ସହ ସେମାନଙ୍କୁ ଭବିଷ୍ୟତରେ କୁଶଳ କରାଇବା ଏହାର ମୂଳଲକ୍ଷ୍ୟ ବୋଲି ସିନିୟର ପ୍ରୋଗ୍ରାମ ମେନେଜର କପିଳାସ ଅଦବାର ସୂଚନା ଦେଇଛନ୍ତି। ଏହି ଶିବିର ଆୟୋଜନ ଦ୍ୱାରା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବା ସହ ସେମାନଙ୍କର ଜ୍ଞାନ ବିକଶିତ ହୋଇପାରିବ ବୋଲି ବିଜ୍ଞାନ ଶିକ୍ଷୟତ୍ରୀ ଅସୀମା ପ୍ରଧାନ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦେବେନ୍ଦ୍ର କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରୋଗ୍ରାମ ମେନେଜର ଆଦର୍ଶ ପଟ୍ଟନାୟକ, ପ୍ରୋଗ୍ରାମ ସଂଯୋଜକ ସତ୍ୟଜିତ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କେ.ଏସ୍ ରାଧାକୃଷ୍ଣଙ୍କ ଜନ୍ମଶତବାର୍ଷିକୀ ପାଳିତ

■ ବାଲେଶ୍ୱରରୁ ଯୋଗ ଦେଇଥିଲେ ତିନି ଗାନ୍ଧୀପ୍ରେମୀ



ବାଲେଶ୍ୱର,୧୩।୧୨(ସମିସ): କେ. ଏସ୍ ରାଧାକୃଷ୍ଣଙ୍କ ଜନ୍ମର ୧୦୦ ବର୍ଷ ପୂରଣ ହେବା ପରେ ମହାତ୍ମା ଗାନ୍ଧୀଙ୍କ ପ୍ରସିଦ୍ଧ କୁଟୀରରେ ଅବସ୍ଥିତ ଦାଦା ଧର୍ମାଧାରୀ ଅଡିଟୋରିୟମରେ ଏକ ଜାତୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରାଧାକୃଷ୍ଣଙ୍କ ଜନ୍ମ ଶତବାର୍ଷିକୀରେ ତାଙ୍କୁ ଭରତ ରତ୍ନଙ୍କ ସହିତ ସଜାଇବା ସହ ତାଙ୍କ ସ୍ମୃତିରେ ଏକ ଡାକ ଷ୍ଟାମ୍ପ ଜାରି କରିବାକୁ ଦାବି କରାଯାଇଥିଲା। ଏହି ଦାବିକୁ ବିଭିନ୍ନ ଗାନ୍ଧୀ ଶ୍ରମିକ ଏବଂ ଦେଶର ବିଭିନ୍ନ ରାଜ୍ୟରୁ ଏକାଠି ହୋଇଥିବା ନେତାମାନେ ସମର୍ଥନ କରିଛନ୍ତି। ରାଧାକୃଷ୍ଣଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବରେ ବିଭିନ୍ନ ରାଜ୍ୟରୁ ଗାନ୍ଧୀପ୍ରେମୀ ଯୋଗ ଦେଇଥିବା ବେଳେ ଓଡ଼ିଶା ତଥା ବାଲେଶ୍ୱରରୁ ହରିଶ ରାଜ, ପରମେଶ୍ୱର ବାରିକ, ବୁଦ୍ଧ ରାୟ ସୋରେନ ଉପସ୍ଥିତ ଥିଲେ। ଏହି ସମାରୋହରେ ବିଭିନ୍ନ ସାମାଜିକ କର୍ମୀଙ୍କ ଅଭିଜ୍ଞତା ସହିତ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଗାନ୍ଧୀଙ୍କୁ ସ୍ୱାଗତ କରି କେ.ଏସ୍ ରାଧାକୃଷ୍ଣଙ୍କ ଝିଅ ଶୋଭାନା ରାଧାକୃଷ୍ଣ, ଯିଏ ଦେଶ ସମେତ ବିଶ୍ୱର ଶହେରୁ ଅଧିକ ଦେଶରେ ଗାନ୍ଧୀ କଥାର ଆୟୋଜନ ପାଇଁ ପ୍ରସିଦ୍ଧ, ସେ ଗାନ୍ଧୀ ମୂଲ୍ୟବୋଧ ଏବଂ ଧାରଣାକୁ ହୃଦୟଙ୍ଗମ କରିବା ପାଇଁ ଭାଗବତୀଙ୍କ ଉଦ୍ୟମକୁ ଗଭୀର ଚିନ୍ତା ପ୍ରକଟ କରିଥିଲେ।

**ସେଣ୍ଟ୍ରାଲ ସ୍କୁଲ ଛକ ମାର୍କେଟ କମ୍ପ୍ଲେକ୍ସ**

# ଚାବି ପାଇବା ସତ୍ତ୍ୱେ ଦୋକାନ ଖୋଲୁନାହାନ୍ତି ବ୍ୟବସାୟୀ

ବାଲେଶ୍ୱର,୧୩।୧୨(ସମିସ): ଦିନେ ଭୁଶୁଡ଼ି ପଡିଥିବା ମାର୍କେଟ କମ୍ପ୍ଲେକ୍ସର ଦୋକାନ ଘର ମରାମତି କାମ ହେଉନଥିବା କାରଣରୁ ରୋଜଗାର ଚିନ୍ତାରେ ଥିଲେ ଦୋକାନୀ। ହେଲେ ଏବେ ଦୋକାନ ଘରଗୁଡ଼ିକ ନୂଆ କରି ନିର୍ମାଣ ପରେ ବି ଦୋକାନ ଖୋଲୁନାହାନ୍ତି ଦୋକାନୀ। ପ୍ରାୟ ଏକ ମାସ ହୋଇଯିବ ଦୋକାନୀଙ୍କୁ ଦୋକାନ ଘରର ଚାବି ମିଳି ବିଦ୍ୟୁତ୍ ସଂଯୋଗ ହୋଇନଥିବା ଆଳ ଦେଖାଇ ଦୋକାନ ଖୋଲୁନଥିବା ପୌରପାଳିକା ପକ୍ଷରୁ କୁହାଯାଉଛି। ତେବେ ରାସ୍ତା ପାର୍ଶ୍ୱର୍ ଅବରୋଧ ହଟିବା ନେଇ ପୌରପାଳିକା ପକ୍ଷରୁ ଉଚ୍ଛେଦ ନିମନ୍ତେ ନୋଟିସ୍ ଦୋକାନୀମାନଙ୍କୁ ନୋଟିସ ଜାରି କରାଯାଇଛି। ସୂଚନାଯୋଗ୍ୟ, ସେଣ୍ଟ୍ରାଲ ସ୍କୁଲ

### ବିଦ୍ୟୁତ୍ ସଂଯୋଗ ନଥିବା ଅଭିଯୋଗ

ଛକ ନିକଟ ମାର୍କେଟ କମ୍ପ୍ଲେକ୍ସରେ ୨୨ଟି ଦୋକାନ ଘର ରହିଛି। ୨୦୨୦ ମସିହାରେ ଏଥିରୁ କିଛି ଦୋକାନ ଘର ଲଗାଣ ବର୍ଷା ଯୋଗୁଁ ଛାତ ଭୁଶୁଡ଼ି ପଡିଥିଲା। ଫଳରେ ଦୋକାନ ଘର ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଥିଲା। ଫଳରେ ସେଠାରେ ଭଡା ନେଇଥିବା ଦୋକାନୀ ବେପାର ପାଇଁ ହନ୍ତସନ୍ତ ହେଲେ। ଫଳରେ କିଛି ଦୋକାନୀ ରାସ୍ତା ପାର୍ଶ୍ୱରେ ନିଜର ବେପାର ଆରମ୍ଭ କରିଥିଲେ। ଏହି ମାର୍କେଟ କମ୍ପ୍ଲେକ୍ସ ୨ ବର୍ଷରୁ



ଅଧିକ ଦିନ ମରାମତି ନହୋଇ ସେମିତି ପଡ଼ିରହିଥିଲା। ପରେ ଏହା ନୂତନ ଭାବେ ନିର୍ମାଣ ହେଲା। ଏହାପରେ ପୌରପାଳିକା ପକ୍ଷରୁ ଦୋକାନୀ ମାନଙ୍କୁ ଡାକି ଦୋକାନ ବଣ୍ଟନ ସହ ଚାବି ପ୍ରଦାନ କରାଗଲା। ମାତ୍ର ଦୋକାନ ଘରର ଭଡ଼ା ୨୫୦୦ ଟଙ୍କା ଥିବା ହେତୁ ଦୋକାନୀମାନେ ଭଡା କମାଇବାକୁ ଦାବି କରି ଆସୁଥିଲେ। ସେଥିପାଇଁ ଦୋକାନ ଘର ଚାବି ପାଇବା ପରେ ବି ଦୋକାନ ଖୋଲୁନଥିବା ଜଣାପଡିଛି। ତେବେ ଦୁଇ ଦିନ ହେବ ରାସ୍ତା ପାର୍ଶ୍ୱରେ ଜବରଦଖଲ କରି ବ୍ୟବସାୟ କରୁଥିବା ଦୋକାନୀଙ୍କୁ ଉଠିବା ପାଇଁ ପୌରପାଳିକା ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ଫଳରେ ଦୋକାନୀ ମାନେ ଆଜି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ କରି ବିଦ୍ୟୁତ ସଂଯୋଗ ହୋଇନଥିବା କାରଣରୁ ଦୋକାନ ଖୋଲୁନଥିବା କାରଣ କହିଛନ୍ତି।

ସାରିଥିବା ବେଳେ ଆଜିଯାଏଁ ନୂଆ ଦୋକାନ ଘରର ସଟର୍ ଖୋଲି ନାହିଁ। ବରଂ ରାସ୍ତା କଡ଼ରେ ସେମିତି ପସରା ମେଲାଇ ବେପାର କରୁଛନ୍ତି। ଏ ହେଉଛି ସହରସ୍ଥିତ ସେଣ୍ଟ୍ରାଲ ସ୍କୁଲ ଛକ ନିକଟବର୍ତ୍ତୀ ପୌରପାଳିକାର ମାର୍କେଟ କମ୍ପ୍ଲେକ୍ସ ଦୋକାନ ଘରର ଚିତ୍ର। ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ କାମ ସରିଯାଇଛି ଏବଂ ଦୋକାନୀଙ୍କୁ ଦୋକାନ ଘର ବଣ୍ଟନ କରାଯାଇ ଚାବି ପ୍ରଦାନ ସରିଛି। ହେଲେ କେତେବେଳେ ଅଧିକ ଭଡ଼ା ତ କେତେବେଳେ

ବର୍ତ୍ତମାନ ପାଇଁ ଦିନରେ ଦୋକାନ ଖୋଲି ଯଥାଶୀଘ୍ର ବିଦ୍ୟୁତ ସଂଯୋଗ କରି ରାସ୍ତା ପାର୍ଶ୍ୱର୍ ଫାଙ୍କା କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ଏ ନେଇ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ(ଇଓ) ନିର୍ଲିପ୍ତା ମହାନ୍ତିଙ୍କୁ ପଚାରିବାରୁ କହିଥିଲେ, ଦୋକାନୀଙ୍କୁ ପୂର୍ବରୁ ଦୋକାନ ଘର ଆବଣ୍ଟନ ସହ ଦୋକାନ ଘର ଚାବି ଦିଆ ସରିଛି। ହେଲେ ସେମାନେ ଖୋଲୁନାହାନ୍ତି। ଅନ୍ୟପଟେ ରାସ୍ତା ପାଖ ଜବରଦଖଲ କରି ଦୋକାନ ଘର ରଖିଛନ୍ତି। ଏ ନେଇ ମ୍ୟୁନିସପାଲିଟି ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ୍ ଦିଆଯିବା ପରେ ଦୋକାନୀମାନେ ଆଜି ଆସି ଦେଖା କରିଛନ୍ତି। ବିଦ୍ୟୁତ ସଂଯୋଗ ହୋଇନାହିଁ ବୋଲି ଦୋକାନ ଖୋଲୁନଥିବା କଥା କହୁଛନ୍ତି। ହେଲେ ସେମାନେ ବିଦ୍ୟୁତ ସଂଯୋଗ ପାଇଁ ଆବେଦନ ନ କଲେ କେମିତି ବିଦ୍ୟୁତ ସଂଯୋଗ ହେବ! ତେଣୁ ଆମେ ତାଙ୍କୁ ତୁରନ୍ତ ବିଦ୍ୟୁତ ସଂଯୋଗ ପାଇଁ ଆବେଦନ କରି ଦୋକାନ ଘର ଖୋଲିବାକୁ ନିର୍ଦ୍ଦେଶ ଦେଇଛୁ।

## ନଦୀରୁ ଉଦ୍ଧାର ମୃତ ଯୁବତୀଙ୍କ ପରିଚୟ ମିଳିଲା

ବାଲେଶ୍ୱର,୧୩।୧୨(ସମିସ): ବାଲେଶ୍ୱର ସଦର ଥାନା ଘୋଡାପଦା ନିକଟସ୍ଥ ବୁଢାବଳଙ୍ଗ ନଦୀରେ ଭାସୁଥିବା ଜଣୈକା ଯୁବତୀଙ୍କ ଶବ ପୁଲିସ ଉଦ୍ଧାର କରିଛି। ପୁଲିସ ପ୍ରାଥମିକ ତଦନ୍ତରେ ମୃତ ଯୁବତୀଙ୍କ ପରିଚୟ ପାଇଛି। ଯୁବତୀଙ୍କ ନାମ ଲୋପାମୁଦ୍ରା ଜେନା(୨୨)। ବାଲେଶ୍ୱର ପୌରପାଳିକା ଅଧିନସ୍ଥ ପତୁଆଁପଦା ଛକ ନିକଟରେ ଲୋପାମୁଦ୍ରାଙ୍କ ଘର। ଗତ ଆଠ ତାରିଖରୁ ଲୋପାମୁଦ୍ରା ନିଖୋଜ ଥିଲା। ତାଙ୍କ ପରିବାର ଲୋକଙ୍କ ତରଫରୁ ସହଦେବଖୁଣ୍ଟା ଥାନାରେ ଏକ ନିଖୋଜ ମାମଲା ରୁଜୁ କରାଯାଇ ଥିଲା। ଗତ ଗୁରୁବାର ସନ୍ଧ୍ୟାରେ ସଦର ଥାନା ପୁଲିସ ଖବର ପାଇ ଅଗ୍ନିଶମ ବାହିନୀ ସହାୟତାରେ ଘୋଡାପଦା ନିକଟସ୍ଥ ବଳଙ୍ଗ ନଦୀ ଜଳରୁ ଲୋପାମୁଦ୍ରାର ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ରାତିରେ ବ୍ୟବଚ୍ଛେଦ କରାଯାଇ ନ ପାରିବାରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଶବ ରହିଥିଲା। ଲୋପାମୁଦ୍ରାଙ୍କ ପରିବାର ପକ୍ଷରୁ ଅଭିଯୋଗ ହେଇଛି ଯେ, ତାଙ୍କ ଝିଅକୁ ଦୁଷ୍କର୍ମ କରାଯିବା ପରେ ହତ୍ୟା କରାଯାଇଛି। ମାତ୍ର ସଦର ଥାନା ପୁଲିସ କହିଛନ୍ତି ଯେ, ଶବ ବ୍ୟବଚ୍ଛେଦ ତଥ୍ୟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ।

■ ଦକ୍ଷିଣ ପୂର୍ବ ରେଳପଥ ମେନ୍ସ ୟୁନିୟନ୍ ସ୍ୱୀକୃତି ନିର୍ବାଚନରେ ବିପୁଳ ବିଜୟ

## ବାଲେଶ୍ୱର ଶାଖା କାର୍ଯ୍ୟାଳୟରେ ବିଜୟ ଉତ୍ସବ



ବାଲେଶ୍ୱର,୧୩।୧୨(ସମିସ): ରେଲୱେ ବୋର୍ଡର ନିଷ୍ପତ୍ତିକ୍ରମେ ଗୁପ୍ତ ମତଦାନ ପ୍ରକ୍ରିୟା ନିର୍ବାଚନରେ ଦକ୍ଷିଣପୂର୍ବ ରେଳପଥ ଜୋନ୍‌ରେ କେବଳ ଦକ୍ଷିଣ ପୂର୍ବ ରେଳପଥ ମେନ୍ସ ୟୁନିୟନ୍ ଐତିହାସିକ ବିପୁଳ ବିଜୟ ହାସଲ କରିଥିବାରୁ ଏବଂ ପ୍ରଥମ ସ୍ଥାନ ଗ୍ରହଣ କରିଥିବାରୁ ବାଲେଶ୍ୱର ଶାଖା କାର୍ଯ୍ୟାଳୟରେ ବିଜୟ ଉତ୍ସବ ପାଳନ କରାଯାଇଛି। ଏହି ବିଜୟ ପାଇଁ ବାଲେଶ୍ୱର ଶାଖା ୟୁନିୟନର କର୍ମକର୍ତ୍ତା, ବ୍ରାଞ୍ଚ କାଉନସିଲର, ସକ୍ରିୟ ସଦସ୍ୟ ଅକ୍ଲାନ୍ତ ପରିଶ୍ରମ କରିଥିବାରୁ ୟୁନିୟନର ମୁଖ୍ୟ ଉପଦେଷ୍ଟା ଗୌରସାଧନ ମିଶ୍ର ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ ଏବଂ ଏହି ବିଜୟ ପାଇଁ କେନ୍ଦ୍ରିୟ ପ୍ରତିନିଧି ଅଭିଜିତ୍ ମଲ୍ଲିକ ଓ ଅନ୍ୟ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିପାଇଁ ବାଲେଶ୍ୱର ଶାଖାର କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ପଲେଇ, ଉପସଭାପତି ଉମେଶ ଚନ୍ଦ୍ର ଅଗସ୍ତି, ସହ ସଂପାଦକ ଓ ସଂଗଠନ ସଂପାଦକ ନିତ୍ୟାନନ୍ଦ ମହାନ୍ତି, ଶିଶିର ଦାସ, ସୁବ୍ରତ ବିଶ୍ୱାସ, ସନାତନ ଗାୟନ, ନିର୍ମଳ ଚନ୍ଦ୍ର ବେହେରା, ଦିନେଶ ରାମ ଓ ଶାଖାର ସମସ୍ତ ସଦସ୍ୟମାନେ ପ୍ରଚାର ଅଭିଯାନରେ ପୂର୍ଣ୍ଣ ସହଯୋଗ କରିଥିବାରୁ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବିପୁଳ ବିଜୟ ପାଇଁ ବାଲେଶ୍ୱର ଶାଖାର ସଭାପତି ଅଭିମନ୍ୟୁ ବେହେରା ଓ ସଂପାଦକ ଜ୍ୟୋତିଷ ଦାସ ସମସ୍ତ ୟୁନିୟନ୍‌ର ସଦସ୍ୟ ଓ ରେଳ କର୍ମଚାରୀଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ମୁଖ୍ୟ ଉପଦେଷ୍ଟା ଗୌରସାଧନ ମିଶ୍ରଙ୍କ ମାର୍ଗଦର୍ଶନରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଜଣାଇଥିଲେ।

## 'ସଡ଼କ ସୁରକ୍ଷା ଜୀବନ ରକ୍ଷା' ସଚେତନତା କାର୍ଯ୍ୟକ୍ରମ



ବାଲେଶ୍ୱର,୧୩।୧୨(ସମିସ): ସିଟିଜେନ୍ସ ହ୍ୟୁମାନ୍ ରାଇଟ୍ସ କ୍ଲିନିକ୍ (ସିଏଚଆରସି), ଓଡ଼ିଶାର ବାଲେଶ୍ୱର ଶାଖା ତରଫରୁ ବିଶ୍ୱ ମାନବାଧିକାର ଦିବସ ଉପଲକ୍ଷେ ପୁଲିସ୍ ଲାଇନ ଛକଠାରେ ଶାଖାର ମୁଖ୍ୟ ଆଡ୍‌ଭୋକେଟ୍ ପ୍ରତାପ କେଶରୀ ଦାସଙ୍କ ଆବାହକତ୍ୱରେ ଏକ 'ସଡ଼କ ସୁରକ୍ଷା ଜୀବନ ରକ୍ଷା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମକୁ ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ସଡ଼କ ସୁରକ୍ଷା ଓ ଟ୍ରାଫିକ୍ ନିୟମ ମାନି ଗାଡ଼ି ଚଳାଇବା ପାଇଁ ଜନସାଧାରଣଙ୍କ ନିମନ୍ତେ ବାର୍ତ୍ତା ରଖିଥିଲେ। ସଂଗଠନ ରାଜ୍ୟ ସଭାପତି ଗୋପବନ୍ଧୁ ମଲ୍ଲିକ, ପ୍ରାକ୍ତନ ଓଡ଼ିଶା ପୋଲିସ୍ ମହାନିର୍ଦ୍ଦେଶକ, ପ୍ରଫେସର ରଶ୍ମି ରାଉଳ, ପ୍ରଫେସର ଜୟକୃଷ୍ଣ ମହନ୍ତ, ଶିଳ୍ପଦ୍ୟୋଗୀ ନୃସିଂହ ଚରଣ ନନ୍ଦ କାର୍ଯ୍ୟକ୍ରମରେ ଯୋଗ ଦେଇ ଗାଡ଼ି ଚାଳକଙ୍କୁ ନିଜର ସଚେତନତାର ବାର୍ତ୍ତା ଦେଇଥିଲେ। ଏହି ପରିପେକ୍ଷୀରେ ସଂଗଠନ ସମସ୍ତ ସଦସ୍ୟ ଓ ଶତାଧିକ ଛାତ୍ରଛାତ୍ରୀ ମାନଙ୍କ ଏକ ବିରାଟ ଶୋଭାଯାତ୍ରା ପୋଲିସ୍ ଲାଇନ୍ ଛକ ଠାରୁ ବାହାରି ଷ୍ଟେସନ ଛକ, ଫକୀର ମୋହନ ଗୋଲେଇ ଦେଇ ଫାଣ୍ଡିଛକ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ଜୀବନ ରକ୍ଷାର ବିଭିନ୍ନ ସ୍ଲୋଗାନ ଦେଇ ଲୋକମାନଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଂଗଠନର ୟୁଥ ଉଇଙ୍ଗ ସେକ୍ରେଟାରୀ ବିଶ୍ୱକେଶନ ବେହେରା, ରାଜ୍ୟ ସଂଖ୍ୟାଲଘୁ ସଂପ୍ରଦାୟର ସେକ୍ରେଟାରୀ ସେକ୍ ମୁକ୍ତାରଉଦ୍ଦିନ, ଉପଦେଷ୍ଟା ସାଧୁଚରଣ ମଲ୍ଲିକ, ପ୍ରଫେସର ପ୍ରଫୁଲ୍ଲ କୁମାର ସେଠୀ, କଳ୍ପ ମଲ୍ଲିକ, ପ୍ରମୋଦ କୁମାର ପଟ୍ଟାୟତ, ଇଞ୍ଜିନିୟର ବିଜୟ କୁମାର ସେଠୀ, ଆଜୀବନ ସଦସ୍ୟ ଶିଳ୍ପଦ୍ୟୋଗୀ ମୌସମ କୁମାର ସିଂ, ବିରଞ୍ଚି ନାରାୟଣ ରାଉତ, ଯୋଗେନ୍ଦ୍ର ନାଥ ଘଡ଼ାଇ, ଜଗବନ୍ଧୁ ମଲ୍ଲିକ, ଖଗେନ ଭାରତୀ, ଭାସ୍କର ମଲ୍ଲିକ, ଭବତୋଷ ବେହେରା, ଶ୍ୟାମସୁନ୍ଦର ଜେନା, ପର୍ଶୁରାମ ରାଉତ ଓ ଅନ୍ୟ ସମସ୍ତ ଉପସ୍ଥିତ କର୍ମକର୍ତ୍ତାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉକ୍ତ ସଚେତନତା କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା।

## ୨୬ରେ ବାଲେଶ୍ୱର ଲୟର୍ସ କ୍ଲବର ରକ୍ତଦାନ ଶିବିର

ବାଲେଶ୍ୱର,୧୩।୧୨(ସମିସ): ବାଲେଶ୍ୱର ଲୟର୍ସ କ୍ଲବ ପକ୍ଷରୁ ଶୁକ୍ରବାର ଦିନ ଏକ ବୈଠକ ବାର ହଲ ନମ୍ବର ପାଞ୍ଚରେ ଅନୁଷ୍ଠିତ ହେଇଯାଇଛି। ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କ୍ଲବର ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ରହି ଚଳିତ ମାସ ୨୬ ତାରିଖରେ ଏକ ମେଗା ରକ୍ତଦାନ ଶିବିରର ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇ ଥିଲା। ଏହି ବୈଠକରେ ବରିଷ୍ଠ ଆଇନଜୀବୀ ରଘୁନାଥ ପ୍ରଧାନ, ଦେବୀ ପ୍ରସାଦ ମହାପାତ୍ର, କେଶବ ଆଚାର୍ଯ୍ୟ, ସାଇରୁଲ ହକ, ପ୍ରଭାତ ଦାସ, ଚନ୍ଦ୍ର ଶେଖର ବିଶ୍ୱାଳ, ଦୁର୍ଗା ପ୍ରସନ୍ନ ଦାସ ଓ ଦୀନବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଆଇନଜୀବୀ ଅମର ବଲ୍ଲଭ ନନ୍ଦ ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ସଦସ୍ୟାମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## 'ଭୂତଳ ଜଳ ପରିଚାଳନା ଓ ବିକାଶ' ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବାଲେଶ୍ୱର,୧୩।୧୨(ସମିସ): ରାଜୀବ ଗାନ୍ଧି ଜାତୀୟ ଭୂଜଳ ପ୍ରଶିକ୍ଷଣ ଏବଂ ଗବେଷଣା ସଂସ୍ଥାନ, କେନ୍ଦ୍ରୀୟ ଭୂଜଳ ପରିଷଦ, ଦକ୍ଷିଣ ପୂର୍ବ କ୍ଷେତ୍ର, ଭୁବନେଶ୍ୱର, ଜଳଶକ୍ତି ମନ୍ତ୍ରାଳୟ ଭାରତ ସରକାରଙ୍କ ଆନୁକୂଲ୍ୟରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଭୂବିଜ୍ଞାନ ବିଭାଗରେ "ଭୂତଳ ଜଳ ପରିଚାଳନା ଏବଂ ବିକାଶ" ସମ୍ପର୍କିତ ତ୍ରି-ଦିବସୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ କେନ୍ଦ୍ରୀୟ ଭୂଜଳ ପରିଷଦର ବିଜ୍ଞାନୀ ସୁଧାଂଶୁ କୁମାର ମହାନ୍ତି, ରାଜୀବ କୁମାର ତ୍ରିପାଠୀ, ସମ୍ବିତ କୁମାର ସାମନ୍ତରାୟ, ସୁମିତା ସରକାର, ମୌସୁମୀ ସାହୁ, ଭୁଭୌତିକ-ବିଜ୍ଞାନୀ ରାଜେଶ ବାବୁ ପ୍ରମୁଖ ତିନି ଦିନ ଧରି ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ କ୍ଷେତ୍ର ପରିଦର୍ଶନ କରି ଭୂଜଳ ଅନ୍ୱେଷଣର ପଦ୍ଧତି ସମ୍ପର୍କରେ ବିଶେଷ ଜ୍ଞାନ ଆହରଣ କରିଥିଲେ। ଉକ୍ତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ କୁମାର ଘୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣର ସଫଳ ପରିଚାଳନା ନିମନ୍ତେ କେନ୍ଦ୍ରୀୟ ଭୂଜଳ ପରିଷଦର ସମସ୍ତ ବିଜ୍ଞାନୀ ତଥା ଏଥିରେ ଜଡ଼ିତ ଥିବା ଅନୁଷ୍ଠାନ ଓ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଶେଷତଃ ଭୂବିଜ୍ଞାନ ସମ୍ମାନର ଛାତ୍ରଛାତ୍ରୀମାନଙ୍କ ପାଇଁ ବହୁ ଗୁରୁତ୍ୱ ରଖେ ବୋଲି ଭୂବିଜ୍ଞାନ ବିଭାଗ ମୁଖ୍ୟ ସୁଶୀଳ ଶୁଭଦୀପ ନାୟକ ନିଜ ବକ୍ତବ୍ୟରେ କହିଥିଲେ। ପ୍ରଶିକ୍ଷଣରେ ଭାଗନେଇଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶେଷରେ ଭୂବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପିକା ଡ. ସୁଶ୍ରୀଶୋଭା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ କନ୍‌ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିର ବୁଝାମଣାପତ୍ର ସ୍ୱାକ୍ଷରିତ



ବାଲେଶ୍ୱର,୧୩।୧୨(ସମିସ): ଏକାଡେମିକ୍-ଶିଳ୍ପ ସହଯୋଗକୁ ବୃଦ୍ଧି କରିବାରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରି ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପରାମର୍ଶ ଓ ମାର୍ଗଦର୍ଶନରେ ତଥା ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ କୁଳସଚିବ କୁକୁମୀନା ଦାସଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସିଆଇଆଇ ପ୍ରତିଷ୍ଠାନ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପଙ୍କଜ କୁମାର ଅଗ୍ରୱାଲ, ୟଙ୍ଗ ଇଣ୍ଡିଆ (ୱାଇ.ଆଇ) ଅଧ୍ୟାୟ ବାଲେଶ୍ୱର ଓ ଅନ୍ୟାନ୍ୟ କର୍ମକର୍ତ୍ତାଗଣ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ଟିବିଆଇର ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାରହୀ ଏବଂ ଟିବିଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନେନ୍ଦୁ ନାୟକ ଆୟୋଜନ କରିଥିଲେ। ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ଯଥା ଦକ୍ଷତା ବୃଦ୍ଧି, ନେତୃତ୍ୱ ବିକାଶ ଏବଂ ଗୋଷ୍ଠୀ ସେବା ସମୂହ ପ୍ରଦାନ ପାଇଁ ପଦକ୍ଷେପ ଉପରେ ଧ୍ୟାନ, ଏକାଡେମୀ ଏବଂ ଶିଳ୍ପ ମଧ୍ୟରେ ରହିଥିବା ବ୍ୟବଧାନକୁ ଦୂର କରିବାକୁ ସହଭାଗୀତା ଲକ୍ଷ୍ୟ ଆଦି ବିଭିନ୍ନ ପ୍ରସଙ୍ଗ ରଖାଯାଇଛି। ଏହା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ସିଆଇଆଇ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ନିୟୋଜିତ କରିବାକୁ ସକ୍ଷମ ହୋଇପାରିବ। ଏଥିସହ ଜାତୀୟ ଏବଂ ଅଧ୍ୟାୟ ସ୍ତରୀୟ ୱାଇ.ଆଇ ଇଭେଣ୍ଟରେ ବିଶ୍ୱବିଦ୍ୟାଳୟର ଅଂଶଗ୍ରହଣକୁ ସୁଗଠିତ କରିବା, ବ୍ୟାପକ ଏକ୍ସପୋଜର ଏବଂ ନେଟୱାର୍କିଂକୁ ବୃଦ୍ଧି କରିବା ସହ ସ୍ୱ-ବିକାଶ ତଥା ସାମାଜିକ ଗୋଷ୍ଠୀ ସେବା ଏବଂ ରାଷ୍ଟ୍ର ନିର୍ମାଣ ଉପରେ ଧ୍ୟାନ ଦିଆଯାଇ ମିଳିତ ପ୍ରକଳ୍ପ ଏବଂ ପଦକ୍ଷେପକୁ ପ୍ରୋତ୍ସାହିତ କରିବାର ସୁଯୋଗ ହାସଲ ନେଇ ଆଶାପୋଷଣ କରାଯାଇଛି। କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସି.ଆଇ.ଆଇ) ହେଉଛି ଏକ ଅଣ-ଲାଭକାରୀ ଶିଳ୍ପ-ନେତୃତ୍ୱାଧୀନ ସଂଗଠନ ଯାହା ନିରନ୍ତର ବିକାଶ ଏବଂ ବିଶ୍ୱସ୍ତରରେ ପ୍ରତିଯୋଗିତାମୂଳକ ଅଗ୍ରଗତି ଉପରେ ଧ୍ୟାନ ଦେଇଥାଏ।

### ସିଂଲା ହାଟରୁ ଜବରଦଖଲ ଉଚ୍ଛେଦ

# ପ୍ରଶାସନ ଫେରିବା ପରେ ପୁଣି ବାଡ଼ ଘେରିଲେ

**ରାଜଘାଟ/ବସ୍ତା, ୧୩।୧୨ (ସମିସ):** ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ସିଂଲା ବଜାରରେ ସରକାରୀ ଜାଗାରେ ବେଆଇନ ଭାବରେ ଗଢି ଉଠିଥିବା ୮ ଟି ଦୋକାନ ଘରକୁ ଶୁକ୍ରବାର ପ୍ରଶାସନ ଉଚ୍ଛେଦ କରିବାର ପ୍ରକ୍ରିୟା ଜାରି ରଖିଥିବା ବେଳେ କିଛିଟା ବାଧା ସୃଷ୍ଟି ହେବା ଯୋଗୁଁ ଉଚ୍ଛେଦ ଶେଷ ହୋଇନାହିଁ।

ସିଂଲା ହାଟ ପଡ଼ିଆ ଓ ପଞ୍ଚାୟତ ଜମି ଦୀର୍ଘଦିନ ଧରି ଜବରଦଖଲକାରୀଙ୍କ କବଜାରେ ରହିଛି। ପୂର୍ତ୍ତ ବିଭାଗର ପଥଦୁର୍ଗା ମୌଜାର ଥିବା ଖାତା ନଂ ୪୨୫ ଏବଂ ଖସଡ଼ା ନଂ ୧୦୬୨ ର ୪୪ ଡେସିମିଲ ନୟନଯୋରି, ଖସଡ଼ା ନଂ ୧୦୬୪ ର ୬୦ ଡେସିମିଲ, ଆଣ୍ଠୁଆପଦା ମୌଜାର ଖାତା ନଂ ୧୯୩ ଏବଂ ଖସଡ଼ା ନଂ ୧୧୯ ର ୪୮ ଡେସିମିଲ, ଖସଡ଼ା ନଂ ୧୨୦ ର ୫୮ଡେସିମିଲ, ଖସଡ଼ା ନଂ ୧୨୧ ର ୫୧ ଡେସିମିଲ, ସିଂଲା ମୌଜାର ଖସଡ଼ା ନଂ ୧୭୮ର ୮ ଏକର ୨୧ ଡେସମିଲ ଏବଂ ଖସଡ଼ା ନଂ ୧୭୯ର ରକ୍ଷିତରେ ୨ ଏକର ୨୦ ଡେସିମିଲ ରକ୍ଷିତ ଜାଗାକୁ ସେହି ଅଞ୍ଚଳର ୪୪ଜଣ ବ୍ୟକ୍ତି ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ବୃହତ ଅଟ୍ଟାଳିକା ନିର୍ମାଣ କରିବା ସହ କିଛି ଜାଗାକୁ ଦୀର୍ଘ ଦିନ ଧରି ନିଜ ଜବର ଦଖଲରେ ରଖିଆସୁଅଛନ୍ତି। ଫଳରେ ସରକାରଙ୍କ ତରଫରୁ ଉକ୍ତ ପଞ୍ଚାୟତକୁ ଆସିଥିବା ଦୁଇଟି ଅଙ୍ଗନବାଡ଼ି, ମିଶନ ଶକ୍ତି ଗୃହ, ଗୋଦାମ ଗୃହ, ବସ ଷ୍ଟାଣ୍ଡ, ମାର୍କେଟ କମ୍ପ୍ଲେକ୍ସ, କଲ୍ୟାଣ ମଣ୍ଡପ ନିର୍ମାଣ ଆଦି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଲାଗି ଅର୍ଥ ମଞ୍ଜୁର ହୋଇଥିଲେ ସୁଦ୍ଧା ଜବର ଦଖଲ ଜନିତ ସମସ୍ୟା ଯୋଗୁଁ ତାହା ହୋଇପାରିନାହିଁ।



ଏ ନେଇ ରଘୁନାଥ ସାହୁ ନାମକ ଜଣେ ୮୧ ବର୍ଷୀୟ ବୃଦ୍ଧ ୨୦୧୬ ରେ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ଦାଏର କରିଥିଲେ। ଉକ୍ତ ମାମଲା ମୂଳେ ଉଚ୍ଚ ନ୍ୟାୟାଳୟ ଜିଲାପାଳ ଏବଂ ତହସିଲଦାର, ବସ୍ତାଙ୍କୁ ଡବଲ୍ୟୁ ପି(ସି) ୩୨୨୨୨/୨୪ ପ୍ରଥମ ପର୍ଯ୍ୟାୟରେ ୯ଜଣ ଜବର ଦଖଲ କାରୀଙ୍କୁ ହଟାଇବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ମୂଳେ ତହସିଲଦାର ରାଧାରଞ୍ଜନ ଦାସ ତହସିଲ ଚିଠି ନଂ ୩୨୨୪ ମୂଳେ ନନ୍ଦକିଶୋର ପାତ୍ର, ରାଜେନ୍ଦ୍ର ପ୍ରମାଣିକ, ରାଜେନ୍ଦ୍ର ଗିରି, ରଞ୍ଜନ ଜେନା, ନଗେନ୍ଦ୍ର ସାହୁ, ଅଶ୍ୱନୀ ଅସୀମ ଦାସ, ପ୍ରଶାନ୍ତ କୁମାର ରାଉତ, ଗୋପେଶ୍ୱର ପ୍ରମାଣିକ ଓ ଅଜିତ କୁମାର ଦଳାଇ ଆଦି ଜବରଦଖଲ କାରୀଙ୍କୁ ଗତ ସେପ୍ଟେମ୍ବର୍ ୧୦ ସୁଦ୍ଧା ଜାଗାରୁ ଅପସରି ଯିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ଉକ୍ତ ଜବରଦଖଲକାରୀଙ୍କ ମଧ୍ୟରୁ ଅଶ୍ୱନୀ ଅସୀମ ଦାସ ୨୦୧୬ ମହିହା ପୂର୍ବ ଉଚ୍ଛେଦକୁ ନେଇ ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହେବା ସହ ମାମଲାଟି ପରବର୍ତ୍ତୀ ସମୟରେ ଜିଲାପାଳଙ୍କ ଠାରେ ବିଚାରାଧୀନ ଥିବାରୁ ଅବଶିଷ୍ଟ ୮ଜଣ ଚଳିତ ମାସ ଡିସେମ୍ବର ୧୧ ସୁଦ୍ଧା ସେଠାରୁ ଅପସରି ଯିବା ପାଇଁ ତହସିଲ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଜଣାଯାଇଥିଲା। ତଥାପି ଜବରଦଖଲକାରୀ ମାନେ ସେଠାରୁ ହଟିନଥିଲେ। ଫଳରେ ଶୁକ୍ରବାର ପୂର୍ବାହ୍ଣରେ ମାଜିଷ୍ଟ୍ରେଟ ହିସାବରେ ବସ୍ତା ତହସିଲଦାର ରାଧାରଞ୍ଜନ ଦାସଙ୍କ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମେ ରଞ୍ଜନ ଜେନା ଓ ପରେ ପ୍ରଶାନ୍ତ ରାଉତ, ନଗେନ୍ଦ୍ର ସାହୁ, ରାଜେନ୍ଦ୍ର ଗିରିଙ୍କର ଜବରଦଖଲରେ ଥିବା ଜାଗାକୁ ଉଚ୍ଛେଦ କରାଯାଇଥିଲା। ମାତ୍ର ଅଜିତ କୁମାର ଦଳାଇଙ୍କ ୨୦/୧୨ ଫୁଟ୍ ଜାଗାକୁ ଉଚ୍ଛେଦ କରିବାକୁ ଯିବାରୁ ପ୍ରଶାସନ ପ୍ରଥମେ ସିଂଲା ଥାନା ସମ୍ମୁଖରେ ଥିବା ଗୋପେଶ୍ୱର ପ୍ରମାଣିକଙ୍କ ଜବଲଦଖଲକୁ ହଟାଇବା ପରେ ସେ ଅପସରି ଯିବେ ବୋଲି ଯୁକ୍ତି ବାଢିଥିଲେ। ତେବେ ପ୍ରଶାସନର ଚିଠି ଓ ଡାକବାଜି ଯନ୍ତ୍ରର ସୂଚନା ପାଇ ମଧ୍ୟ ନିଜେ ନିଜଆଡୁ ଅପସରି ନ ଯାଇ ଦୋକାନରେ ୨୫ ଲକ୍ଷରୁ ଅଧିକ ଟଙ୍କାର ଜିନିଷ ଅଛି ଯାହାକୁ କି ସ୍ଥାନାନ୍ତର କରିବା ପାଇଁ ଆଉ ଅଧିକ ୨୪ ଘଣ୍ଟା ସମୟ ଶ୍ରୀ ପ୍ରମାଣିକ ଲୋଡ଼ିଥିଲେ। ଫଳରେ ସେହିଠାରୁ ହିଁ ଉଚ୍ଛେଦ ପ୍ରକ୍ରିୟାରେ ରୋକ ଲାଗିଯାଇଥିଲା। କିଛି ସମୟ ପରେ ତହସିଲଦାର ସମେତ ପୁଲିସ କର୍ମଚାରୀମାନେ ସେଠାରୁ ଫେରି ଆସିଥିଲେ। ପରେ ଜବରଦଖଲକାରୀମାନେ ସୁଯୋଗ ଉଣ୍ଡି ପୁଣି ବାଡ଼ ଘେରି ପୁଣି ଜବରଦଖଲ କରିବା ଆରମ୍ଭ କରିଦେଇଥିଲେ। ଏ ନେଇ ତହସିଲଦାର ଶ୍ରୀ ଦାସଙ୍କୁ ଯୋଗାଯୋଗ କରିବାରୁ ଆଗାମୀ ୧୦ ଦିନ ମଧ୍ୟରେ ପୁଣି ପୁଲିସ ଫୋର୍ସ ମଗାଯାଇ ଅବଶିଷ୍ଟ ଜବରଦଖଲ ଜାଗାକୁ ଉଚ୍ଛେଦ କରାଯିବ ବୋଲି କହିଥିଲେ। ଆଜିର ଏହି ଉଚ୍ଛେଦ ପ୍ରକ୍ରିୟା ଲାଗି ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ନାବାଳକ ଉଦ୍ଧାର

**ଖଇରା, ୧୩।୧୨ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତର ରାଇକୁଳା ଠାରେ ଅଚିହ୍ନା ଅଜଣା ନାବାଳକ ବୁଲୁଥିବା ବେଳେ ଜଣେ ଦୋକାନୀ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ କମିଟିକୁ ଜଣାଇଥିଲେ। ଗୁରୁବାର ସଂଧ୍ୟାରୁ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ବାରମ୍ବାର ଫୋନ କରାଯାଇଥିଲେ ମଧ ସେମାନେ ଆସିନଥିଲେ କି ପିଲା ଉଦ୍ଧରା ସମ୍ପର୍କରେ ଚୁପ ରହିଥିଲେ। ଶୁକ୍ରବାର ସକାଳେ ଖଇରା ପୁଲିସ ପହଞ୍ଚି ପିଲାଟିକୁ ଉଦ୍ଧାର କରି ଔପଦା ବ୍ଲକର ଚିଞ୍ଚିଡାସ୍ଥିତ ଆଶ୍ରମକୁ ହସ୍ତାନ୍ତର କରିଛି। ପୂର୍ବରୁ ଖଇରାରେ ଥିବା ଚାଇଲ୍ଡ଼ ଲାଇନ ତୁରନ୍ତ ଉଦ୍ଧାର କାର୍ଯ୍ୟ ସମ୍ପନ୍ନ ହୋଇପାରୁଥିବା ବେଳେ ଏବେ ସରକାର ଏଗୁଡିକୁ ବନ୍ଦ କରିଦେଇଥିବାରୁ ଅନେକ ଶିଶୁ ଶ୍ରମିକ ବିଭିନ୍ନ ସ୍ଥାନରେ ନିର୍ଯ୍ୟାତନା ଦିଆଯାଉଥିଲେ ହେଁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା ଅଭିଯୋଗ ହୋଇଛି। ନାବାଳକଟି କିଛି କହିପାରୁନଥିବାରୁ ପରିଚୟ ମିଳିପାରିନାହିଁ।

## ବାଲି ଚୋରାଚାଲାଣ ଡମ୍ଫର ଜବତ

**ବାଲିଆପାଳ, ୧୩।୧୨ (ସମିସ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ଓ ଜଳେଶ୍ୱର ସୀମାରେ ଥିବା କଣ୍ଟାପାଳ ବାଲିଖାଦାନ ନିକଟରୁ ଗତକାଲି ରାତିରେ ଏକ ବେଆଇନ ବାଲି ବୋଝେଇ ଡମ୍ଫରକୁ ପୁଲିସ ଜବତ କରିଛି। ସରକାରୀ ସ୍ତରରେ ଏହି ବାଲିଖାଦାନ ନିଲାମ ହୋଇ ନ ଥିବାରୁ ବାଲିମାଫିଆ ମାନେ ପ୍ରତ୍ୟେକ ଦିନ ସନ୍ଧ୍ୟା ସାତଟାରୁ ସକାଳ ହେବା ପର୍ଯ୍ୟନ୍ତ ଜେସିପି ସାହାଯ୍ୟରେ ମନଇଚ୍ଛା ବାଲି ଉଠାଇ ଚଢା ଦାମରେ ବିକ୍ରୀ କରୁଛନ୍ତି। ଏହି ବାଲି ରାତାରାତି ଡମ୍ଫର ସାହାଯ୍ୟରେ ଜିଲ୍ଲାର ପ୍ରତ୍ୟେକ ସ୍ଥାନକୁ ଯିବା ସହିତ ଅଧିକାଂଶ ଗାଡି ପଡୋଶୀ ପଶ୍ଚିମବଙ୍ଗକୁ ଯାଉଛି। ବର୍ତ୍ତମାନ ବାଲିଚର ଚାହିଦା ଥିବାରୁ ବାଲିମାଫିଆ ମାଫିଆମାନେ ଚଢା ଦାମରେ ବିକ୍ରୀ କରି ମାଲେମାଲ ହେଉଛନ୍ତି। ପ୍ରତ୍ୟେକ ଦିନ ରାତିରେ ୧୫/୨୦ଲକ୍ଷ ଟଙ୍କାର ବାଲି ଉଠାଯାଉଥିବାର ଶୁଣିବାକୁ ମିଳୁଛି। ଗତକାଲି ବାଲିଆପାଳ ପୋଲିସ ଖବରପାଇ କଣ୍ଟାପାଳ ବାଲିଖାଦାନ ନିକଟରୁ ଏକ ବେଆଇନ ବାଲି ବୋଝେଇ ଡମ୍ଫରକୁ ଜବତ କରି ଥାନାକୁ ଆଣିଛନ୍ତି। ତାଛଡା ସୁବର୍ଣ୍ଣରେଖା ରେଖା ନଦୀର ଦ୍ୱିତୀୟ ସେତୁ ନିକଟରେ କଣ୍ଟାପାଳ ବାଲିଖାଦାନରୁ ଯେଉଁଭଳି ବାଲି ଉତ୍ତୋଳନ ହେଉଛି ପ୍ରଶାସନ ସଜାଗ ନ ହୁଏ ତାହାହେଲେ ପୋଲ ଅଳ୍ପ ଦିନରେ ଭୁଷୁଡି ପଡ଼ିବ।

## ୧୬ରେ ଲଙ୍ଗଳେଶ୍ୱର ସତ୍‌ସଂଗ ବିହାର ଶ୍ରୀମନ୍ଦିରର ଶୁଭ ଉଦ୍‌ବୋଧନ ଉତ୍ସବ

**ବାଲିଆପାଳ/ଲଙ୍ଗଳେଶ୍ୱର, ୧୩।୧୨ (ସମିସ):** ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ସତସଙ୍ଗ ବିହାର ପରିସରରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୭ ତମ ଜନ୍ମ ମହୋତ୍ସବ ଏବଂ ଶ୍ରୀମନ୍ଦିରର ଶୁଭ ଉଦବୋଧନ ଉତ୍ସବ ଆସନ୍ତା ୧୬ ତାରିଖ ଦିନ ହେବା ନେଇ ଶୁକ୍ରବାର ମନ୍ଦିର ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଋତ୍ୱିକ ଦେବ କେଦାରନାଥ ମହାନ୍ତିଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଋତ୍ୱିକ ଦେବ ଚକ୍ରଧର ଜେନା, ହୃଦୟ ରଞ୍ଜନ ତ୍ରିପାଠୀ, କାହ୍ନୁ ଚରଣ ପାଣିଗ୍ରାହୀ, ଅନ୍ତର୍ଯ୍ୟାମୀ ସାମନ୍ତରାୟ, ପ୍ରଶାନ୍ତ କୁମାର ଦେ, ସ୍ଥାନୀୟ ସରପଞ୍ଚ କାଳି ଚରଣ ଜେନା ପ୍ରମୁଖ ଯୋଗ ଦେଇ ଆଚାର୍ଯ୍ୟ ଦେବଙ୍କ ଆଗମନ, ଶ୍ରୀ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା, ଶୁଭ ଉଦବୋଧନ ଉତ୍ସବ ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଥିଲେ। ଏହି ଅବସରରେ ଭକ୍ତ ସମ୍ମିଳନୀ, ମାତୃ ସମ୍ମିଳନୀ, ସଂକୀର୍ତ୍ତନ, ଉଷା କୀର୍ତ୍ତନ, ଦେବ ମାଙ୍ଗଳିକ, ପ୍ରାଥନା ସଭା, ନାମ ଜପ, ସତ ଗ୍ରନ୍ଥ ପାଠ, ଭକ୍ତି ସଙ୍ଗୀତ ପରିବେଷଣ ଆଦି କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହେବ। ଭକ୍ତ ମାନଙ୍କୁ ନେଇ ଏକ ସାଧାରଣ ସଭା ମଧ ଆୟୋଜନ କରା ଯାଇଛି। ଆଇନ ଶୃଙ୍ଖଳା, ସୁରକ୍ଷା ତଥା ସୁ ବ୍ୟବସ୍ଥା ବ୍ୟବସ୍ଥିତ ଢଙ୍ଗରେ କରାଯିବା ନେଇ ସମସ୍ତ ସ୍ଥିରୀକୃତ ହୋଇଛି। ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ଭକ୍ତଙ୍କ ସମାବେଶ ହେବ। ସତସଂଘ ବିହାର ସମ୍ପାଦକ ସଞ୍ଜୟ କୁମାର ପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଓ ବିବରଣୀ ପ୍ରଦାନ କରିଥିଲେ।

## ଭୋଗରାଇ ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ଭୋଗରାଇ, ୧୩।୧୨ (ସମିସ):** ଭୋଗରାଇ ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଣୀ ପୁନମ ରାଉତ ଏହି ଶିବିରକୁ ଉଦଘାଟନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗୌରାଙ୍ଗ ସାମଲ ଶିବିରକୁ ପରିଚାଳନା କରିଥିଲେ। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତଥା ଭୋଗରାଇ ପଞ୍ଚାୟତ ସମିତି ସହଯୋଗରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବିଭିନ୍ନ ବିଭାଗରୁ ସମୁଦାୟ ୯୭୭ ଜଣ ଭିନ୍ନକ୍ଷମ ପଞ୍ଜିକୃତ ହୋଇଥିଲାବେଳେ ସେମାନଙ୍କୁ ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ ଶାରୀରିକ ଅକ୍ଷମ ୪୫୨, ଦୃଷ୍ଟି ବାଧିତ ୧୨୭, ଶ୍ରବଣ ବାଧିତ ୨୬୦ ଏବଂ ମାନସିକ ଅନଗ୍ରସର ୧୩୮ ଜଣ ରହିଥିବା ଜଣାପଡ଼ିଛି।ଏହା ବ୍ୟତିତ ଭିନ୍ନକ୍ଷମ ମାନଙ୍କୁ ଡି ଆର୍ ଆଇ ଋଣ ଓ ବସ୍ ଯାତାୟାତ ପାଇଁ ୫୯ ଜଣ ପାଶ ପାଇବା ପାଇଁ ମନୋନୀତ ହୋଇଥିଲେ। ବ୍ଲକ ସ୍ତରୀୟ ଅଧିକାରୀ ଓ କର୍ମଚାରୀ ତଥା ଅଙ୍ଗନବାଡ଼ି କର୍ମୀ, ସମସ୍ତ ସିଆରସିସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳନା ହୋଇଥିଲା।

**୯୭୭ ଜଣ ଭିନ୍ନକ୍ଷମ ପଞ୍ଜିକୃତ**

## ଗୀତା ଜୟନ୍ତୀ ସମାରୋହ

**ଭୋଗରାଇ, ୧୩।୧୨(ସମିସ):** ଭୋଗରାଇ ବ୍ଲକ ସୋହରିଆ ପଞ୍ଚାୟତ ଅଧୀନ ସେହି ଗ୍ରାମରେ ଥିବା ଶଙ୍କରୀ ମାତା ଭାଗବତ ଟୁଙ୍ଗୀ ପ୍ରାଙ୍ଗଣରେ ୨୦ ତମ ବାର୍ଷିକ ଗୀତା ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳେ ଗ୍ରାମର ୩ ଶହ ମହିଳା ଓ ପୁରୁଷମାନେ ଏକ ବର୍ଣ୍ଣାଢ଼୍ୟ କଳସ ଶୋଭାଯାତ୍ରାରେ ସାମିଲ ହୋଇ ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରିଥିଲେ। ଶଙ୍ଖ, ଝାଲି, ମୃଦଙ୍ଗ ଓ ହୁଳହୁଳି ଶବ୍ଦରେ ସମଗ୍ର ଗାଁ ପ୍ରକମ୍ପିତ ହୋଇଥିଲା। ସମସ୍ତେ ଗାଁ ପରିକ୍ରମା କରି ପୋଖରୀରୁ ପାଣି ଆଣି କଳସ ସ୍ଥାପନ କରାଯାଇଥିଲା। ପରେ ପଣ୍ଡିତଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ମହାନ୍ତି, ରବୀନ୍ଦ୍ର ପ୍ରଧାନ, ଅଜୟ କର, ଅନିଲ ସାହୁ, ଦେବେନ୍ଦ୍ର ମାହାନା, ଶଚିନ୍ଦ୍ର ମଣ୍ଡଳ, ସର୍ବେଶ୍ୱର ପ୍ରଧାନ, ରାଧାକୃଷ୍ଣ ମହାନ୍ତି, ସନ୍ତୋଷ ଗିରି, ପ୍ରଫୁଲ୍ଲ ଗିରି, ପଦ୍ମଲୋଚନ କର, ଯୋଗେନ୍ଦ୍ର ମାହାନା, ସୁଜୟ ବାରିକ, ମନୋରଞ୍ଜନ ବାରିକ, ରାମଚନ୍ଦ୍ର ରାଉଳ, ବିଦ୍ୟାଧର ବେହେରା, ଉତ୍ତମ ଗିରି, ମନ୍ମଥ ଗିରି, ନିତ୍ୟାନନ୍ଦ ସାହୁ, ଅଜୟ ରାଉଳ ପ୍ରମୁଖଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



## ଶ୍ୟାମସୁନ୍ଦର ମହାବିଦ୍ୟାଳୟରେ ଗୀତା ଜୟନ୍ତୀ ପାଳିତ




**ଭୋଗରାଇ, ୧୩।୧୨ (ସମିସ):** ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସକାଳେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ନଗର ପରିକ୍ରମଣ କରିବା ପରେ ସମବେତ ସ୍ୱରରେ ଗୀତାପାଠ କରିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ସଂସ୍କୃତ ଶିକ୍ଷକ ଶମ୍ଭୁନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ମହାବିଦ୍ୟାଳୟର ଧର୍ମଶାସ୍ତ୍ର ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ମୁଖ୍ୟ ବ୍ୟକ୍ତା ଭାବେ ଯୋଗଦେଇ ଭଗବତ ଗୀତାର ମହତ୍ୱ ବୁଝାଇ ଛାତ୍ରଛାତ୍ରୀଙ୍କ ପାଇଁ ଏହା ଏକ ଅନୁସରଣୀୟ ବୋଲି ପରାମର୍ଶ ଦେଇଥିଲେ। ଅଧ୍ୟାପିକା ଗାୟତ୍ରୀ ହେମ୍ବ୍ରମ, ବନସ୍ମିତା ନାୟକ, ଆଲୋକିତା ନନ୍ଦୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବକ୍ତୃତା, ଗୀତା ଶ୍ଳୋକାବୃତି ଏବଂ ଗୀତା ଜ୍ଞାନ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହିତ ରାଜ୍ୟସ୍ତରୀୟ ଗୀତାବୃତ୍ତି ପ୍ରତିଯୋଗୀତାରେ ପ୍ରଥମସ୍ଥାନ ଲାଭ କରିଥିବା ଛାତ୍ରୀ ଅନୁସୟା ଦଳାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ବିନୋଦ ବିହାରୀ ଜେନା ଧନ୍ୟବାଦ ଜ୍ଞାପନ କରିଥିବା ବେଳେ ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୀତା ଜୟନ୍ତୀ

**ଖଇରା, ୧୩।୧୨ (ସମିସ):** ଖଇରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ଗୀତା ଜୟନ୍ତୀ ପାଳିତ ହୋଇ ଯାଇଛି। ପ୍ରଥମେ ପରିବେଶ ସ୍ୱଚ୍ଛତା ବିଷୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ପରେ ଗୀତା ଜୟନ୍ତୀ ପାଳନ ଉପଲକ୍ଷେ ପଣ୍ଡିତ ଲୋକନାଥ ପଣ୍ଡାଙ୍କ ଦ୍ୱାରା ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନାଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁ, ଗୁରୁଜୀ ପୂର୍ଣ୍ଣଚନ୍ଦ୍ର ସାହୁ, କାର୍ତ୍ତିକ ମୁଦୁଲୀ, ପିୟୁଷ ରାଉତ ପ୍ରମୁଖ ସହଯୋଗ କରିଥିଲେ। ମଦନ ଗୁରୁଜୀଙ୍କ ତତ୍ତ୍ୱାବଧାବରେ ପିଲାମାନଙ୍କ ଦ୍ୱାରା ନୃତ୍ୟଗୀତ ସମ୍ପର୍ଣ୍ଣ ହୋଇଥିଲା। ଯଜ୍ଞ ପୂର୍ଣ୍ଣାହୁତୀ ପରେ କଳ୍ପନା ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ଗୀତା ଜୟନ୍ତୀ ଉପଲକ୍ଷେ ଭଗବତ ଗୀତାଯଜ୍ଞ

**ଜଳେଶ୍ୱର, ୧୩।୧୨ (ସମିସ):** ଜଳେଶ୍ୱର ବ୍ରାହ୍ମଣ ସମାଜ ଦ୍ୱାରା ଆୟୋଜିତ ୭୦ ଜଣ ବ୍ରାହ୍ମଣ ଗୀତାପାଠ କରିଥିଲେ। ରାଜ୍ୟ ସଂଯୋଜକ ବ୍ରାହ୍ମଣ ମହା ସଂଘର ପଣ୍ଡିତ ଲୋକନାଥ ଧଳଙ୍କ ପରିଚାଳନାରେ ୭୦ ଜଣ ବ୍ରାହ୍ମଣ, ଲକ୍ଷ୍ମୀ ନାରାୟଣ, ଅନନ୍ତ ଶଯ୍ୟା ବିଗ୍ରହ ପୂଜାର୍ଚ୍ଚନା ଓ ଯଜ୍ଞାଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଅନ୍ୟ ପଣ୍ଡିତ ଓ ବ୍ରାହ୍ମଣ ମାନଙ୍କ ମଧ୍ୟରେ ଭୃଗୁ ରାମ କର, ଶରତ ଷଡ଼ଙ୍ଗୀ, ଗୀରିଶ କୁମାର ପାଣିଗ୍ରାହୀ, ରବୀନ୍ଦ୍ର ମିଶ୍ର, ମୃତ୍ୟୁଞ୍ଜୟ ନନ୍ଦ, ରବୀନ କୁମାର ମିଶ୍ର, ରବି ନାରାୟଣ ମିଶ୍ର, ଆଦ୍ୟ ପଦ ଧର, ଦେବବ୍ରତ ପାଣୀଗ୍ରାହୀ, ଅନ୍ୟାନ୍ୟ ପଣ୍ଡିତ ଉପସ୍ଥିତ ହୋଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ରାଧା ରଞ୍ଜନ ବାଗ ସଙ୍କଳ୍ପ ହୋଇଥିଲେ। ଏଥି ସହିତ ଅନୁଷ୍ଠାନର ବୌଦ୍ଧିକ ମଣ୍ଡପରେ ଏକ ଗୀତା ଆବୃତ୍ତି ଓ ଗୀତା ଜ୍ଞାନ ପ୍ରତିଯୋଗିତା ହୋଇ ପୁରସ୍କାର ବିତରଣ ହୋଇଥିଲା।

ବିଦ୍ୟାଳୟର ସମ୍ପାଦକ ପ୍ରାକ୍ତନ ସଂସ୍କୃତ ଶିକ୍ଷକ ଗିରୀଶ ପାଣିଗ୍ରାହୀ ସଂଯୋଜନା କରିଥିଲେ। ଅନୁଷ୍ଠାନର ସଭାପତି ଶଶିକାନ୍ତ ପ୍ରଧାନ ସଭାପତିତ୍ୱ କରିଥିଲେ। ମଞ୍ଚାସୀନ ଅତିଥି ମଧ୍ୟରେ ମୁଖ୍ୟଅତିଥି ଭାବେ ତହସିଲଦାର ସତ୍ୟଜିତ ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷ ଜିତାରାମ ଦେ, ପ୍ରଧାନ ଶିକ୍ଷକ ଡ. ଅଜିତ ମହାନ୍ତି, ଉପସଭାପତି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ଦତ୍ତ, ଶୁଭ୍ରାଂଶୁ ଶେଖର ଦାସ ମହାପାତ୍ର ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ଗୁରୁଜୀ ଉମା ଶଙ୍କର ପାଳ ସଭା ସଞ୍ଚାଳନ କରିଥିବା ବେଳେ ଗୁରୁଜୀ ନରହରି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଗୀତା ଆବୃତ୍ତି ପ୍ରତିଯୋଗିତାରେ ସିନିୟର୍ ବିଭାଗରେ ଜ୍ୟୋତିରାଦିତ୍ୟ ପତି, ଜୁନିୟର ବିଭାଗରେ ଐଶ୍ୱର୍ଯ୍ୟା ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

## ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଖଇରା, ୧୩।୧୨ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ୪୩ତମ ବାର୍ଷିକ କ୍ରୀଡା ଗୁରୁବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି। ଅଧ୍ୟକ୍ଷ ଗଗନବିହାରୀ ରାଉତଙ୍କ ଉଦ୍‌ଘାଟନ ପରେ ଏକ ମଶାଲ ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି କୁପାରୀ ଶୂନ୍ୟମନ୍ଦିର ପହଞ୍ଚିବା ପରେ ସଞ୍ଚାଳକ ରାଜୁ ବାବା ମଶାଲରେ ଅଗ୍ନି ସଂଯୋଗ କରିଥିଲେ। ଛାତ୍ରଛାତ୍ରୀ କୁପାରୀ ବଜାର ପରିକ୍ରମା କରି ମହାବିଦ୍ୟାଳୟ ପରିସରରେ ପହଞ୍ଚିବା ପରେ କ୍ରୀଡା ଶିକ୍ଷକ ରବୀନ୍ଦ୍ର ନାଥ ନାୟକଙ୍କ ତତ୍ତ୍ୱାବଧାନରେ ଶପଥପାଠ କରାଯାଇଥିଲା। ମୁଖ୍ୟ ସଂଯୋଜକ ଲଲାଟେନ୍ଦୁ ମଲ୍ଲିକ ଶୃଙ୍ଖଳାର ସହ ଉକ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଅଧ୍ୟାପିକା ମାଳତୀଲତା ହାତୀ, ଡ. ଆଭାରାଣି ବଳ, ଲକ୍ଷ୍ମୀପ୍ରିୟା ଜେନା, କସ୍ତୁରୀ ବେହେରା, ଅଧ୍ୟାପକ ଦୀପକ କୁମାର ଦାସ, ଦତ୍ତାତ୍ରେୟ ଦାସ, ଅଂଶୁମାନ ନାୟକ, କୃପାସିନ୍ଧୁ ମଲ୍ଲିକ, ଅଶୋକ କୁମାର ହାତୀ, ମନିଶ କୁମାର ରାଉତ, ଶୁଭକାନ୍ତ ବାରିକ, ଦେବାଶିଷ ଗୋଛାୟତ, ପ୍ରଦୀପ କୁମାର ବାରିକ, ଭକ୍ତବନ୍ଧୁ ସାହୁ, ବିଚିତ୍ର ନାୟକ ଓ ଚିରଞ୍ଜୀବୀ ଦାସ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ।



## ଖୋଲୁନି ଧାନମଣ୍ଡି, ଆନ୍ଧ୍ରକୁ ଚୋରାଚାଲାଣ

**ପଞ୍ଚଲିଙ୍ଗେଶ୍ୱର, ୧୩।୧୨(ସମିସ):** କୁଇଣ୍ଟାଲ ପିଛା ମାତ୍ର ୨୩୦୦ ଟଙ୍କାରେ ଆନ୍ଧ୍ରକୁ ଯାଉଛି ଓଡ଼ିଶାର ଧାନ। ଏଠାରେ ଖୋଲୁନି ମଣ୍ଡି ବୋଲି ଚାଷୀ ହେଉଛନ୍ତି ହନ୍ତସନ୍ତ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଔପଦା ବ୍ଲକ ଅଧୀନ କାଣ୍ଡଗରଡ଼ି ପଞ୍ଚାୟତ କାନପୁର ଛକରେ। ଜଣେ ଦଲାଲ ଆଜି ସକାଳେ ଏକ ଟ୍ରକରେ ୨୦ ଟନ ଧାନ ଆନ୍ଧ୍ରକୁ ପଠାଇବା ପାଇଁ ଉଦ୍ୟମ କରୁଥିବା ବେଳେ ଖବର ପାଇ ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧି ପହଞ୍ଚି ଖବର ସଂଗ୍ରହ କରିବା ସହିତ ନୀଳଗିରି ଆରଏମସି ଅଧିକାରୀଙ୍କୁ ସୂଚନା ଦେଇଥିଲେ। ସୂଚନା ପାଇ ଆରଏମସି ଅଫିସର ରତ୍ନାକର ବିଶ୍ୱାଳ ଘଟଣା ସ୍ଥଳ ରେ ପହଁଞ୍ଚି ୪ ହଜାର ୬ ଶହ ଟଙ୍କାର ଜରିମାନା କାଟି ଚାଲି ଯାଇଥିବା ଦେଖିବାକୁ ମିଳିଛି। ଆରଏମସି ର କାର୍ଯ୍ୟାନୁଷ୍ଠାନ ଉପରେ ସନ୍ଦେହ ସୃଷ୍ଟି ହେଉଥିବା ବେଳେ ତୁରନ୍ତ ମଣ୍ଡି ଖୋଲିବା ସହିତ ଧାନର କଳାବଜାରୀ ରୋକିବା ପାଇଁ ପ୍ରଶାସନ ଦୃଢ ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।



୪ର୍ଥ ସୁନକ୍ଷତ୍ର
ସକାଳ
THE SAKALA

# ସମ୍ପାଦକୀୟ

ଜନମତ ଓ ଜନନୀତି ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ରହିଛି !
-ନୋମ ଚମସ୍କି

## ବିଳାସରୁ ବିନାଶ

ପନିପରିବା, ପାନଦୋକାନ, ରାସ୍ତାକଡ଼ ଖାଇବା ଦୋକାନରୁ ଆରମ୍ଭ କରି ଏବଂ ବଡ଼ ବଡ଼ ମଲ୍ ପର୍ଯ୍ୟନ୍ତ ଏବେ ୟୁପିଆଇ(ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍)ର ଆଧିପତ୍ୟ ଦେଖିବାକୁ ମିଳୁଛି। ବିଶେଷକରି ଇଣ୍ଟରନେଟ୍ ଓ ସ୍ମାର୍ଟଫୋନ୍‌ର ବ୍ୟବହାର ବଢ଼ିବା ସହିତ ୟୁପିଆଇର କାରବାର ମଧ୍ୟ ବୃଦ୍ଧି ପାଇଛି। ଖାଉଟି ଆଉ ଏବେ ନଗଦ ଧରି ବଜାରକୁ ଯିବାର କିମ୍ବା ଖୁଚୁରା ପାଇଁ ଦୋକାନୀ ସହିତ କଥା କଟାକଟି ହେବାର ସମସ୍ୟା ନାହିଁ। ଦୋକାନୀ ବା କ୍ୟାସ୍ କାଉଣ୍ଟର ପାଖରେ ରଖାଯାଇଥିବା କ୍ୟୁଆର କୋଡ୍‌କୁ ନିଜ ସ୍ମାର୍ଟ ମୋବାଇଲ୍ ଫୋନ୍ ମାଧ୍ୟମରେ ସ୍କାନ କରି ଆବଶ୍ୟକ ନିର୍ଦ୍ଦେଶ ଦେଲେ ଟଙ୍କା ଆପେ ଆପେ ବିକ୍ରେତାର ଆକାଉଣ୍ଟରେ ଜମା ହୋଇଯାଉଛି।

ଅପରପକ୍ଷରେ ମଣିଷ ଯେତେ ସୁଖସୁବିଧା ଖୋଜୁଛି ଚତୁର ଠକମାନେ ସେତିକି ଠକାମୀର ନୂଆ ନୂଆ କୌଶଳ ପାଇଯାଉଛନ୍ତି। ଇଣ୍ଟରନେଟ୍‌ର ବହୁଳ ପ୍ରଚଳନ ସହିତ ଆରମ୍ଭ ହୋଇଥିବା ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଯେତିକି ଠକେଇ ବା ସାଇବର କ୍ରାଇମ୍ ହେଉଥିଲା ୟୁପିଆଇ ଠକେଇ ତା'କୁ ବଳି ଯାଇଛି। ୟୁପିଆଇ ଠକେଇର ଆଧାର ହୋଇଛି କ୍ୟୁଆର କୋଡ୍। ସରକାରୀ ତଥ୍ୟାନୁଯାୟୀ, ଗତ ଅଢ଼େଇ ବର୍ଷ ମଧ୍ୟରେ ୟୁପିଆଇ ମାଧ୍ୟମରେ ୨୭ ଲକ୍ଷ ଠକେଇ ମାମଲା ରୁଜୁ ହୋଇଛି। ଏହାବାଦ୍ ମଧ୍ୟ ଅନେକ ଠକେଇ ଘଟଣା ପଞ୍ଜୀକୃତ ହୋଇ ନଥିବା ସ୍ୱାଭାବିକ। କେବଳ ପଞ୍ଜୀକୃତ ମାମଲାରେ ଲୋକମାନେ ୨, ୧୪୫ କୋଟି ଟଙ୍କା ହରାଇଛନ୍ତି, ଯେଉଁମାନଙ୍କ



ମଧ୍ୟରେ ମାମୁଲି ଶାଗ ବିକାଳିଠାରୁ ଆରମ୍ଭ କରି ବୃହତ୍ ବ୍ୟବସାୟୀମାନେ ମଧ୍ୟ ଅଛନ୍ତି। ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅମାସରେ ୟୁପିଆଇ ଠକେଇ ମାମଲାରେ ଲୋକମାନେ ୪୮୫ କୋଟି ଟଙ୍କା ହରାଇସାରିଛନ୍ତି।

ଉଦ୍‌ବେଗଜନକ ହେଉଛି ଏଭଳି ସାଇବର ଠକେଇକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ସମେତ ପୁଲିସ ପ୍ରଶାସନ, ଭାରତୀୟ ରିଜର୍ଭ ବ୍ୟାଙ୍କ, ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ ନିରନ୍ତର ପଦକ୍ଷେପ ନେଉଛନ୍ତି। କିନ୍ତୁ ସାଇବର ସୁରକ୍ଷା ତୁଳନାରେ ସାଇବର ଅପରାଧ ବିସ୍ତାରର ଗତି ଦ୍ରୁତ ହେଉଥିବାରୁ ସରକାରୀ ପଦକ୍ଷେପ ଓ ଯୋଜନା ପ୍ରଭାବଶାଳୀ ହୋଇପାରୁନାହିଁ। ସାଇବର ଅପରାଧ ନିରାକରଣ ଦିଗରେ ସମର୍ପିତ ପୁଲିସ୍ ଓ ଗୁଇନ୍ଦା ବାହିନୀ ଆଗରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ୟୁପିଆଇ ଠକମାନଙ୍କୁ ସହଜରେ ଓ ଶୀଘ୍ର ଚିହ୍ନଟ କରାଯାଇପାରୁନାହିଁ। ଏହାଛଡ଼ା ଠକେଇର ପରିସର ବିସ୍ତାରିତ ହୋଇଥିଲେ ସୁଦ୍ଧା ଏହାର ପରିମାଣ ଛୋଟଛୋଟ ହେଉଥିବାରୁ ଅନୁସନ୍ଧାନରେ ନିରୁତ୍ସାହ ପରିଲକ୍ଷିତ ହେଉଛି। ଏହାର ସୁଯୋଗ ନେଇ ଅପରାଧ ସଂଖ୍ୟା ସହିତ ଠକେଇ ରାଶି ବଢ଼ିବାରେ ଲାଗିଛି।

ଡିଜିଟାଲ ଗିରଫ ମାଧ୍ୟମରେ ଜାଲିଆତି ମାମଲାକୁ ଦୃଷ୍ଟିରେ ରଖି କେନ୍ଦ୍ର ଗୃହ ମନ୍ତ୍ରଣାଳୟର ସାଇବର ଶାଖା କାମ୍ବୋଡିଆ, ମ୍ୟାଁମାର, ଭିଏତନାମ ଓ ଥାଇଲ୍ୟାଣ୍ଡ ଭଳି ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକୁ ଏହି ଠକେଇର ପେଣ୍ଠ ବୋଲି ଚିହ୍ନଟ କରିଛି। ସେହିସବୁ ଦେଶର ୧୭ ହଜାର ହ୍ୱାଟ୍‌ସଆପ୍ ଆକାଉଣ୍ଟକୁ ରଦ୍ଦ କରିବା ପାଇଁ ମଧ୍ୟ ଭାରତ ଏକ ବଡ଼ ପଦକ୍ଷେପ ନେଇଛି। କିନ୍ତୁ ପୁଲିସ୍ ଓ ସାଇବର ବିଶେଷଜ୍ଞମାନଙ୍କଠାରୁ ଠକମାନେ ଦୁଇ ପାଦ ଆଗରେ ରହୁଛନ୍ତି। ସାଇବର ଅପରାଧୀ ବା ଠକମାନେ ଏବେ ଯେଉଁ ନୂଆ କୌଶଳ ଆପଣେଇଛନ୍ତି ସେଥିରେ ମୁଖ୍ୟତଃ କ୍ୟୁଆର କୋଡ୍‌କୁ ଅସ୍ତ୍ର କରାଯାଇଛି। ୟୁପିଆଇ ଆପ୍‌ରୁ କ୍ୟୁଆର କୋଡ୍ ସ୍କାନ୍ କରି ଦେୟର ନକଲି ସ୍କ୍ରିନସଟ୍ ମଧ୍ୟ ବିକ୍ରେତାକୁ ଦେଖାଯାଉଛି। ପୈଠ ସମୟରେ ପ୍ରାପ୍ତିସ୍ୱୀକାରର ଯେଉଁ ଉଚ୍ଚଭାଷ ଆସୁଛି ସେଥିରେ ମଧ୍ୟ ଠକେଇ ହେଉଛି। ଦୋକାନୀ ବା ବିକ୍ରେତା ପ୍ରାପ୍ତି ସ୍ୱୀକାରର ସେହି ଶବ୍ଦକୁ ଶୁଣୁଛି, କିନ୍ତୁ ତାହା ଯେ ଅନ୍ୟ ଆକାଉଣ୍ଟଧାରୀ ପାଖକୁ ଚାଲିଯାଇଛି ତାହା ଜାଣିବା ବେଳକୁ ବିଳମ୍ବ ହୋଇଯାଉଛି। ଏ ସମ୍ପର୍କରେ ଅଭିଯୋଗ ହେଲେ ମଧ୍ୟ ପ୍ରମାଣ ଯୋଗାଡ଼ କରିବା ଦୁରୂହ ବ୍ୟାପାର।

ଏଭଳି ପରିସ୍ଥିତିରେ ସୂଚନା ପ୍ରଯୁକ୍ତି ବିଦ୍ୟା ଯୁଗକୁ ଅଗ୍ନି ସହିତ ତୁଳନା କରାଯାଇପାରେ। ସତର୍କତା ଓ ଯତ୍ନର ସହିତ ବ୍ୟବହାର କଲେ ଅଗ୍ନି ମଣିଷର ହିତାକାଂକ୍ଷୀ ଓ ଦୈନନ୍ଦିନ ଜୀବନର ବନ୍ଧୁ। ଅଗ୍ନି ବିନା ଏବେ ମଣିଷ ଦିନେ ମଧ୍ୟ ତିଷ୍ଠି ପାରିବ ନାହିଁ। କିନ୍ତୁ ଅଗ୍ନି ପ୍ରତି ଅସାବଧାନତା କିମ୍ବା ଦୁରୁପଯୋଗ ମାନବ ସଭ୍ୟତାକୁ ନିମିଷକେ ଧ୍ୱଂସ କରିଦେଇପାରେ। ସେହିଭଳି ଡିଜିଟାଲ୍ ଯୁଗ ମଣିଷ ପାଇଁ ଅନେକ ସୁବିଧା ଆଣିଛି। ଜୀବନକୁ ସହଜ ଓ ସତ୍ୱର କରିଛି। କିନ୍ତୁ ସାବଧାନତା ଓ ସଚେତନତା ଅଭାବରୁ ଠକରେ ପଡ଼ି ବ୍ୟବହାରକାରୀ ସର୍ବସ୍ୱାନ୍ତ ହେଉଛି। ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ ହେଉ କି ୟୁପିଆଇ ପେମେଣ୍ଟ ନିରନ୍ତର ସଜାଗ ରହିବାକୁ ପଡ଼ିବ। କାରଣ ଜୀବନକୁ ସରସ ସୁନ୍ଦର କରୁଥିବା ଏହି ବିଦ୍ୟାର ପ୍ରତି ପାଦେ ପାଦେ ବିପଦ ରହିଛି। ବ୍ୟବହାର କରିବା ପୂର୍ବରୁ ଏକଥାକୁ ହେଜିଲେ ନିଜେ ସୁରକ୍ଷିତ ରହିବା ସହିତ ସାଇବର ଅପରାଧ ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ।

# ଗାନ୍ଧୀ ଦର୍ଶନରେ ସିଦ୍ଧୁ ବିବାଦର ସମାଧାନ

**ଡକ୍ଟର ଅବଶ ପରିଡ଼ା**

ପୂର୍ବତନ କ୍ରିକେଟର ନବଜୋତ ସିଂହ ସିଦ୍ଧୁଙ୍କର କ୍ୟାନ୍ସର ଚିକିତ୍ସା ପରାମର୍ଶ କଥା ଏବେ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବିବାଦ ମଧ୍ୟ ସୃଷ୍ଟି କରିଛି। କଠୋର ଖାଦ୍ୟ ଅଭ୍ୟାସ ଏବଂ ଅସ୍ଥାୟୀ ଉପବାସ ଯୋଗୁଁ ଚତୁର୍ଥ ପର୍ଯ୍ୟାୟ ସ୍ତନକର୍କଟ ରୋଗରେ ଆକ୍ରାନ୍ତ ଥିବା ତାଙ୍କ ପତ୍ନୀ ସୁସ୍ଥ ହୋଇପାରିଛନ୍ତି ବୋଲି ସିଦ୍ଧୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବା ପରେ କେତେକ ସଂଗଠନ ଓ ଡାକ୍ତର ମହଲରୁ ଆପତ୍ତି ଉଠିଥିଲା। ଏହାପରେ ସିଦ୍ଧୁ ସ୍ପଷ୍ଟ କରିଛନ୍ତି ଯେ ତାଙ୍କ ପତ୍ନୀ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଖାଦ୍ୟାଭ୍ୟାସ ଗ୍ରହଣ କରିଥିଲେ। ସିଦ୍ଧୁ ତାଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ଦୁଇପୃଷ୍ଠାର ଏକ ଖାଦ୍ୟ ତାଲିକା ଜନହିତରେ ଜାରି କରିଛନ୍ତି, ଯାହା ତିନୋଟି ଉତ୍ସରୁ ପ୍ରେରିତ। ତାହା ହେଲା ଭାରତୀୟ ପ୍ରାଚୀନ ଆୟୁର୍ବେଦ, ବିଶ୍ୱର ଅନେକ ପ୍ରତିଷ୍ଠିତ ଡାକ୍ତରଙ୍କ ପର୍ଯ୍ୟବେକ୍ଷଣ ଓ ନୋବେଲ ପୁରସ୍କାର ପ୍ରାପ୍ତ ୟୋସ୍ନୋରି ଓହସୁମିରଙ୍କ ଗବେଷଣା 'ଅଟୋଫଜି'(ଉପବାସ ରହିବାର ଦୀର୍ଘ ପ୍ରକ୍ରିୟା, ଯେଉଁଠି ଶରୀର ଅନେକ କୋଷକୁ ଭାଙ୍ଗିବା ସହ ପୁରୁଣା ରୋଗାକ୍ରାନ୍ତ ଓ କ୍ଷତିଗ୍ରସ୍ତ କୋଷକୁ ମଧ୍ୟ ନଷ୍ଟ କରିଦିଏ)।

ନିକଟରେ ସିଦ୍ଧୁ ଏହା ମଧ୍ୟ ପ୍ରକାଶ କରିଥିଲେ ଯେ ତାଙ୍କ ଡାକ୍ତର ପତ୍ନୀ ବହୁଳ ପରିମାଣରେ ପ୍ୟାକେଟ୍ ଖାଦ୍ୟ, ଜଙ୍କ୍ ଫୁଡ୍, ଆଇସକ୍ରିମ ଓ ଚିନି ଯୁକ୍ତ ଖାଦ୍ୟ ଖାଉଥିଲେ। ସିଦ୍ଧୁଙ୍କ ପତ୍ନୀଙ୍କ ଭଳି ଅନେକ ଭାରତୀୟ ନିଜ ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଯୋଗୁଁ ବେମାର ହେଉଛନ୍ତି। ଚଳିତ ବର୍ଷ ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦର ଏକ ରିପୋର୍ଟ ଅନୁଯାୟୀ ଭାରତରେ ସମୁଦାୟ ରୋଗର ୫୬.୪ ପ୍ରତିଶତ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗୁଁ ହୋଇଛି। ଏହାବ୍ୟତୀତ ଏଭଳି ଖାଦ୍ୟ ଯୋଗୁଁ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱର ଅଭାବ, ମୋଟାପଣ, ଉଚ୍ଚ ରକ୍ତଚାପ, ଉଚ୍ଚ ଚର୍ବି ଓ ମଧୁମେହ ଭଳି ଅଣସଂକ୍ରାମକ ରୋଗ(ଏନସିଡି) ମଧ୍ୟ ବ୍ୟାପୁଛି। ଏହି ସମସ୍ତ ରୋଗର ପ୍ରତିଷେଧକ ହେଉଛି ସଚେତନତା, ଜୀବନଶୈଳୀରେ ପରିବର୍ତ୍ତନ, ସୁସ୍ଥ ଖାଦ୍ୟ ଓ ନିୟମିତ ବ୍ୟାୟାମ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି।

୧୯୦୪ ମସିହାରେ ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରେ ଥିବା ବେଳେ ଅଲ୍‌ସର ଯୋଗୁଁ କସ୍ତୁରବା ଅନେକ ଦିନ ଧରି ପେଟରେ ପ୍ରବଳ ଯନ୍ତ୍ରଣା ଅନୁଭବ କରୁଥିଲେ। ଚିକିତ୍ସା ପଦ୍ଧତିରେ ଔଷଧ ସହିତ ପାଶ୍ଚାତ୍ୟ ଖାଦ୍ୟ ପ୍ରଣାଳୀ(ବିଫ୍ ସୁପ) ଅନ୍ତର୍ଭୁକ୍ତ ଥିଲା। ଦିନେ ସନ୍ଧ୍ୟାରେ କସ୍ତୁରବାଙ୍କ ଶଯ୍ୟା ନିକଟକୁ ଆସି ଗାନ୍ଧିଜୀ କହିଲେ - 'କସ୍ତୁରବା! ମୁଁ ପ୍ରାକୃତିକ ଚିକିତ୍ସା ବିଷୟରେ ପଢୁଛି। ଭାବୁଛି ତୁମ ଉପରେ ପ୍ରୟୋଗ କରିବି। ମୋ ଉପରେ ବିଶ୍ୱାସ କରିବ କି?' କସ୍ତୁରବାଙ୍କ ସମ୍ମତି ପରେ ଚିକିତ୍ସା ଆରମ୍ଭ କଲେ ମୋହନଦାସ ଗାନ୍ଧୀ। ସେଥିରେ ଥିଲା ପଙ୍କ ଲେପ ଓ ଓଦା କପଡ଼ା ଚିକିତ୍ସା। ଖାଦ୍ୟ ଥିଲା ସକାଳୁ ନିମ୍ବପତ୍ର ପାଣି ଓ ଟମାଟୋ ରସ। ଦିନରେ ସିଝା ପରିବା ଓ ଡାଲି ପାଣି। ସୂର୍ଯ୍ୟାସ୍ତ ପରେ ଖାଦ୍ୟ ବନ୍ଦ। ଏହି ଖାଦ୍ୟାଭ୍ୟାସରେ କସ୍ତୁରବା କିଛିଦିନ ପରେ ସୁସ୍ଥ ହୋଇଗଲେ।

ସୁଷମ ଖାଦ୍ୟ, ଶାକାହାରୀ ଭୋଜନ, ଉତ୍ତମ ଜୀବନଶୈଳୀ ଓ ପ୍ରାକୃତିକ ଉପଶମକୁ ଆଧାର କରି ଗାନ୍ଧୀଙ୍କ ଅନେକ ଆଲେଖ୍ୟ ଅଛି। ସେଥିମଧ୍ୟରୁ ୧୯୦୬ ମସିହାରେ ରଚିତ 'ଏ ଗାଇଡ୍ ଟୁ ହେଲଥ' ପୁସ୍ତକ ଓ ୧୯୪୪ ମସିହାରେ ରଚିତ 'ଏ କି ଟୁ ହେଲଥ' ଗାନ୍ଧିଜୀଙ୍କ ଅନନ୍ୟ କୃତି। ଉଭୟ ପୁସ୍ତକରେ ଶାରୀରିକ ଓ ଆଧ୍ୟାତ୍ମିକ ଭାବରେ ସୁସ୍ଥ ହେବାର ରହସ୍ୟର ଅବତାରଣା କରାଯାଇଛି। ୨୦ ବର୍ଷର ଖାଦ୍ୟାଭ୍ୟାସ ଉପରେ ଗାନ୍ଧିଜୀ କରିଥିବା ପରୀକ୍ଷଣ, ପ୍ରୟୋଗ, ଅଭିଜ୍ଞତା ଓ ଗବେଷଣା ହେଉଛି ଏହି 'ଗାନ୍ଧୀ ସ୍ୱାସ୍ଥ୍ୟ ସାହିତ୍ୟ'ର ପୃଷ୍ଠଭୂମି। ଗାନ୍ଧୀ ସେଥିରେ ଉଲ୍ଲେଖ କରିଛନ୍ତି, 'ଆମେ ସବୁ ଅନ୍ଧବିଶ୍ୱାସରେ ଅଛୁ ଯେ ଔଷଧ ନ ଖାଇଲେ ରୋଗ ଭଲ ହେବନି। ସେଇଥିପାଇଁ ରୋଗ ହେବା ମାତ୍ରେ ଆମେ ଡାକ୍ତର କିମ୍ବା ବୈଦ୍ୟ ପାଖକୁ ଯାଉଛୁ। ଏପରିକି ଆମେ ପଡ଼ୋଶୀଙ୍କଠାରୁ ମଧ୍ୟ ଔଷଧ ମାଗି ଖାଇଦେଉ। ଆମେ ଭୁଲି ଯାଉଛୁ ଯେ ଆୟୁର୍ବେଦ ହେଉଛି ପ୍ରାଚୀନ ଭାରତୀୟଙ୍କ ଚିକିତ୍ସାର ପ୍ରାଣକେନ୍ଦ୍ର ଏବଂ ଚିକିତ୍ସା ଅପେକ୍ଷା ପ୍ରତିଷେଧକ ହେଉଛି ଏହାର ମନ୍ତ୍ର।'

ରୋଗରୁ ଦୂରେଇ ରହିବା ପାଇଁ ଗାନ୍ଧିଜୀଙ୍କ ପ୍ରଥମ ଗୁରୁତ୍ୱ ଥିଲା, ମସଲା ଓ ତୈଳଯୁକ୍ତ ଖାଦ୍ୟଠାରୁ ଦୂରେଇ ରହିବା। ୧୯୧୩ ମସିହା ମାର୍ଚ୍ଚ ୨୯ ତାରିଖରେ ଗାନ୍ଧୀ 'ଇଣ୍ଡିଆନ ଓପିନିୟନ' ପତ୍ରିକାରେ ଭାରତୀୟଙ୍କ ମସଲାଯୁକ୍ତ ଖାଦ୍ୟାଭ୍ୟାସ ଉପରେ ଏକ ସ୍ତମ୍ଭ ଲେଖିଥିଲେ। ସେଥିରେ ଉଲ୍ଲେଖ ଥିଲା ଯେ ମସଲା ଉପରେ ଭାରତୀୟମାନଙ୍କର ବହୁତ ନିର୍ଭରତା ରହିଛି। କିନ୍ତୁ ଏହା ସତ୍ୟ ଯେ ମସଲା ଆମ ପେଟକୁ ସମସ୍ୟା ଦେଇଥାଏ ଏବଂ ସ୍ୱାଦ ପାଇଁ ନୁହେଁ, ବରଂ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆମେ ଖାଦ୍ୟ ଖାଇବା ଉଚିତ। ଗାନ୍ଧିଜୀଙ୍କ ଦ୍ୱିତୀୟ ଉପଦେଶ ଥିଲା ଯେ ଯଥାସମ୍ଭବ ଲୁଣ ଓ ଚିନି ସେବନ ବନ୍ଦ କରିବା। ଲଣ୍ଡନର 'ସଲ୍ଟଲେସ ଡାୟଟ' ସଂଗଠନର ଆଭିମୁଖ୍ୟକୁ ପ୍ରଶଂସା କରି ଗାନ୍ଧିଜୀ କୁହନ୍ତି 'ମୁଁ ଓ କସ୍ତୁରବା ଅନେକ ବର୍ଷ ହେଲାଣି ଅଲଣା ଖାଦ୍ୟ ଖାଉଛୁ। ଏଭଳି ଖାଦ୍ୟର କୌଣସି ପାର୍ଶ୍ୱପ୍ରତିକ୍ରିୟା ନାହିଁ। ଆମେ କମ୍ ଦୁର୍ବଳ ଅନୁଭବ କରୁଛୁ। ଆମକୁ କମ୍ ଶୋଷ ଲାଗୁଛି। ପାଇଲସ୍ ଓ ଆଜମାରୁ ଆରୋଗ୍ୟ ମିଳିଛି। କିନ୍ତୁ ମନେ ରଖିବାକୁ ହେବ ଯେ ଲୁଣ ନଥିବା ଖାଦ୍ୟ ଔଷଧ ନୁହେଁ, ବରଂ ରୋଗର ପ୍ରତିକାର ସହିତ ଲୁଣଶୂନ୍ୟ ଖାଦ୍ୟ ଖାଇବାକୁ ହୁଏ।' ଗାନ୍ଧୀଙ୍କ ମତରେ ଚିନି ମଧ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ଏକ ଅଦରକାରୀ ପଦାର୍ଥ। ଅବଶ୍ୟ ଆରମ୍ଭରୁ ଶରୀର ଟିକେ ଦୁର୍ବଳ ଲାଗିବ, ଯେମିତି ନିଶା ପ୍ରତ୍ୟାହାର ସମୟରେ ଶରୀର ପ୍ରତିକ୍ରିୟା ଦିଏ। ଏଠି ଜାଣି ରଖିବାକୁ ହେବ ଯେ ବିନା ଔଷଧରେ ଗାନ୍ଧିଜୀଙ୍କ ଉଚ୍ଚ ରକ୍ତଚାପ ସମସ୍ୟା ଲୁଣଶୂନ୍ୟ ଖାଦ୍ୟ ଦ୍ୱାରା ନିୟନ୍ତ୍ରଣରେ ଥିଲା।

ଗାନ୍ଧିଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ସମସ୍ତ ଆଶ୍ରମରେ ପ୍ରସ୍ତୁତ ଖାଦ୍ୟ ସର୍ବଦା ଅଲଣା ହେଉଥିଲା। ଆଶ୍ରମ ପାଇଁ ସ୍ୱାଦହୀନ ଖାଦ୍ୟ ଏକ ବ୍ରତ ଥିଲା। କିନ୍ତୁ ଗାନ୍ଧିଜୀ କହିଥିଲେ 'ଯିଏ ଚାହିଁବ ସେ ଖାଦ୍ୟ ଖାଇବା ସମୟରେ ଲୁଣ ଖାଇପାରିବ। ଖାଦ୍ୟ ଶରୀର ପାଇଁ ଦରକାର, ଜିହ୍ୱାର ଆନନ୍ଦ କିମ୍ବା ଲାଳସା ପାଇଁ ନୁହେଁ।' ୧୯୪୨ ମସିହା ମେ' ମାସରେ ଗାନ୍ଧିଜୀଙ୍କ ସେବାଗ୍ରାମରେ ଆମେରିକୀୟ ସାମ୍ବାଦିକ ଲୁଇ ଫିସର ଖାଇବା ସମୟରେ ଗାନ୍ଧୀଙ୍କୁ ପଚାରିଲେ 'ଆପଣ ଅହିଂସାର ପୂଜାରୀ। ମାରିବା ଓ ଦମନ କରିବା କଥା କେବେ କହନ୍ତି ନାହିଁ କି କରନ୍ତି ନାହିଁ। କିନ୍ତୁ ଆପଣ ଆଶ୍ରମରେ ଲୋକଙ୍କ ଖାଇବା ରୁଚିକୁ ମାରିଦେଉଛନ୍ତି। ଆପଣଙ୍କ ଲୋକଙ୍କ ପ୍ରତି ଥିବା ଅସ୍ୱାଦ ବ୍ରତ କ'ଣ ଏକ ହିଂସା ନୁହେଁ?' ଏହାର ଉତ୍ତରରେ ଗାନ୍ଧିଜୀ କହିଥିଲେ, 'ଅନିୟନ୍ତ୍ରିତ ଜିହ୍ୱା ଲାଳସା ହିଁ ଆମ ଶରୀରର ଶତ୍ରୁ। ମଣିଷର ପାକସ୍ଥଳୀ ଡଷ୍ଟବିନ୍ ନୁହେଁ। ଯେକୌଣସି ଖାଦ୍ୟ ଯେକୌଣସି ସମୟରେ ଏଥିରେ ଫିଙ୍ଗି ହେବ ନାହିଁ।' ଗାନ୍ଧିଜୀଙ୍କ ଏହି ଖାଦ୍ୟାଭ୍ୟାସ ଦର୍ଶନ ଏବେ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଉଦାହରଣ ସ୍ୱରୂପ ଚଳିତ ବର୍ଷ 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରିସନ୍' ଭାରତୀୟମାନଙ୍କ ପାଇଁ ବ୍ୟାପକ ଖାଦ୍ୟ ମାର୍ଗଦର୍ଶିକା ଜାରି କରିଛି। ଏଥିରେ ଚିନି ଓ ଲୁଣ ସେବନ ପାଇଁ ନୂତନ ସୀମା ନିର୍ଦ୍ଧାରଣ କରାଯାଇଛି। ପ୍ରକ୍ରିୟାକୃତ ଖାଦ୍ୟ ଓ ଚିନିଯୁକ୍ତ ପାନୀୟକୁ ଦୃଢ଼ ଭାବରେ ନିରୁତ୍ସାହିତ କରାଯାଇଛି।

ପରିଶେଷରେ ସୁସ୍ଥ ଜୀବନ ପାଇଁ ଗାନ୍ଧିଜୀଙ୍କ ସବୁଠାରୁ ବଳିଷ୍ଠ ପରାମର୍ଶ ଥିଲା 'ଶାକାହାରୀ ଭୋଜନ'। ଏହାକୁ ନେଇ ଗାନ୍ଧୀଙ୍କ ତତ୍ତ୍ୱ ହେଉଛି 'ଭେଜିଟେରିଆନିଜିମ୍।' ଗାନ୍ଧିଜୀଙ୍କ ମତରେ ଶାକାହାରୀ ଭୋଜନ କେବଳ ଧର୍ମ, ପରମ୍ପରା, ପ୍ରଥା ଓ ରୀତିନୀତିର ଉପାଦାନ ନ ହୋଇ ନୈତିକତା, ସ୍ୱାସ୍ଥ୍ୟ, କଲ୍ୟାଣ ଓ ଅର୍ଥନୀତିର ଏକ ମାର୍ଗ ହେବା ଉଚିତ। ହେନେରି ସଲ୍ଟଙ୍କ ରଚିତ 'ଏ ପ୍ଲି ଫର ଭେଜିଟେରିଆନଜିମ୍' ଦ୍ୱାରା ଗଭୀର ଭାବେ ପ୍ରଭାବିତ ଗାନ୍ଧିଜୀ ଖାଦ୍ୟ ପାଇଁ ପଶୁହତ୍ୟାର ବିରୋଧୀ ଥିଲେ। ମଣିଷ ମାଂସାଶୀ ହୋଇ ଜନ୍ମ ହୋଇନାହିଁ ଏବଂ ଶାକାହାରୀ ହେବାକୁ ହେଲେ ମାନସିକ ଦୃଢ଼ତା ଦରକାର ବୋଲି ଗାନ୍ଧିଜୀ ପରାମର୍ଶ ଦେଉଥିଲେ। ସିଝା ପରିବା ଓ ନିମ୍ବ ଚଟଣି ଗାନ୍ଧୀଙ୍କ ନିତିଦିନିଆ ଖାଦ୍ୟ ଥିଲା। ଆମେରିକାନ ଲେଖକ ଓ ପର୍ଯ୍ୟବେକ୍ଷକ ଡାନ ବ୍ୟୁଟନରଙ୍କ ଲିଖିତ ପୁସ୍ତକ 'ଦ ବ୍ଲୁ ଜୋନସ୍'ରେ ଉଲ୍ଲେଖ ଅଛି ଯେ ସାରା ବିଶ୍ୱରେ ପାଞ୍ଚଟି ବ୍ଲୁ ଜୋନସ୍ ଅଛି, ଯେଉଁଠି ପ୍ରାୟ ସମସ୍ତ ବ୍ୟକ୍ତି ସୁସ୍ଥତା ସହିତ ଶହେବର୍ଷରୁ ଅଧିକ ବଞ୍ଚନ୍ତି। ସେମାନେ ୯ଟି ନିୟମକୁ ଅନୁସରଣ କରନ୍ତି। ସେଥିମଧ୍ୟରେ ଶାକାହାରୀ ଭୋଜନ ମହତ୍ତ୍ୱପୂର୍ଣ୍ଣ। ସୁତରାଂ ଭାରତ ସରକାର ସୁସ୍ଥ ଖାଦ୍ୟକୁ ପ୍ରୋତ୍ସାହନ ଦେଇ ଜଙ୍କ ଫୁଡ, ତେଲଛଣା, ପ୍ୟାକେଟ ଖାଦ୍ୟ ଉପରେ ଅଧିକ ଟିକସ ବସାଇ ଏହି ଖାଦ୍ୟଭ୍ୟାସକୁ ନିରୁତ୍ସାହିତ କରିବା ଉଚିତ। ସିଙ୍ଗାପୁର ସରକାର ଏହାକୁ ଏବେ ଆପଣେଇଛନ୍ତି। ରାଜସ୍ୱ ଅପେକ୍ଷା ନାଗରିକ ଓ ସେମାନଙ୍କ ସ୍ୱାସ୍ଥ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ପ୍ରଦୂଷଣ ଆକ୍ରାନ୍ତ ପବିତ୍ର ଗଙ୍ଗା

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଦେଶବିଦେଶରେ ରହୁଥିବା ଅଧିକାଂଶ ଲୋକ ଜୀବନରେ ଥରେ ଗଙ୍ଗୋତ୍ରୀଙ୍କୁ ଦର୍ଶନ କରିବା ଏବଂ ଗଙ୍ଗାର ପବିତ୍ର ଜଳରେ ସ୍ନାନ କରି ପୁଣ୍ୟ ଅର୍ଜନ କରିବା ଇଚ୍ଛା ରଖିଥା'ନ୍ତି। ତେଣୁ ଗଙ୍ଗା କୋଟିକୋଟି ଲୋକଙ୍କର ଆସ୍ଥା ଓ ବିଶ୍ୱାସର ପ୍ରତୀକ। କିନ୍ତୁ ପରିବେଶ ପରିବର୍ତ୍ତନ କାରଣରୁ ଭାଗୀରଥି ରୂପରେ ଗଙ୍ଗୋତ୍ରୀରୁ ଆସୁଥିବା ଗଙ୍ଗା ଉତ୍ପତ୍ତି ସ୍ଥଳରୁ ହିଁ ପ୍ରଦୂଷିତ ହେଉଛି। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ 'ଗଙ୍ଗା ଆକ୍ସନ ପ୍ଲାନ' ଏବଂ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ନମାମି ଗଙ୍ଗେ' ପ୍ରକଳ୍ପରେ ଗଙ୍ଗାର ସ୍ୱଚ୍ଛତା ପାଇଁ ପର୍ଯ୍ୟାପ୍ତ ବଜେଟ୍, ପ୍ରଯୁକ୍ତିବିଦ୍ୟା, ମାନବ ସମ୍ବଳ ଇତ୍ୟାଦି ବ୍ୟବହାର ସତ୍ତ୍ୱେ ପ୍ରଦୂଷଣରୁ ଗଙ୍ଗାକୁ ସୁରକ୍ଷା ଦିଆଯାଇପାରି ନାହିଁ।

ଗଙ୍ଗୋତ୍ରୀରେ ଦୈନିକ ଏକ ନିୟୁତ ଲିଟର କ୍ଷମତା ବିଶିଷ୍ଟ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ସଂଗ୍ରହ କରାଯାଇଥିବା ନମୁନା ଆଧାରରେ ୧୦୦ ମିଲିଲିଟର ପାଣିରେ ଫିକାଲ୍ କୋଲିଫର୍ମର ସ୍ତର ୫୪୦ ଥିବା ଜଣାପଡ଼ିଛି। ଫିକାଲ୍ କୋଲିଫର୍ମର ଏହି ସ୍ତର ମଣିଷ ଓ ଜୀବଜନ୍ତୁଙ୍କ ମଳ ଓ ପରିସ୍ରାରୁ ନିର୍ଗତ ଅଣୁଜୀବଙ୍କ ଦ୍ୱାରା ହେଉଥିବା ପ୍ରଦୂଷଣକୁ ବୁଝାଏ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଅନୁଯାୟୀ ଗାଧୋଇବା ଓ ପିଇବା ପାଣିର ଗୁଣାତ୍ମକ ମାନଦଣ୍ଡ ଅନୁଯାୟୀ ୧୦୦ ମିଲିଲିଟର ପାଣିରେ ଫିକାଲ୍ କୋଲିଫର୍ମର ସ୍ତର ୫୦୦ରୁ କମ୍ ହେବା ଉଚିତ। ତେଣୁ ଗଙ୍ଗା ପାଣି ବ୍ୟବହାର ଉପଯୋଗୀ ନୁହେଁ ବୋଲି ସ୍ପଷ୍ଟ ହୋଇଛି। ନଭେମ୍ବର ୫, ୨୦୨୪ରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଉତ୍ତରାଖଣ୍ଡର ମୁଖ୍ୟ ଶାସନ ସଚିବଙ୍କୁ ଏହାର ତଦାରଖ କରି ୨୦୨୫ ଫେବ୍ରୁଆରି ୧୩ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ଉତ୍ତରାଖଣ୍ଡର ଡେରାଡୁନ୍, ଉତ୍ତରକାଶୀ, ପୌରୀ, ଚମୋଲି, ହରିଦ୍ୱାର, ତେହେରୀରେ ଲାଗିଥିବା ପ୍ରାୟ ୫୩ଟି ନର୍ଦ୍ଦମା ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) କ୍ଷମତା ଏତେ କମ୍ ଯେ ସେମାନେ ଗଙ୍ଗାରେ ପଡ଼ିଥିବା ନର୍ଦ୍ଦମା ସଫା କରିବାରେ ଅସମର୍ଥ। ଉତ୍ତରପ୍ରଦେଶର ଗଙ୍ଗା ଅଧିକ ପ୍ରଦୂଷିତ। ଅକ୍ଟୋବର ୨୨, ୨୦୨୪ର ରିପୋର୍ଟ ଅନୁଯାୟୀ ଉତ୍ତରପ୍ରଦେଶର ୩୨୬ଟି ଡ୍ରେନ୍ ମଧ୍ୟରୁ ୨୪୭ଟି ଡ୍ରେନ୍ ଅପରିଷ୍କାର। ସେଥିରୁ ୩୫୧୩.୧୬ ଏମ୍‌ଏଲ୍‌ଡି ନର୍ଦ୍ଦମା ଗଙ୍ଗା ଓ ଏହାର ଶାଖା ନଦୀରେ ପଡୁଛି। ନଭେମ୍ବର ୬, ୨୦୨୪ରେ ଏନଜିଟି ଅଧ୍ୟକ୍ଷ ଜଷ୍ଟିସ ପ୍ରକାଶ ଶ୍ରୀବାସ୍ତବଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି ଯେ ପ୍ରୟାଗରାଜ ଜିଲ୍ଲାରେ ନର୍ଦ୍ଦମା ବିଶୋଧନରେ ୧୨୮ ଏମଏଲଡିର ବ୍ୟବଧାନ ରହିଛି। ୨୫ଟି ଡ୍ରେନ୍‌ରୁ ଅବିଶୋଧିତ ନର୍ଦ୍ଦମା ଜଳ ଗଙ୍ଗାକୁ ପ୍ରବାହିତ ହେଉଥିବା ବେଳେ ୧୫ଟି ଡ୍ରେନ୍‌ରୁ ନର୍ଦ୍ଦମା ଯମୁନାରେ ପ୍ରବାହିତ ହେଉଛି। ସମତଳ ଅଞ୍ଚଳରେ କୌଣସି ସ୍ଥାନରେ ଗଙ୍ଗା ଜଳର ଗୁଣବତ୍ତା ନାହିଁ। ଗୋମତୀ ନଦୀରେ ମଧ୍ୟ ପ୍ରଦୂଷଣ ଜମା ହୋଇଛି। ନାଳର ରୂପ ନେଇଥିବା ଗଙ୍ଗାନଦୀ କାଲୋ, ହିଣ୍ଡୋନ, ରାମଗଙ୍ଗା, ତମସା, ବେତୱା, ବରୁଣା ସମେତ ଦେଢ଼ଡଜନ ନଦୀର ଅବସ୍ଥା ସମାନ। ଗଙ୍ଗାକୂଳରେ ଅବସ୍ଥିତ ଉତ୍ତରପ୍ରଦେଶର ୨୩ଟି ଜିଲ୍ଲା ମଧ୍ୟରୁ ୧୨ଟି ଜିଲ୍ଲାରେ ବିଶୁଦ୍ଧ ଜଳର ସୁବିଧା ନଥିବା ବେଳେ ବାରାଣସୀ, ଫାରୁଖାବାଦ, କାନପୁର, ଉନ୍ନାଓ ଓ ମିର୍ଜାପୁର ଜିଲ୍ଲାରୁ ଗଙ୍ଗାକୁ ପ୍ରବାହିତ ହେଉଥିବା ନର୍ଦ୍ଦମାର ସ୍ଥିତି ଏପର୍ଯ୍ୟନ୍ତ ଉପଲବ୍ଧ ନାହିଁ। ସେହିପରି ପାଟନାରେ ୫୦୭ଟି ଡ୍ରେନ୍ ଚିହ୍ନଟ କରାଯାଇଛି, ଯାହା ବିନା ଟ୍ରିଟମେଣ୍ଟରେ ଗଙ୍ଗାରେ ପଡୁଛି। ଦୀଘା କେନାଲର ବିଷାକ୍ତ ରାସାୟନିକ ଭର୍ତ୍ତି କଳା ପାଣି ସିଧାସଳଖ ଗଙ୍ଗାରେ ପହଞ୍ଚୁଛି। ନିକଟରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ୪-୫ ଲକ୍ଷ ଲୋକ ଏହି ପାଣିରେ ସ୍ନାନ କରିଥିଲେ।

ଗବେଷଣା ଅନୁଯାୟୀ, ଗଙ୍ଗା ଜଳରେ ବାକ୍ଟ୍ରିଓଫୋସ୍ ନାମକ ବ୍ୟାକ୍ଟେରିଆ ରହିଥାଏ, ଯାହା ଜଳରେ ରାସାୟନିକ ପ୍ରତିକ୍ରିୟା ଦ୍ୱାରା ଉତ୍ପନ୍ନ ହେଉଥିବା ଅବାଞ୍ଛିତ ପଦାର୍ଥ ଖାଇଥାଏ ଏବଂ ଗଙ୍ଗା ଜଳର ଶୁଦ୍ଧତାକୁ ବଜାୟ ରଖିଥାଏ। କିନ୍ତୁ ଅହେତୁକ ପ୍ରଦୂଷଣ ଯୋଗୁଁ ଏଭଳି ଲାଭଦାୟକ ବ୍ୟାକ୍ଟେରିଆ ଉତ୍ପତ୍ତି ଲୋପ ପାଇବାରେ ଲାଗିଛି। ଗଙ୍ଗାର ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ଏହା କହିବା ଅତ୍ୟୁକ୍ତି ହେବ ନାହିଁ ଯେ ଗଙ୍ଗାର ସ୍ୱଚ୍ଛତା ୨୦୧୪ରେ ୨୦, ୦୦୦ କୋଟି ଟଙ୍କାର ବ୍ୟୟବରାଦରେ ସୀମିତ ରହିଛି। ସରକାର ଓ ସମାଜ ମିଳିତ ଭାବରେ ବିଭିନ୍ନ ନିୟମ ଆଧାରରେ ସମ୍ପୂର୍ଣ୍ଣ ମାନବ ନିର୍ମିତ ପ୍ରଦୂଷଣକାରୀ ଉତ୍ସକୁ ବନ୍ଦ କରିବା ଆବଶ୍ୟକ। ଏଥିଲାଗି ଗାଁର ଜଳ ଓ ପରିମଳ ସମିତି ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମ୍ପୃକ୍ତ ମନ୍ତ୍ରଣାଳୟ ଏକାଠି ହେବା ଉଚିତ୍ ଥିଲା। ଗଙ୍ଗା ସଫା କରିବା ନାଁରେ ଦୁଇଟି ପ୍ରୟାସ ସାମ୍ନାକୁ ଆସିଛି। ପ୍ରଥମଟି ହେଉଛି ସ୍ନାନ ଘାଟକୁ ସଫା କରିବା, ଯେଉଁଠାରେ ରଙ୍ଗୀନ ଟାଇଲ ଲଗାଯାଇଥାଏ। ଦ୍ୱିତୀୟତଃ, ଏସ୍‌ଟିପି ସହାୟତାରେ ଗଙ୍ଗା ଜଳକୁ ସଫା କରିବା। ତେବେ ବର୍ଷା ଦିନେ ଏସ୍‌ଟିପି ଭୁଶୁଡ଼ି ପଡ଼ିଥାଏ। ଅର୍ଥାତ୍ ପର୍ଯ୍ୟଟକ, ଶିଳ୍ପ, ପ୍ଲାଷ୍ଟିକ ସଂସ୍କୃତି ଜଳ ବିଶୋଧନ ପ୍ରକ୍ରିୟା ଦ୍ୱାରା ଉତ୍ପନ୍ନ ହେଉଥିବା ମଇଳା ଓ ମନୁଷ୍ୟ ମଳ ଗଙ୍ଗାକୁ ନଷ୍ଟ କରୁଛି। ଯାହାର ଫଳାଫଳ ସମସ୍ତଙ୍କ ଆସ୍ଥାର ପ୍ରତୀକ ଗଙ୍ଗା ବହନ କରୁଛି।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ଆ-କା-ମା-ବୈ: ଆମେରିକାରୁ ବୋର୍ଣ୍ଣିଓ

**ସତ୍ୟଜ୍ୟୋତି**

**ସାତଦରିଆପାରେ**

କଳିଙ୍ଗର ନୌବାଣିଜ୍ୟ କେବଳ ଏକ ପରମ୍ପରାର ପ୍ରଶସ୍ତି କିମ୍ବା ବୃତ୍ତି ଓ ପ୍ରବୃତିର ଦସ୍ତାବିଜ ନୁହେଁ। ଏଥିରେ ରହିଛି ଓଡ଼ିଆତ୍ୱର ଅସ୍ମିତା, ଆମ ଅତୀତର ଗୌରବାବହ କୀର୍ତ୍ତିରାଜି ଓ ଏକ ମହାନ ଜାତିର ନିରବ ଇତିହାସ। ନିରବ କହିବାର ଅର୍ଥ ହେଉଛି ଏ ଯାଏଁ କଳିଙ୍ଗ ନୌବାଣିଜ୍ୟର ପରିବ୍ୟାପ୍ତି ବା ପରିସୀମା ବିଷୟରେ ଯଥୋଚିତ ଆଲୋଚନା କିମ୍ବା ଆବିଷ୍କାର ହୋଇନାହିଁ। ବିଶ୍ୱରେ ଏପରି କୌଣସି ଦେଶର ସମୃଦ୍ଧ ପରମ୍ପରା ନାହିଁ, ଯାହା କଳିଙ୍ଗର ସଂସ୍କୃତି, ସଭ୍ୟତା ଓ ଚିନ୍ତାଚେତନାରେ ପ୍ରଭାବିତ ହୋଇନାହିଁ। ପାଞ୍ଚହଜାର ବର୍ଷ ପୂର୍ବରୁ ନୌବାଣିଜ୍ୟରେ ଓଡ଼ିଆ ସାଧବ ପୁଅ କେବଳ ବିଶ୍ୱର କୋଣ ଅନୁକୋଣରେ ବାଣିଜ୍ୟିକ ଭିତ୍ତିଭୂମି, ବସତି ପ୍ରତିଷ୍ଠା କରି ନଥିଲା, ବରଂ ସେଠାରେ ଉତ୍କଳୀୟ ଧର୍ମ, ସଂସ୍କୃତି, ପରମ୍ପରା ସ୍ଥାପନା କରିଥିଲା। ବିଡ଼ମ୍ବନା ଏହା ଯେ ଆମେ ଆମ ନୌବାଣିଜ୍ୟର ପରିସୀମାକୁ କେବଳ ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଆଦି ବଙ୍ଗୋପସାଗରର ପରିସୀମା ଭିତରେ ସୀମାବଦ୍ଧ କରି ରଖିଦେଇଛୁ। କଳିଙ୍ଗର ସାଧବ ଯେ ସୁଦୂର ଆମେରିକା ପର୍ଯ୍ୟନ୍ତ ପହଞ୍ଚି ସାରିଥିଲା ଏବଂ କଲମ୍ବସ୍ ଆମେରିକାର ଜଳପଥ ଆବିଷ୍କାର କରିବାର ବହୁ ପୂର୍ବରୁ କଳିଙ୍ଗମାନେ ତାହା କରିସାରିଥିଲେ ସେ ବିଷୟରେ ଆମେ ଅଜ୍ଞ। ଉତ୍ତରପିଢ଼ିର ଅନୁସନ୍ଧିତ୍ସାର ଅଭାବ ଓ ଜିଜ୍ଞାସାର ଅନାଗ୍ରହ ଯୋଗୁଁ କଳିଙ୍ଗର ସାଧବ ଭଳି ଏକ ବୀର ଓ ସାହସୀ ଜାତି ଇତିହାସର ଷଡ଼ଯନ୍ତ୍ର ଭିତରେ ହଜିଯାଇଛି। ଆମ ଗୌରବାବହ ଅସ୍ମିତାକୁ ପୁନରୁଦ୍ଧାର କରି ବିଶ୍ୱ ସମ୍ମୁଖରେ ପୁନଃଉପସ୍ଥାପନ କରିବା ବଦଳରେ ପ୍ରମାଣ ମାଗିବାର ହୀନମନ୍ୟତାକୁ ଆବୋରି ନେଉଛୁ। ଏହି ମାନସିକତା ଯୋଗୁଁ ହିଁ ସାହସୀ କଳିଙ୍ଗର ଉତ୍ତରପିଢ଼ି ଆଜି ସମୁଦ୍ରର ଗର୍ଜନକୁ ଶୁଣି ଓ ତାହାର ଲହଡ଼ିକୁ ଦେଖି ଭୟ କରୁଛି। ଆଜି ଆମ ପାଇଁ ସମୁଦ୍ର କେବଳ କଳ୍ପନାବିଳାସର ଦୃଷ୍ଟିଭଙ୍ଗୀରେ ବର୍ଣ୍ଣନା, ସର୍ଜନା ଓ ଉପସ୍ଥାପନ କରିବାରେ ପ୍ରକୃତିର ଏକ ଉପାଦନରେ ସୀମିତ ରହିଯାଇଛି ଏବଂ ସେଥିରେ ଆମେ ସୁଖୀ ଓ ଆନନ୍ଦ ଅନୁଭବ କରୁଛୁ।

ଯେତେବେଳେ କବି କବିତାଟିଏ କିମ୍ବା ଔପନ୍ୟାସିକ ଉପନ୍ୟାସଟିଏ ଲେଖେ, ଶିଳ୍ପୀଟିଏ ମୂର୍ତ୍ତି ଗଢ଼େ କିମ୍ବା ଚିତ୍ରକର ଚିତ୍ର ଆଙ୍କେ ସେତେବେଳେ ସେ ପ୍ରଥମେ ତା' ମନରେ ଏକ ଚିତ୍ରକଳ୍ପ ସୃଷ୍ଟି କରେ। ଏହାପରେ ସ୍ରଷ୍ଟା ତା'ର ସେହି ଚିତ୍ରକଳ୍ପକୁ କାନ୍‌ଭାସରେ ଉତାରିବାକୁ ଚେଷ୍ଟା କରେ। ଯେଉଁ ଚିତ୍ରକଳ୍ପ ଯେତେ ବ୍ୟାପକ ଓ ଗଭୀର, କାନ୍‌ଭାସ୍‌ର ଆକାର ମଧ୍ୟ ସେତେ ପରିବ୍ୟାପ୍ତ। ଏହି ଚିତ୍ରକଳ୍ପ ଏକ ଆଧାର ଉପରେ ଗଢ଼ିଉଠେ। ଏହି ଆଧାର ହୋଇପାରେ ପୌରାଣିକ, କିମ୍ବଦନ୍ତୀ, ଲୋକକଥା, ବୈଜ୍ଞାନିକ କିମ୍ବା କାଳ୍ପନିକ। ଯେତେବେଳେ ଚିତ୍ରକଳ୍ପର ଆଧାର ତଥ୍ୟ ଓ ପ୍ରମାଣ ସମ୍ବଳିତ ହୋଇଯାଏ ସେତେବେଳେ ତାହା ଇତିହାସ ପଦବାଚ୍ୟ ହୋଇଯାଏ। କଳିଙ୍ଗ ନୌବାଣିଜ୍ୟ ପରମ୍ପରାର ଏଭଳି ଏକାଧିକ ଚିତ୍ରକଳ୍ପ ଏବଂ ବଳିଷ୍ଠ ତଥ୍ୟ ଓ ଆଧାର ରହିଛି। ଏହି ଚିତ୍ରକଳ୍ପର ପ୍ରତୀକାତ୍ମକ ପରିପ୍ରକାଶ ହୋଇଛି ମାତ୍ର ଚାରିଟି ଅକ୍ଷରରେ - 'ଆ' 'କା' 'ମା' 'ବୈ'। ଏହି ଚାରିଟି ଅକ୍ଷରକୁ ବାଦ୍ ଦେଇ କଳିଙ୍ଗର ନୌବାଣିଜ୍ୟର ସ୍ୱର୍ଣ୍ଣିମ ଇତିହାସ ଓ ବିଦେଶରେ ଓଡ଼ିଆତ୍ୱର ପଦଚିହ୍ନ ଆଲୋଚନା ଅସମ୍ଭବ। ଏହି ଚାରି ଅକ୍ଷରର ବ୍ୟୁତ୍ପତ୍ତି, ଅନୁଶୀଳନ ଓ ଅନୁସନ୍ଧାନ ଅନୁସାରେ କିପରି କାନ୍‌ଭାସର ଆକାର ବଦଳି ଯାଉଛି ତାହା ଆମେ ଦେଖିବା।

ସଂସ୍କୃତ ପଣ୍ଡିତମାନଙ୍କ ବ୍ୟୁତ୍ପତ୍ତି ଅନୁଯାୟୀ - ଆ-ଆକାଶ, କା-ଜଳ, ମାଭୈଃ- ଭୟ କର ନାହିଁ। ଅର୍ଥାତ୍ ଆକାଶ ବା ପବନ ଓ ପାଣିକୁ ଭୟ କରନାହିଁ। ଆଉକିଛି ପଣ୍ଡିତଙ୍କ ଅନୁସାରେ 'ମାଭୈଃ' - ମା' ମଙ୍ଗଳା ଓ ଭୈରବ ଅର୍ଥାତ୍ ଶ୍ରୀଜଗନ୍ନାଥଙ୍କୁ ବୁଝାଏ। ମତାନ୍ତରରେ ମାଭୈଃ - ମାତାଭୈରବୀ(ତାରା)ଙ୍କୁ ନିବେଦିତ। ଏହାର ଅର୍ଥ ଜଳଯାତ୍ରାରେ ମା'ମଙ୍ଗଳା, ଶ୍ରୀଜଗନ୍ନାଥ ଓ ଭୈରବୀ ସହାୟ ହୁଅନ୍ତୁ। ପାଣି ଓ ପବନ ସହିତ ନୌବାଣିଜ୍ୟର ପ୍ରତ୍ୟକ୍ଷ ସମ୍ବନ୍ଧ ଥିବାରୁ 'ମାଭୈଃ' ଅଭୟ ମନ୍ତ୍ର ରୂପେ କଳିଙ୍ଗ ସାଧବର ମନ ଓ ପ୍ରାଣରେ ଶକ୍ତି ସଞ୍ଚାର କରୁଥିଲା। ସଂସ୍କୃତ ପଣ୍ଡିତମାନେ କଳିଙ୍ଗ ନୌବାଣିଜ୍ୟର ଯେଉଁ ଚିତ୍ରକଳ୍ପ ସୃଷ୍ଟି କରିଥିଲେ ତାହାର ଆଧାର ଥିଲା କାଳଦାସଙ୍କ ରଘୁବଂଶ କାବ୍ୟ, ରାମାୟଣ, ମହାଭାରତ, ବ୍ରହ୍ମାଣ୍ଡ ପୁରାଣ, ବାୟୁ ପୁରାଣ, ପଦ୍ମପୁରାଣ, ମତ୍ସ୍ୟ ପୁରାଣ, ସ୍କନ୍ଦ ପୁରାଣ, ଗରୁଡ଼ ପୁରାଣ, ଅଗ୍ନି ପୁରାଣ, ବାମନ ପୁରାଣ, ମାର୍କଣ୍ଡେୟ ପୁରାଣ ଆଦି। (କ୍ରମଶଃ)

ମୋ: ୯୩୩୮୦୮୭୯୦୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ସୂଚନା ଅଧିକାର ଆଇନକୁ ଅଣଦେଖା

# ୧୦ହଜାର ଟଙ୍କା ତଣ୍ଡ ଗଣିବେ ଭଦ୍ରକ ତହସିଲଦାର

**ଭଦ୍ରକ,୧୩।୧୨(ସମିସ):** ସୂଚନା ଆଇନର ଧାରା ୪(୧)(ଖ)କୁ ଅଣଦେଖା କରିବା ଭଦ୍ରକ ତହସିଲ କାର୍ଯ୍ୟାଳୟକୁ ମହଙ୍ଗା ପଡ଼ିଛି। ଆବେଦନକାରୀ ପ୍ରକାଶ କୁମାର ଜେନାଙ୍କୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୦ହଜାର ଟଙ୍କା ପୈଠ କରିବାକୁ ଭଦ୍ରକ ତହସିଲଦାରଙ୍କୁ ସୂଚନା କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଆଜି ବି ଜିଲ୍ଲାର ଅଧିକାଂଶ କାର୍ଯ୍ୟାଳୟ ପ୍ରୋ ଆକ୍ଟିଭ ଡିସକ୍ଲୋଜର ସୂଚନା ଅନ୍‌ଲାଇନରେ ସଠିକ୍ ଭାବେ ଉପଲବ୍ଧ କରୁନାହାନ୍ତି । ଏ ନେଇ ନୋଡାଲ ଅଧିକାରୀ ନୀରବଦ୍ରଷ୍ଟା ସାଜିଥିବା ବେଳେ ଜିଲ୍ଲାପାଳ ବି କାହାକୁ କିଛି ନିର୍ଦ୍ଦେଶ ଦେଉ ନ ଥିବା ସୂଚନା ଅଧିକାର କର୍ମୀ ରମେଶ ମଲ୍ଲିକ ଅଭିଯୋଗ କରିଛନ୍ତି।

ସୂଚନା ଯୋଗ୍ୟ, ଜନସୂଚନା ଅଧିକାରୀଙ୍କ ଦ୍ୱାରା ସ୍ୱତଃ ପ୍ରବୃତ୍ତ ଭାବେ ପ୍ରଦାନ କରିବାକୁ ଥିବା ୧୭ଟି ପଏଣ୍ଟର ସୂଚନା ଅନ୍‌ଲାଇନରେ ଉପଲବ୍ଧ ନ ହେବାରୁ ସେହି ସବୁ ସୂଚନା ପାଇବାକୁ ସୂଚନା ଅଧିକାର କର୍ମୀ ପ୍ରକାଶ କୁମାର ଜେନା ଭଦ୍ରକ ତହସିଲର ଜନସୂଚନା ଅଧିକାରୀଙ୍କୁ ଫର୍ମ-କ'ରେ ପ୍ରାୟ ୬ ବର୍ଷ ତଳେ ଆବେଦନ କରିଥିଲେ। କିନ୍ତୁ ସଂପୃକ୍ତ ଅଧିକାରୀ ବୈଧାନିକ ସମୟ ସୀମା ମଧ୍ୟରେ କୌଣସି ସୂଚନା ପ୍ରଦାନ କଲେ ନାହିଁ। ପରବର୍ତ୍ତୀ ସମୟରେ ଆବେଦନକାରୀ ପ୍ରଥମ ଅପିଲ ଦାଖଲ କରିଥିଲେ ବି ତହସିଲଦାର ଏହାର ଶୁଣାଣି କଲେ ନାହିଁ। ଏ ନେଇ ସୂଚନା କମିଶନରେ ଶୁଣାଣି ଆରମ୍ଭ ହେବା ପରେ ଗତ ମାର୍ଚ୍ଚ ମାସରେ ଆବେଦନକାରୀଙ୍କୁ ସମସ୍ତ ସୂଚନା ତଦାରଖ କରିବାକୁ ଭଦ୍ରକ ତହସିଲ ପକ୍ଷରୁ ଚିଠି କରି ଡକାଯାଇଥିଲା। କିନ୍ତୁ ସେଦିନ ଜନସୂଚନା ଅଧିକାରୀ ତାଙ୍କୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅପେକ୍ଷା କରାଇଥିଲେ। ଶୁଣାଣିବେଳେ କମିଶନ ସମସ୍ତ ତଥ୍ୟ ୱେବସାଇଟର ଉପଲବ୍ଧ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣିବେଳେ ତହସିଲଦାର ପ୍ରଥମ ଅପିଲ କର୍ତ୍ତୃପକ୍ଷ ଭାବେ ଶୁଣାଣି ନ କରି ସଂସଦରେ ପାରିତ ହୋଇଥିବା ସୂଚନା ଆଇନକୁ ଅବମାନନା କରିଥିବା କମିଶନ କହିଛନ୍ତି। ଏପରିକି ଶୁଣାଣିବେଳେ ତହସିଲଦାରଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ନେଇ ନିଶ୍ଚିତ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସର୍ବ ଶେଷରେ ସମସ୍ତ ପକ୍ଷଙ୍କୁ ଶୁଣାଣି କରି କମିଶନ ସୂଚନା ଆଇନର ଧାର ୧୯(୮)(ଖ) ଅନୁଯାୟୀ ଆବେଦନକାରୀଙ୍କୁ ୧୦ହଜାର ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧା ସଳଖ ତହସିଲଦାର ପୈଠ କରିବେ ବୋଲି ନିର୍ଦ୍ଦେଶ ରହିଛି।

### ଏକାଠି ହେଲେ ଉଚ୍ଛେଦରେ ଶିକାର ବ୍ୟବସାୟୀ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବାକୁ ମିଳିତ ନିଷ୍ପତ୍ତି




**ଭଦ୍ରକ,୧୩।୧୨(ସମିସ):** ଭଦ୍ରକ ସହରରେ ବ୍ୟବସାୟ କରି ଜୀବନ ବିତାଉଥିବା ହଜାର ହଜାର ବ୍ୟବସାୟୀଙ୍କୁ ସରକାର ଉଚ୍ଛେଦ କରିବାର ୫ ମାସ ହୋଇଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କୁ ଥଇଥାନ କରିନାହାନ୍ତି। ଏହାର ପ୍ରତିବାଦରେ ବଣିକ ସଂଘ ପରିସରରେ ଲାଲା ଜଗଦୀଶ ରାୟଙ୍କ ସଭାପତିତ୍ୱରେ ଏକାଠି ହୋଇଛନ୍ତି ବ୍ୟବସାୟୀମାନେ। ଗତ ୫ ମାସ ହେଲା ବ୍ୟବସାୟୀମାନେ ଦାନା ହରାଇ ବସିଛନ୍ତି। ଛୋଟ ବ୍ୟବସାୟୀଙ୍କର ପରିବାର ଭୋକ ଉପବାସରେ ଦିନ କାଟୁଛନ୍ତି । ଉକ୍ତ ବ୍ୟବସାୟୀମାନଙ୍କ ସହ କାର୍ଯ୍ୟରତ ପରିବହନ, ମଜଦୁର କର୍ମଚାରୀ ଓ ସହଯୋଗୀମାନେ ଜୀବିକା ହରାଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଥଇଥାନ ପୂର୍ବରୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଥିବାରୁ ତାର ପ୍ରତିବାଦରେ ଆସନ୍ତା ୧୯ ତାରିଖ ଦିନ ଏକ ପ୍ରତିବାଦ ଶୋଭାଯାତ୍ରା ଗାନ୍ଧୀ ପଡ଼ିଆରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସରକାର ଓ ପ୍ରଶାସନ ଯଦି ବ୍ୟବସାୟୀଙ୍କୁ ତୁରନ୍ତ ଥଇଥାନ କରାଯିବାର ବ୍ୟବସ୍ଥା ନ କରନ୍ତି ସେମାନେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ବାଧ୍ୟ ହେବେ ଏବଂ ସେଥିପାଇଁ ସରକାର ଓ ପ୍ରଶାସନ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି। ଆଜି ଅପରାହ୍ନରେ ଭଦ୍ରକ ଆର୍‌ଏଣ୍ଡବି ଡାକବଙ୍ଗଳା ସମ୍ମୁଖରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଭଦ୍ରକ ବଣିକ ସଂଘ ସଭାପତି ହାଜି ଏମ୍‌ଡି ଅବଦୁଲ ବାରୀ ଭଦ୍ରକ ଚେମ୍ବର ଅଫ କମର୍ସର ସଭାପତି ଗୌରାଙ୍ଗ ପଣ୍ଡା, ପଙ୍କଜ ବଳ, ଆଇନଜୀବୀ ଦିବ୍ୟସିଂହ ନାୟକ, ଚିତ୍ତରଞ୍ଜନ ବରାଳ, ଗଦାଧର ସାହୁ, ନିଜାମ କାଦ୍ରୀ, ପରଭେଜ ଆଲାମ ବେଗ, ସୁଶାନ୍ତ ବେହେରା, ଆଶିଷ ଭୂୟାଁ ଓ ଆଶିଷ ନାୟକ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ପୁନର୍ବାର ଅବଶିଷ୍ଟ ଦୋକାନୀମାନଙ୍କୁ ଉଚ୍ଛେଦ କରିବା ପାଇଁ ଡାକବାଜୀ ଯନ୍ତ୍ରରେ ପ୍ରଚାର କରିଛନ୍ତି। ସେଥିରୁ ସରକାର ଓ ପ୍ରଶାସନ କ୍ଷାନ୍ତ ରୁହନ୍ତୁ ନଚେତ ବ୍ୟବସାୟୀ ସଂଘ ତରଫରୁ ଦୃଢ଼ ଭାବରେ ପ୍ରତିବାଦ କରାଯିବ ବୋଲି ସଂଘର କର୍ମକର୍ତ୍ତାମାନେ ଜଣାଇଛନ୍ତି। ପ୍ରଶାସନ ତରଫରୁ ଉଚ୍ଛେଦର ଶିକାର ବ୍ୟବସାୟୀଙ୍କୁ ଥଇଥାନ ନ କରିବା ପର୍ଯ୍ୟନ୍ତ ପୁନରାୟ ଉଚ୍ଛେଦ କାର୍ଯ୍ୟକ୍ରମକୁ ବନ୍ଦ କରିବାକୁ ସରକାର ଓ ପ୍ରଶାସନ ତୁରନ୍ତ ନିଷ୍ପତି ନେବା ପାଇଁ ନିବେଦନ ମଧ କରିଛନ୍ତି । ଏହି ମର୍ମରେ ବ୍ୟବସାୟୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଭଦ୍ରକ ସାଂସଦ, ବିଧାୟକ ଓ ପୌରାଧ୍ୟକ୍ଷାଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

## ୩ଦିନ ଧରି ନିଖୋଜ ଶ୍ରମିକର ମୃତଦେହ ବିଲରୁ ଉଦ୍ଧାର

**ବାସୁଦେବପୁର,୧୩।୧୨(ସମିସ):** ତିନି ଦିନ ଧରି ନିଖୋଜ ଥିବା ଶ୍ରମିକଙ୍କ ମୃତଦେହ ବିଲରୁ ଉଦ୍ଧାର ହୋଇଛି। ହେଲେ ମୃତ୍ୟୁର ସଠିକ କାରଣ ଜଣାପଡି ନାହିଁ। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର କିସ୍ମତ କୃଷ୍ଣପୁର ପଞ୍ଚାୟତର ଉମାକାନ୍ତ ବେହେରାଙ୍କ ଜମିର ଧାନ କାଟିବାକୁ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ମହୁଲଡିହା ଗ୍ରାମରୁ ଶ୍ରମିକ ସୁକାନ୍ତ ନାୟକ ଶନିବାର ଆସିଥିଲେ। ବୁଧବାର ଅପରାହ୍ନ ଠାରୁ ସୁକାନ୍ତ ନାୟକ ନିଖୋଜ ହୋଇ ଯାଇଥିଲେ। ଆଜି ପାଲସାହି ବିଲରେ ଏକ ମୃତଦେହ ପଡିଥିବାର ଖବର ପ୍ରଚାରିତ ହେବା ପରେ କସିଆ ସାମୁଦ୍ରିକ ଥାନାର ପୁଲିସ ପହଞ୍ଚି ଶବକୁ ଉଦ୍ଧାର କରିଥିଲେ। ଉଦ୍ଧାର ହୋଇଥିବା ଶବ ସୁକାନ୍ତ ନାୟକଙ୍କର ବୋଲି ଚିହ୍ନଟ କରାଯାଇଛି। କିପରି ମୃତ୍ୟୁ ହେଲା ସଠିକ କାରଣ ଜଣାପଡି ନାହିଁ। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଘରୋଇ ଜାଳେଣି ଗ୍ୟାସର କଳାବଜାରୀ

**ଧାମନଗର,୧୩।୧୨(ସମିସ):** ଧାମନଗର ବ୍ଲକ ଅଞ୍ଚଳରେ ଘରୋଇ ଜାଳେଣି ଗ୍ୟାସ୍ କଳାବଜାରୀ ହେଉଥିବା ଅଭିଯୋଗ ହୋଇଛି। ସହର ଓ ଗ୍ରାମାଞ୍ଚଳରେ ଥିବା ହୋଟେଲ, ରେଷ୍ଟୁରାଣ୍ଟ, ବିଭିନ୍ନ ମିଠା ଦୋକାନ, ଚା' ଷ୍ଟଲ ଭଳି ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କରେ ବ୍ୟବସାୟିକ ସିଲିଣ୍ଡର ବଦଳରେ ଘରୋଇ ସିଲିଣ୍ଡର ବ୍ୟବହାର କରାଯଉଛି। ଘରୋଇ ସିଲିଣ୍ଡର ବ୍ୟାବସାୟିକ ସିଲିଣ୍ଡର ଠାରୁ କମ ଦାମରେ ମିଳୁଥିବା ବେଳେ ଦୋକାନୀମାନେ ବଣ୍ଟନକାରୀ ସଂସ୍ଥାର କର୍ମଚାରୀଙ୍କୁ ହାତକରି ଏହି ସିଲିଣ୍ଡରକୁ ଅକ୍ଲେଶରେ ହାତେଇ ନେଉଛନ୍ତି। ସାଧାରଣ ଲୋକଙ୍କ ପାଇଁ ବ୍ୟବହୃତ ହେବାକୁ ଥିବା ଏହି ଘରୋଇ ଗ୍ୟାସ ସିଲିଣ୍ଡରକୁ ବିଭିନ୍ନ ଗ୍ୟାସ ଏଜେନ୍ସି ପ୍ରତ୍ୟେକ ଛକ ବଜାରରେ ନିଜେ ଗୋଟେ ଗୋଟେ ଏଜେନ୍ସି ତିଆରି କରି ନିର୍ଦ୍ଧାରିତ ଦାମ ଠାରୁ ଚଡ଼ା ଦରରେ ବିକ୍ରିକରି ଲାଭବାନ ହେଉଛନ୍ତି। ଯାହାଫଳରେ ପରୋକ୍ଷରେ ଉପଭୋକ୍ତାମାନେ ବହୁ ସମୟରେ ଏଜେନ୍ସିରୁ ଗ୍ୟାସ ନପାଇ ନିରାଶ ହେଉଛନ୍ତି। ଏ ନେଇ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ପାଖରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ଅସାଧୁ ବ୍ୟବସାୟୀଙ୍କ ଉପରେ ଚଢ଼ଉ କରିବାକୁ ନଜର ଦେଉନାହାନ୍ତି। ଅପରପକ୍ଷେ ବିଭିନ୍ନ ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କରେ ବ୍ୟବସାୟିକ ଜାଳେଣି ଗ୍ୟାସ କେଜି ପ୍ରତି ୯୯ ଟଙ୍କା ବଦଳରେ ଘରୋଇ ଜାଳେଣି ଗ୍ୟାସ ୬୦ଟଙ୍କାରେ କିଣି ଲାଭବାନ ହେଉଛନ୍ତି।

## ବାବାମଣିଙ୍କ ମନ୍ଦିରରେ ଗୀତା ଜୟନ୍ତୀ



**ଆରଡ଼ି,୧୩।୧୨(ସମିସ):** ପ୍ରସିଦ୍ଧ ଶୈବପୀଠ ଆରଡ଼ିଧାମର ବାବା ଆଖଣ୍ଡଳମଣୀଙ୍କ ମନ୍ଦିରରେ ସେବାୟତ ସଂଘ ଦ୍ୱାରା ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ପବିତ୍ର ଗୀତା ଜୟନ୍ତୀ ଅବସରରେ ସପ୍ତଦିବସ ବ୍ୟାପୀ ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏହି ଅବସରରେ ମା' ଜଗଦ୍ଧାତ୍ରୀ ବିଶ୍ୱ ସଂସ୍କୃତି ସୁରକ୍ଷା ସଂସ୍ଥାନ ଟ୍ରଷ୍ଟ ପ୍ରତିଷ୍ଠାତା ପଣ୍ଡିତ ସଞ୍ଜୟ ପାଢୀଶର୍ମାଙ୍କ ତତ୍ତ୍ୱାବଧାନରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ରାମକୃଷ୍ଣ ଦାଶକାଠିଆ ସଙ୍ଘ ଦ୍ୱାରା ଦାଶକାଠିଆ ପରିବେଷଣ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଥିବା ସହସ୍ରାଧିକ ଶ୍ରଦ୍ଧାଳୁ ଉକ୍ତ ଉକ୍ତ ସାଂସ୍କୃତି କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହିତ ବାବା ଆଖଣ୍ଡଳମଣିଙ୍କ ଦର୍ଶନ କରି ଥିଲେ।

## ଶ୍ରୀଅରବିନ୍ଦ ସାଧନା ପୀଠ ଟ୍ରଷ୍ଟର ବାର୍ଷିକୋତ୍ସବ



**ବନ୍ତ/ଆଗରପଡ଼ା,୧୩।୧୨(ସମିସ):** ଆଗରପଡ଼ା ସ୍ଥିତ ଶ୍ରୀଅରବିନ୍ଦ ସାଧନା ପୀଠ ଟ୍ରଷ୍ଟର ୧୭ତମ ବାର୍ଷିକ ଉତ୍ସବ ଟ୍ରଷ୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଙ୍ଗଠକ ପ୍ରଭାତ ନାୟକ ପତାକା ଉତ୍ତୋଳନ କରିବା ସହ ଏହି ପୀଠର ପ୍ରତିଷ୍ଠାତା ଭାବଗ୍ରାହୀ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଟ୍ରଷ୍ଟ ସହାୟିକା ଅଧ୍ୟାପିକା ଅନ୍ନପୂର୍ଣ୍ଣା ପଣ୍ଡା ସ୍ୱାଗତ ଭାଷଣ ଦେବାପରେ ଆୟୋଜିତ ଆଲୋଚନାଚକ୍ର ରେ ପ୍ରଭାତ ନାୟକ, ଡ.ଗୋଲକ ବିହାରୀ ସାହୁ, ସାଧିକା ରାଧାରାଣୀ ଓଝା, ବିଦ୍ୟାଧର କର ପ୍ରମୁଖ ଯୋଗ ଦେଇଥିଲେ। ସନାତନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟି ଡା. ମଦନମୋହନ ଦାଶଙ୍କ ସଭାପତିତ୍ୱରେ ଟ୍ରଷ୍ଟବୋର୍ଡର ବୈଠକ ହେବାପରେ ନିରଞ୍ଜନ ଭାଇଙ୍କ ଦ୍ୱାରା ଆଧ୍ୟାତ୍ମିକ ପତାକା ଅବତରଣ ହୋଇଥିଲା। ମୁଖ୍ୟ ଟ୍ରଷ୍ଟି ଅରୁଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିବସ ବ୍ୟାପୀ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ବହୁ ଶ୍ରୀଅରବିନ୍ଦଙ୍କ ଶ୍ରଦ୍ଧାଳୁମାନେ ଯୋଗଦାନ କରିଥିଲେ।

## ଅଙ୍ଗନବାଡ଼ି ପରିଦର୍ଶନ କଲେ ସୁପରଭାଇଜର



**ବାରିକପୁର,୧୩।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନଗୁଆଁ ପଞ୍ଚାୟତ ବାଲିଗଡିଆ ଅଙ୍ଗନବାଡି କେନ୍ଦ୍ର ଚାରିପଟେ ଗୁଳ୍ମ ଲତା ମାଡି ଯାଇଛି। ରୋଷେଇ ଘରେ ଫାଟ ସୃଷ୍ଟି ହୋଇଥିବା ବେଳେ କେନ୍ଦ୍ର ଚାରିପଟେ ପଡ଼ିଥିବା କଂକ୍ରିଟ ବେସ୍ ମଧ ଫାଟି ଆଁ କରିଛି। ଅଭିଯୋଗ ଆସିବା ପରେ ଏନେଇ ଗତ ୧୧ ତାରିଖ ଦୈନିକ 'ସକାଳ'ରେ 'ବିପଦ ସଙ୍କୁଳ ଅଙ୍ଗନବାଡି, ଅସୁରକ୍ଷିତ ଶୈଶବ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏ ସଂପର୍କରେ ଗତ ୨ଦିନ ଧରି ବ୍ଲକ ପ୍ରଶାସନ ପକ୍ଷରୁ ଅନୁଧ୍ୟାନ ହୋଇଥିବା ବେଳେ ଅଧିକାରୀମାନେ ଅଙ୍ଗନବାଡି କ୍ଷେତ୍ର ପରିଦର୍ଶନ କରିଥିବା ଜଣାପଡିଛି। ବ୍ଲକ କନିଷ୍ଠ ଯନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ବେହେରା ଓ ମହିଳା ଶିଶୁ ବିକାଶ ବିଭାଗ ସୁପରଭାଇଜର ସତ୍ୟଶିଖା ସେଠୀ କେନ୍ଦ୍ର ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ଖବର ଅନୁଯାୟୀ ଅଙ୍ଗନବାଡି କେନ୍ଦ୍ରରେ ଫାଟ ସୃଷ୍ଟି ହୋଇଥିବା ଅଧିକାରୀ ମାନେ ଦେଖିବାକୁ ପାଇଥିଲେ। ଏନେଇ ବିଡିଓଙ୍କୁ ଲିଖିତ ଭାବେ ଜଣା ଯାଇଛି ବୋଲି କ୍ଷେତ୍ର ଅଧିକାରୀ ସୂଚନା ଦେଇଛନ୍ତି। ବିଡିଓ ନିର୍ଦ୍ଦେଶ ଦେଲେ ଯଥାଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜଣାଯାଇଛି।

## ରାସନ ବଣ୍ଟନ ଚୟନ ପ୍ରକ୍ରିୟାକୁ ନେଇ ଅସନ୍ତୋଷ



**ବନ୍ତ/ଆଗରପଡ଼ା,୧୩।୧୨(ସମିସ):** ରାସନ ସାମଗ୍ରୀ ବଣ୍ଟନ ନିମନ୍ତେ ହୋଇଥିବା ଆବେଦନର ଚୟନ ପ୍ରକ୍ରିୟାକୁ ନେଇ ମହିଳା ସଂଘ ନିଜ ଅସନ୍ତୋଷ ବ୍ୟକ୍ତ କରି ବ୍ଲକ ଉନ୍ନୟନ ଅଧିକାରୀଙ୍କ ଠାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ବନ୍ତ ବ୍ଲକ ଅନ୍ତର୍ଗତ ଟିଲୋ ବଡ଼ସାହିର ଜୟ ଜଗନ୍ନାଥ ମହିଳା ସଂଘ ପକ୍ଷରୁ ରାସନ ସାମଗ୍ରୀ ବଣ୍ଟନ ପାଇଁ ଆବେଦନ କରାଯାଇଥିଲା। ତାଙ୍କ ସହିତ ଅନ୍ୟ ୨ଟି ମହିଳା ସଂଘ ମଧ୍ୟ ଆବେଦନ କରିଥିଲା। କିନ୍ତୁ ଆବେଦନ ପ୍ରକ୍ରିୟା ସରିବା ପରେ ଚୟନ ପ୍ରକ୍ରିୟାର ସମସ୍ତ କାର୍ଯ୍ୟ ଗତ ନଭେମ୍ବର ୧୨ ତାରିଖରେ ସରିସାରିଥିଲେ ସୁଦ୍ଧା ୩ଗୋଟି ସଂଘ ମଧ୍ୟରୁ କାହାକୁ କେତେ ନମ୍ବର ମିଳିଲା ତାହାର କୌଣସି ଘୋଷଣା କରାଯାଉନଥିବାକୁ ନେଇ ଜୟ ଜଗନ୍ନାଥ ମହିଳା ସଂଘର ସଭ୍ୟାମାନେ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଭେଟି ଲିଖିତ ଅଭିଯୋଗ କରିବା ସହ ଚୟନ ପ୍ରକ୍ରିୟାର ସବିଶେଷ ତଥ୍ୟ ଜାଣିବାକୁ ଆଶା ରଖିଥିବା ପ୍ରକାଶ କରିଥିବା ଜଣାପଡ଼ିଛି। ତାଙ୍କ ଅଭିଯୋଗ ପତ୍ର ପାଇବା ପରେ ବିଡିଓ ସିଡିପିଓଙ୍କୁ ଉକ୍ତ ସମସ୍ୟା ଉପରେ ଆଲୋକପାତ କରିବାକୁ ଅନୁରୋଧ କରିଥିବା ଜଣାପଡ଼ିଛି।

## ୬୨ ବସ୍ତା କୋଇଲା ଜବତ

**ତିହିଡି,୧୩।୧୨(ସମିସ):** ତିହିଡ଼ି ଥାନା ଅଧୀନ କନ୍ଦପୁର ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘର ପଛପଟରେ ଥାକ ମରାହୋଇ ରହିଥିବା ୬୨ ବସ୍ତା କୋଇଲା ଜବତ କରାଯାଇଛି। କୌଣସି ସୂତ୍ରରୁ ଖବର ପାଇ ତିହିଡ଼ି ପୁଲିସ ସଦଳବଳ ଚଢ଼ଉ କରିଥିଲା। ତେବେ ଘର ମାଲିକ କୌଶଳରେ ଫେରାର ହୋଇଯାଇଛନ୍ତି। ଏକ ଟ୍ରାକ୍ଟର ଯୋଗେ କୋଇଲା ସବୁକୁ ଥାନାକୁ ଅଣାଯାଇ ରଖାଯାଇଛି। ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ଭଦ୍ରକ ଏସ୍‌ପି ଚୋରା କୋଇଲା ଚାଲାଣ ଉପରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଥିବା କାରଣରୁ ଲୋକେ ଫୋନ ଯୋଗେ ସିଧାସଳଖ ଜିଲ୍ଲା ପୁଲିସ ସହ ଯୋଗାଯୋଗ କରି ଚୋରା କୋଇଲା, ବେଆଇନ ଗୋ ଚାଲାଣ ଆଦି ସମ୍ପର୍କରେ ସୂଚନା ପ୍ରଦାନ କରୁଛନ୍ତି। ଫଳରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।



## ୪୨ବର୍ଷରେ ପଦ୍ମପୁର ଗୀତାଜ୍ଞାନ ମହାଯଜ୍ଞ

**ପଦ୍ମପୁର,୧୩ ।୧୨(ସମିସ):** ବାସୁଦେବପୁର ବ୍ଲକ୍ ପଦ୍ମପୁର ଗୀତାଯଜ୍ଞ ମଣ୍ଡପରେ ସବୁ ବର୍ଷ ଭଳି ତ୍ରିଦିବସୀୟ ଗୀତାଜ୍ଞାନ ମହାଯଜ୍ଞ କାର୍ଯ୍ୟକ୍ରମ ଆଜି ଶୁଭାରମ୍ଭ ହୋଇଯାଇଛି। ଦୀର୍ଘ ୪୨ବର୍ଷ ଧରି ଏହି ତ୍ରିଦିବସୀୟ ଗୀତାଜ୍ଞାନ ମହାଯଜ୍ଞର ପ୍ରଥମ ଦିବସରେ ମଙ୍ଗଳାବ ମଙ୍ଗଳାଧିବାସ, ଆରତୀ, ଗୀତା ଓ ବେଦପାଠ ମଧ୍ୟାହ୍ନରୁ ଅପରାହ୍ନ ଯାଏଁ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସାହିତ୍ୟିକ ତଥା ପ୍ରାକ୍ତନ ସାଂସଦ ଡ.ପ୍ରସନ୍ନ ପାଟ୍ଟଶାଣୀ ଓ ବିଶିଷ୍ଟ ପ୍ରବଚକ ବଂଶୀଧର ଡାଙ୍ଗୁଆ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ପ୍ରବଚନ ଦେଇଥିଲେ। ଏହି ଗୀତାଯଜ୍ଞ ୩ଦିନ ଧରି ଚାଲିବ।

## ଧାନ ବିଲ ଫାଟି ଆଁ

**ମଞ୍ଜୁରୀ ରୋଡ, ୧୩।୧୨(ସମିସ):** ସଂପ୍ରତି ଖରିଫ୍ ଧାନ ଫସଲର ଅମଳ ସମୟ ଉପନୀତ ହୋଇଛି। ଏହାରି ଭିତରେ କେତେକ ଚାଷ ଜମିରେ ପାଣି ନଥିବାରୁ ଚାଷୀ ମାନେ ଘୋର ଚିନ୍ତା ପ୍ରକଟ କରିଛନ୍ତି। ପ୍ରକୋପ ଶୀତ ସାଙ୍ଗକୁ କ୍ଷେତରେ ପାଣି ନଥିବାରୁ ପାଖାପାଖି ଶତକଡା ୩୦ଭାଗ ଧାନ ବାହାରି ପାରୁ ନାହିଁ। ଏଭଳି ଚିତ୍ର ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ ଅଞ୍ଚଳରେ। କେତେକ ସ୍ଥାନରେ ସହଳ କିସମ ଧାନ କଟା ହୋଇ ଅମଳ ହେଲାଣି। ଏହାସତ୍ତ୍ୱେ ଜଳାଭାବ ଯୋଗୁଁ କିଛି ଧାନ ଏବେ ବାହାରି ପାରିନାହିଁ। ଜମିରେ ୭୦ଭାଗ ଧାନ ବାହାରି ପାଚିବାକୁ ବସିଥିବା ବେଳେ ବାକି ଧାନ ବାହାରୁ ନାହିଁ। ଯାହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇଛନ୍ତି। ଏବେ କେବଳ ବିଭିନ୍ନ ନାଳ ଓ ନଳକୂପରୁ ମୋଟର ଲଗାଇ ପାଇପ ପାଣିକୁ ଭରସା କରି କିଛି ଚାଷୀ କ୍ଷେତରେ ସମ୍ପୂର୍ଣ୍ଣ ଶସ୍ୟ ପାଇଁ ଉଦ୍ୟମ କରିଛନ୍ତି। ଏଭଳି ଅବସ୍ଥା ମଞ୍ଜୁରୀ ରୋଡ ସମେତ ରାଜେନ୍ଦ୍ରପୁର, ମତାବାଜ, କୋଟସିରା,ସାଶନ,ନାଆମୀ ପ୍ରମୁଖ ସ୍ଥାନରେ ଦେଖିବାକୁ ମିଳିଛି। ଏହାଛଡା ବିଷ୍ଣୁପୁର, ଆଖୁଆପଦା, ମାଳଦା ପ୍ରମୁଖ ଅଞ୍ଚଳର ସ୍ଥାନେ ସ୍ଥାନେ କ୍ଷେତରେ ଜଳାଭାବ ଦେଖା ଦେଇଥିବା ଯୋଗୁଁ ଧାନ ବାହାରିବା ବିଳମ୍ବ ହେଉଥିବା ଜଣାପଡ଼ିଛି।



## ବିଶ୍ୱ ମୃତ୍ତିକା ଦିବସ ପାଳିତ




**ଭଦ୍ରକ,୧୩।୧୨(ସମିସ):** ଆଦାନୀ ଫାଉଣ୍ଡେସନ ପକ୍ଷରୁ କରଣପଲ୍ଲୀ ପଞ୍ଚାୟତର କୁଆମରା ଗ୍ରାମରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୨୦ ଜଣ ଚାଷୀ ଏବଂ ୯ଟି ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟମାନେ ଯୋଗ ଦେଇଥିଲେ। ଏଥିରେ ପ୍ରଭାତ ଫେରି ଓ ମୃତ୍ତିକା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ରାଣୀତାଲସ୍ଥିତ ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ପ୍ରଦାନ କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଡ. ଉମାଶଙ୍କର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଚାଷୀ, ଅତିଥି, ପ୍ରତିନିଧି ଓ ହିତାଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ୨୦ ଗୋରୁ ସହ ୨ ଷଣ୍ଢ ଉଦ୍ଧାର



**ତିହିଡ଼ି,୧୩।୧୨(ସମିସ):** ପୀରହାଟ ଥାନା ଅଧୀନ ପାଢ଼ୀସାହି ମୁସଲମାନ ସାହିରୁ ଗୋରୁ ବୋଝେଇ ପିକ୍‌ଅପ ଭ୍ୟାନକୁ ପୁଲିସ ଜବତ କରିଛି। ୨୦ ଗୋରୁ ସହ ୨ ଷଣ୍ଢକୁ ଉଦ୍ଧାର କରାଯାଇଛି। ଭଦ୍ରକ ଏସ୍‌ପିଙ୍କ ଗୋଚାଲାଣ ବିରୋଧୀ ପଦକ୍ଷେପ ପରେ ବି ମାଫିଆମାନେ ତିଳେମାତ୍ର ନରମି ନାହାଁନ୍ତି। ରାତିରେ ଗୋରୁ ବୋଝେଇ କରି ଚାଲାଣ କରିବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ଧରିବାରେ ସକ୍ଷମ ହୋଇଛି। ପୁଲିସକୁ ଦେଖି ଚାଳକ ସମେତ ମାଫିଆମାନେ ମଧ୍ୟ ଫେରାର ହୋଇ ଯାଇଥିଲେ। ଏକ ଛୋଟିଆ ପିକ୍‌ଅପ୍ ଭ୍ୟାନ୍‌ରେ ଧାନ ବସ୍ତା ଭଳି ବୋଝେଇ କରାଯାଇଥିଲା ଗୋରୁ ଓ ଷଣ୍ଢଗୁଡ଼ିକୁ। ପୁଲିସ ସଂପୃକ୍ତ ଗାଡିକୁ ଥାନାକୁ ଆଣି ସ୍ଥାନୀୟ ଯୁବଗୋଷ୍ଠୀଙ୍କ ସହଯୋଗରେ ଗୋରୁ ଗୁଡ଼ିକୁ ତଳକୁ ଓହ୍ଲାଇ ଦେଇଥିଲେ। କେତେକ ଗୋରୁ ମୁମୂର୍ଷୁ ଅବସ୍ଥାରେ ରହିଥିଲେ। ସେମାନଙ୍କୁ ଖାଦ୍ୟ ଓ ପାଣି ଦେଇ ସୁସ୍ଥ କରିବା ପରେ ମଇତାପୁର ଗୋଶାଳାରେ ଛଡା ଯାଇଥିବା ଆଇଆଇସି ଅଜୟ ମୁର୍ମୁଙ୍କ ଠାରୁ ସୂଚନା ମିଳିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ବିଦ୍ୟାଳୟ ପରିଚାଳନା କମିଟି ଗଠିତ



**ବନ୍ତ/ଆଗରପଡ଼ା,୧୩।୧୨(ସମିସ):** ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ତୋଫାବିବି କ୍ଲଷ୍ଟର ତଥା ବିଟିପୁର ପଞ୍ଚାୟତ ଅନ୍ତର୍ଗତ ଏକାଦଶୀ ମଧ ଇଂରାଜୀ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜଗନ୍ନାଥ ମଲ୍ଲିକଙ୍କ ସଭାପତିତ୍ୱ ଏବଂ ସିଆର୍‌ସିସି ନିରଞ୍ଜନ ଖିଲାର ଓ ସ୍ଥାନୀୟ ସରପଞ୍ଚ ତଥା ପଞ୍ଚାୟତ ଶିକ୍ଷା କମିଟି ସଭାପତି ସୁଭଦ୍ରା ସିଂହଙ୍କ ପ୍ରତ୍ୟେକ୍ଷ୍ୟ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅଧିବେଶନରେ ୧୯ଜଣ ସଭ୍ୟ/ସଭ୍ୟାଙ୍କୁ ନେଇ ନୂତନ ପରିଚାଳନା କମିଟି ଗଠିତ ହୋଇଥିଲା। ତନ୍ମଧ୍ୟରୁ ମମତା ମଞ୍ଜରୀ ସାହୁଙ୍କୁ ସଭାପତି ଓ କୃଷ୍ଣଚନ୍ଦ୍ର ଦାସଙ୍କୁ ଉପସଭାପତି ରୂପେ ଚୟନ କରାଯାଇଥିଲା।

### ମା' ବିରଜା ପରିକ୍ରମା ପ୍ରକଳ୍ପ ଓ ହାଟ ବିବାଦ

# ପ୍ରଶାସନକୁ ଦାୟୀ କଲେ ବିଧାୟିକା ସୁଜାତା

**ଯାଜପୁର, ୧୩।୧୨(ସମିସ)**



ଗତ କିଛିଦିନ ଧରି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପରିକ୍ରମା ପ୍ରକଳ୍ପ ଓ ପୁରୁଣା ହାଟ ବିବାଦ ପାଇଁ ଯାଜପୁରରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି। ପ୍ରଥମେ ବ୍ୟକ୍ତିଗତ ମାଲିକାନାରେ ଚାଲିଥିବା ଯାଜପୁରର ପୁରାତନ ଅଗ୍ନେଶ୍ୱର ହାଟ ଜମିକୁ ଅଧିଗ୍ରହଣ କରିଥିଲା ଜିଲ୍ଲା ପ୍ରଶାସନ। ଉକ୍ତ ଜମିକୁ ବିରଜା ମନ୍ଦିର ଟ୍ରଷ୍ଟକୁ ଦେଇ ହାଟକୁ ସନ୍ଥମାଧବ ଅଞ୍ଚଳକୁ ସ୍ଥାନାନ୍ତର କରିଥିଲା। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲା ଜିଲ୍ଲା ପ୍ରଶାସନ। କିନ୍ତୁ ସାଧାରଣ ନିର୍ବାଚନ ପରେ ନୂଆ ବିବାଦ ବାହାରିବା ପରେ ଏବେ ଜିଲ୍ଲା ପ୍ରଶାସନ ବିରଜା ପରିକ୍ରମା ପ୍ରକଳ୍ପ ଅଞ୍ଚଳରେ ପୁରୁଣା ହାଟ ଖୋଲିବାକୁ ଅନୁମତି ଦେଇଛି। ଆସନ୍ତା ରବିବାରଠାରୁ କେବଳ ପରିବା ହାଟ ଖୋଲିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏଥିପାଇଁ ପରିକ୍ରମା ପ୍ରକଳ୍ପ ପାଇଁ ଅନୁମୋଦନ ହୋଇଥିବା ଡିପିଆରର ପରିବର୍ତ୍ତନ ମଧ୍ୟ କରାଯିବ ବୋଲି ଜଣାପଡ଼ିଛି। ଗତକାଲି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଆହୂତ ବୈଠକରେ ଏହା ଘୋଷଣା କରି ନୂତନ ଡିପିଆରକୁ ପ୍ରଦର୍ଶିତ କରିଥିଲେ। ଜିଲ୍ଲା ପ୍ରଶାସନର ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। କାରଣ ଗତକାଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଯେଉଁମାନଙ୍କ ମତାମତ ପାଇଁ ଡକାଯାଇଥିଲା ସେମାନଙ୍କଠାରୁ ମତାମତ ଗ୍ରହଣ ନ କରି ଜିଲ୍ଲା ପ୍ରଶାସନ ନିଜ ଆଡ଼ୁ ପ୍ରସ୍ତୁତ କରିଥିବା ନୂତନ ଡିପିଆରକୁ ପ୍ରଦର୍ଶିତ କରିଥିଲେ। ଏହି ନୂତନ ଡିପିଆରକୁ କାର୍ଯ୍ୟକାରୀ କରାଗଲେ ମା' ବିରଜା ପରିକ୍ରମା ପ୍ରକଳ୍ପ ପ୍ରଭାବିତ ହେବ ଓ ଏହାକୁ ନେଇ ଆଗାମୀ ଦିନରେ ଅଧିକ ବିବାଦ ଦେଖାଦେବ ବୋଲି ଯାଜପୁର ବିଧାୟିକା ସୁଜାତା ସାହୁ ଆଜି ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ କହିଛନ୍ତି।

ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗର ଜିଲ୍ଲା ପ୍ରଶାସନ ବା ଜିଲ୍ଲାପାଳ ସ୍ଥାନୀୟ ପୌରପାଳିକାର କାଉନସିଲର, ପୌରାଧକ୍ଷା କିମ୍ବା ବିଧାୟିକାଙ୍କଠାରୁ କୌଣସି ମତାମତ ଗ୍ରହଣ କରିନାହାନ୍ତି। ସ୍ଥାନୀୟ ଅଞ୍ଚଳର ଲୋକ ପ୍ରତିନିଧିଙ୍କୁ ଏଭଳି ଏକ ପ୍ରସଙ୍ଗରେ ସାମିଲ ନ କରି ନିଜ ମେରୀ ରାୟ ଚଳାଇବା ଭଳି ସଂଗୀନ ଅଭିଯୋଗ କରିଛନ୍ତି ବିଧାୟିକା ସୁଜାତା। କେଉଁ ଅଦୃଶ୍ୟ ଚାପ କିମ୍ବା ଶାସକ ଦଳର ଚାପରେ ନିଜ ମନମୁଖି କାର୍ଯ୍ୟ ଚଳାଇଥିବା ଭଳି ସଂଗୀନ ଅଭିଯୋଗ କରି ଜିଲ୍ଲାପାଳଙ୍କ ଉପରେ ବର୍ଷିଥିଲେ ଯାଜପୁର ବିଧାୟିକା। ପୂର୍ବରୁ ସେ ଅନେକ ଥର ଏହି ପ୍ରସଙ୍ଗରେ ଜିଲ୍ଲାପାଳଙ୍କୁ ବିବାଦର ସମାଧାନ କରିବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ ମଧ୍ୟ ଜିଲ୍ଲାପାଳ ତାହା ନ କରି କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କଠାରୁ ମତାମତ ସଂଗ୍ରହ କରି ପଦପେକ୍ଷ ନେଉଥିବା ସେ ଅଭିଯୋଗ କରିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ମାଝି ମା' ବିରଜା ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ଜିଲ୍ଲାପାଳ କିଭଳି ଉକ୍ତ ଡିପିଆରକୁ ପରିବର୍ତ୍ତନ କରିବେ, ତାକୁ ନେଇ ପ୍ରଶ୍ନ କରିଛନ୍ତି ବିଧାୟିକା। ଏଥିସହିତ ଯେଉଁ ବ୍ୟବସାୟୀ ଓ ଚାଷୀ ଥରେ ସନ୍ଥମାଧବକୁ ବିସ୍ଥାପିତ ହୋଇଛନ୍ତି, ସେମାନଙ୍କୁ ପୁଣି ମୂଳ ଜାଗାକୁ ଫେରାଇ ଆଣିବା ପାଇଁ ମଧ୍ୟ ଆଇନଗତ ସମସ୍ୟା ଥିବା କୁହାଯାଉଛି। କୋଟି କୋଟି ଟଙ୍କା ବ୍ୟୟରେ ଚାଷୀ ଓ ବ୍ୟବସାୟୀଙ୍କୁ ଥଇଥାନ କରାଯାଇଥିବାବେଳେ ପୁଣି ମୂଳଜାଗାକୁ ଆସିବାକୁ ହେଲେ ସନ୍ଥମାଧବ ହାଟର ତିଆରି ହୋଇଥିବା ଭିତ୍ତିଭୂମିର ଭବିଷ୍ୟତକୁ ନେଇ ମଧ୍ୟ ପ୍ରଶ୍ନଚିହ୍ନ ଠିଆ ହୋଇଛି।

ସେହିପରି ଗତକାଲିର ବୈଠକରେ ଜିଲ୍ଲା ପ୍ରଶାସନ ଶୁଣାଇଥିବା ପ୍ରସ୍ତାବ ନେଇ ମା' ବିରଜାଙ୍କ ସେବାୟତ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି। ସେବାୟତ ପରିଷଦ ପକ୍ଷରୁ ଯାଇଥିବା ସେବାୟତ ଧନଞ୍ଜୟ ପାଣିଙ୍କ କହିବା ମୁତାବକ ଗତକାଲି କେବଳ ଜିଲ୍ଲା ପ୍ରଶାସନ ଔପଚାରିକତା ଦୃଷ୍ଟିରୁ ବୈଠକ ଡାକିଥିଲା। କିନ୍ତୁ ସବୁ କିଛି ନିଜେ ଠିକ୍ କରି ଡିପିଆର ପ୍ରଦର୍ଶିତ କରିଥିଲା। ତେଣୁ ନୂତନ ଡିପିଆର କାର୍ଯ୍ୟକାରୀ କରାଗଲେ ଆଗାମୀ ଦିନରେ ବିରଜା ପରିକ୍ରମା ପ୍ରକଳ୍ପ ପ୍ରଭାବିତ ହେବ ଓ ଅସମ୍ପୂର୍ଣ୍ଣ ରହିବ। ଏ ନେଇ ଆଗକୁ ସେବାୟତ ପରିଷଦ ବୈଠକ ବସିବ ଓ ସେଥିରେ ଯାହା ନିଷ୍ପତ୍ତି ନିଆଯିବ, ସେ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଯିବ ବୋଲି ଶ୍ରୀ ପାଣି କହିଛନ୍ତି। ମା' ବିରଜା ପରିକ୍ରମା ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ଯାଇ ଯେଉଁ ପ୍ରଶାସନ ପ୍ରଥମେ ହାଟକୁ ସନ୍ଥମାଧବକୁ ଉଠାଇବାକୁ ନିଷ୍ପତ୍ତି ନେଇଥିଲା, ସେହି ଜିଲ୍ଲା ପ୍ରଶାସନ ପୁଣି ହାଟ ଫେରାଇ ଆଣିବାକୁ ଉଦ୍ୟମ କରିବା ଘଟଣାକୁ ନେଇ ନାନା ସମାଲୋଚନା କରାଯାଉଛି। ଏଭଳି ପରିସ୍ଥିତିରେ ଜିଲ୍ଲା ପ୍ରଶାସନ ସ୍ଥାନୀୟ ଲୋକ ପ୍ରତିନିଧି, ସବୁ ବର୍ଗର ବ୍ୟକ୍ତିବିଶେଷ ଓ ସଂଗଠନର ମତାମତକୁ ସମ୍ମାନ ଜଣାଇ ପଦକ୍ଷେପ ନିଆଗଲେ ବିବାଦର ସମାଧାନ ହୋଇପାରିବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟଥା ବିବାଦ ବଢ଼ିବ ଏଥିରେ ସନ୍ଦେହ ନାହିଁ।

### ଅଗ୍ନିକାଣ୍ଡରେ ୩ ପରିବାର ସର୍ବସ୍ୱାନ୍ତ

## ୫ ବଖରା ଘର ସହ ୪ ଛେଳି ଜୀବନ୍ତଦଗ୍ଧ



**ଦଶରଥପୁର, ୧୩।୧୨ (ସମିସ):** ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମରେ ଅଗ୍ନିକାଣ୍ଡରେ ୩ ପରିବାର ସର୍ବସ୍ୱାନ୍ତ ହୋଇଥିବାବେଳେ ଗୁହାଳରେ ବନ୍ଧା ହୋଇଥିବା ୪ଟି ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଥିବା ଜଣାଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ହେଁ ଗୃହପାଳିତ ପଶୁଙ୍କ ପାଇଁ ଦିଆଯାଇଥିବା ଅଣ୍ଡା ଖୋଳ ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଇଛି। ଗୁରୁବାର ନୀଳକଣ୍ଠପୁର ଗ୍ରାମର ସୁଶାନ୍ତ ଜେନାଙ୍କ ପରିବାର ରାତିରେ ଶୋଇଥିବାବେଳେ ହଠାତ୍ ତାଙ୍କ ଗୁହାଳ ଘରେ ନିଆଁ ଜଳୁଥିବା ପଡୋଶୀ ଦେଖିବାକୁ ପାଇଥିଲେ। ନିଆଁର ପ୍ରକୋପ ଏତେ ପ୍ରଖର ଥିଲା ଯେ ଚାହୁଁ ଚାହୁଁ ଏହା ସୁଶାନ୍ତଙ୍କ ଅନ୍ୟ ବଖରା ସମେତ ନିକଟରେ ଥିବା ଲମ୍ବୋଧର ଜେନା ଓ ସୁବ୍ରତ ଜେନାଙ୍କ ଘରକୁ ବ୍ୟାପି ଯାଇଥିଲା। ଘରୁ ବାହାରି ଆସି ୩ ପରିବାର ଲୋକେ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ ମଧ୍ୟ ୫ ବଖରା ଘର ସମେତ ଘରେ ଥିବା ସବୁ ଆସବାବପତ୍ର ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା। ସୁଶାନ୍ତ ଜେନାଙ୍କ ଗୁହାଳ ଘରେ ବନ୍ଧା ହୋଇଥିବା ୪ଟି ଛେଳି ଜୀବନ୍ତ ଦଗ୍ଧ ହୋଇଥିଲେ। ଦଶରଥପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ୩ ପରିବାରର ଘରଦ୍ୱାର ପୋଡ଼ି ପାଉଁଶ ହୋଇଯାଇଥିଲା। ଶୁକ୍ରବାର ଦଶରଥପୁର ତହସିଲଦାର ବିକ୍ରମ କିଶୋର ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳପୁର ରାଜସ୍ୱ ନିରୀକ୍ଷକ ଅଗ୍ନିବିପନ୍ନଙ୍କ ସ୍ଥିତିକୁ ନେଇ ତଦନ୍ତ କରିଥିଲେ। ସ୍ଥାନୀୟ ପ୍ରାଣୀ ସମ୍ପଦ କର୍ମଚାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବାବେଳେ ଅଗ୍ନିବିପନ୍ନ ୩ ପରିବାରକୁ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପୃଥକ୍ ଦୁର୍ଘଟଣାରେ ୩ ଯୁବକ ଆହତ

**ସୁକିନ୍ଦା, ୧୩।୧୨(ସମିସ):** ୫୩ନଂ ଜାତୀୟ ରାଜପଥର ସୁକିନ୍ଦା-ଭୁବନ ରାସ୍ତାରେ ଦୁଇଟି ଦୁର୍ଘଟଣାରେ ତିନିଜଣ ଯୁବକ ଆହତ ହୋଇଛନ୍ତି। ମଙ୍ଗଳପୁର ଛକ ନିକଟରେ ଦୁର୍ଘଟଣା ଘଟି ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ଓଡ଼ିଶ ଗ୍ରାମର ପ୍ରଭଞ୍ଜନ ଷଣ୍ଢ ଓ ସୌମ୍ୟରଞ୍ଜନ ମହାନ୍ତି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟ ଯୁବକଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସେମାନଙ୍କ ଚିକିତ୍ସା ଜାରି ରହିଛି। ସେହିପରି ଏହି ରାସ୍ତାର ଟସର ଫାର୍ମ ନିକଟରେ ଅନ୍ୟଏକ ଦୁର୍ଘଟଣାରେ ବୁଦ୍ଧେଶ୍ୱର ପ୍ରଧାନ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ବୁଦ୍ଧେଶ୍ୱରକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମେଳା ପ୍ରସ୍ତୁତି ବୈଠକ



**ଯାଜପୁର, ୧୩।୧୨(ସମିସ):** ୧୪ତମ ରାଜ୍ୟସ୍ତରୀୟ ପୁସ୍ତକ ମେଳା ନିମନ୍ତେ ପ୍ରସ୍ତୁତି ଶେଷ ହୋଇଥିବା ଅନନ୍ୟା ସାହିତ୍ୟ ସଂସଦ ସଭାପତି ସନ୍ତୋଷ ନନ୍ଦଙ୍କ ଅଧକ୍ଷତାରେ ଯାଜପୁର ଜିଲ୍ଲା ହାଇସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ସୂଚନା ଦିଆଯାଇଛି। ଯାଜପୁରସ୍ଥ କୁସୁମା ପଡ଼ିଆରେ ଚଳିତ ମାସ ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପରିଷଦ ଏବଂ ଅନନ୍ୟା ସାହିତ୍ୟ ସଂସଦ ମିଳିତ ସହଯୋଗରେ ଏହି ପୁସ୍ତକ ମେଳା ଅନୁଷ୍ଠିତ ହେବ। ଉକ୍ତ ବୈଠକରେ ବିଶିଷ୍ଟ ଅତିଥିଙ୍କୁ ଅମନ୍ତ୍ରଣ କରାଯିବା ସହ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଛି। ପ୍ରଶାସନିକ ସ୍ତରରେ ସମସ୍ତ ପ୍ରକାରର ଆୟୋଜନ କରାଯାଇଥିବା କୁହାଯାଇଛି। ବରିଷ୍ଠ ନାଗରିକ, ଛାତ୍ର, ଶିକ୍ଷକ, ଅଧ୍ୟାପକ, ଅଧ୍ୟାପିକା, ସ୍କୁଲ, କଲେଜର ସମସ୍ତ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀଙ୍କ ସହଯୋଗ କାମନା କରାଯାଇଛି। ଅନନ୍ୟାର ସମ୍ପାଦକ ଡଃ କାହ୍ନୁଚରଣ ମିଶ୍ର ପୁସ୍ତକ ମେଳାର ପ୍ରସ୍ତୁତି ବିଷୟରେ ସୂଚନା ଦେଇଥିଲେ। ଉକ୍ତ ବୈଠକରେ ଉପସଭାପତି ବିଭୂତିଭୂଷଣ ମହାପାତ୍ର, ଉପଦେଷ୍ଟା ଉଦୟ ନାରାୟଣ ପରିଡ଼ା, ଅଧକ୍ଷ ଅନୀଲ ମହାନ୍ତି, ହରିଶ୍ଚନ୍ଦ୍ର ପଣ୍ଡା, ହୃଷିକେଶ ପତି, ଅଶୋକ ଦାସ, ଉମାକାନ୍ତ ସାମଲ, ବିଷ୍ଣୁଚରଣ ବେହେରା, ଡଃ ବିନୋଦ ନାୟକ, ସୁଧାଂଶୁ ରଥ, ଭାବଗ୍ରାହୀ ମିଶ୍ର, ଗଣେଶ୍ୱର ବେହେରା, ଅଖିଳ ମୋହନ ଦାସ, ଅକ୍ଷୟ ପୃଷ୍ଟି, ଇଚ୍ଛାମୟୀ ଧଳ, ଅକ୍ଷୟ ପଣ୍ଡା, ସୁବାସ ମହାପାତ୍ର, ଅଧିକାରୀ ନବକିଶୋର ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିଶ୍ୱ ସ୍ୱେଚ୍ଛାସେବୀ ଦିବସ ପାଳିତ

**ମଙ୍ଗଳପୁର, ୧୩।୧୨(ସମିସ):** ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତସ୍ଥ ବୌଲାଙ୍ଗଠାରେ ଥିବା ଏଡୁପ୍ରୋ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ପକ୍ଷରୁ ଭାରତ ସରକାରଙ୍କ ଅଧୀନ ନେହେରୁ ଯୁବ କେନ୍ଦ୍ର ଯାଜପୁର ସହାୟତାରେ ୱାର୍ଲଡ ଭଲ୍ୟୁଣ୍ଟର ଡେ (ବିଶ୍ୱ ସ୍ୱେଚ୍ଛାସେବୀ ଦିବସ) ପାଳନ କରାଯାଇଛି। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ବୌଦ୍ଧିକ ଜ୍ଞାନ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏଡୁପ୍ରୋ ଶିକ୍ଷାକେନ୍ଦ୍ରରୁ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ବାହାରି ନିକଟସ୍ଥ ବଜାର ପରିକ୍ରମା କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୁବ୍ରତ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସସ୍ମିତା ଜେନା, ସୁଜାତା ବେହେରା, ଶୁଭମ ମହାପାତ୍ର, ପରମେଶ୍ୱର ସେଠୀ, ଲିଜାରାଣୀ ଦାସ, ଅନୁସୟା ଦାସଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଭାଗୀରଥି ସେଠୀଙ୍କୁ 'ରାଷ୍ଟ୍ରୀୟ ଶିକ୍ଷକ ଗୌରବ ସମ୍ମାନ'




**ଭୁବନେଶ୍ୱର, ୧୩।୧୨(ସମିସ):** ଭୁବନେଶ୍ୱର 'ଆମ୍ବେଦକର ଆନ୍ତର୍ଜାତିକ କେନ୍ଦ୍ର' ପକ୍ଷରୁ ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ୬୮ତମ ଶ୍ରାଦ୍ଧବାର୍ଷିକୀ ନୂଆଦିଲ୍ଲୀସ୍ଥ ଭାରତୀୟ ସମ୍ବିଧାନ କ୍ଲବ୍ ପରିସରରେ ପାଳିତ ହୋଇଯାଇଛି। ଏ ଅବସରରେ ସଂସଦୀୟ କାର୍ଯ୍ୟରେ ଉଚ୍ଚ ଗବେଷଣା ତଥା ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଶିକ୍ଷାବିତ୍ ଡ. ଭାଗୀରଥି ସେଠୀଙ୍କୁ 'ରାଷ୍ଟ୍ରୀୟ ଶିକ୍ଷକ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଶ୍ରୀ ସେଠୀ ସଂସଦୀୟ ଶିକ୍ଷାରେ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ହାସଲ କରିବା ପରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସରେ ସହାୟକ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ମୁଖ୍ୟବକ୍ତା ପୂର୍ବତନ ଆଇଏଫ୍ଏସ୍ ତଥା ଭାରତୀୟ ରାଷ୍ଟ୍ରଦୂତ ଅମରେନ୍ଦ୍ର ଖଟୁଆ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଡିନ୍ ପ୍ରଫେସର୍ ବଳରାମ ପାଣି ପ୍ରମୁଖ ଯୋଗ ଦେଇଥିଲେ। ଆମ୍ବେଦକର ଫାଉଣ୍ଡେସନ୍‌ର ପୂର୍ବତନ ନିର୍ଦ୍ଦେଶକ ଡ. ଦେବେନ୍ଦ୍ର ପ୍ରସାଦ ମାଝି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ସାମାଜିକ ନ୍ୟାୟ ତଥା ସଶକ୍ତିକରଣ ପାଇଁ ଡକ୍ଟର ଆମ୍ବେଦକରଙ୍କ ନିର୍ଦ୍ଦିଷ୍ଟ ଦୃଷ୍ଟିଭଙ୍ଗୀକୁ ଏହି କାର୍ଯ୍ୟକ୍ରମ ପ୍ରତିପାଦିତ କରୁଛି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ବାବା ରାମେଶ୍ୱର କ୍ରିକେଟ୍; କୃଷ୍ଣଚନ୍ଦ୍ରପୁର ଚାମ୍ପିଅନ୍



**କବାଟବନ୍ଧ, ୧୩।୧୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ଅଧୀନ ଗୋଡ଼ିପାଟିଆଠାରେ ବାବା ରାମେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ କୃଷ୍ଣଚନ୍ଦ୍ରପୁର କ୍ରିକେଟ ଟିମ ଓ ମୁକୁନ୍ଦପୁର କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୃଷ୍ଣଚନ୍ଦ୍ରପୁର କ୍ରିକେଟ ଟିମ୍ ଟସ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ଖେଳି ୮ ୱିକେଟ ବିନିମୟରେ ୨୧୫ ରନ ସଂଗ୍ରହ କରିଥିଲା। ଜବାବରେ ମୁକୁନ୍ଦପୁର କ୍ରିକେଟ ଟିମ ସମସ୍ତ ଓଭର ଖେଳି ୨୦୯ ରନ କରି ପରାଜୟବରଣ କରିଥିଲା। ସୁମନଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍, ମ୍ୟାନ ଅଫ ଦି ସିରିଜ ଭାବେ ଦୀପକ କୁଣ୍ଡୁ, ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ନିଲୁ ଓ ବେଷ୍ଟ ବୋଲର ଭାବେ ସୁଶାନ୍ତଙ୍କୁ ଯୋଗ୍ୟ ବିବେଚିତ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ସମ୍ମାନିତ ଅତିଥି ଭାବେ ସମାଜସେବୀ ନନ୍ଦକିଶୋର ପ୍ରଧାନ, ଯୁବନେତା ରବୀନ୍ଦ୍ର ସ୍ୱାଇଁ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ ପକ୍ଷରୁ ସଂଗ୍ରାମ ରାଉତ ଓ ସୁବ୍ରତ ବେହେରା ସଭା ପରିଚାଳନା କରିଥିଲେ। ରାକେଶ ବେହେରା, ପଙ୍କଜ ରାଉତ, ସୁବାସ ବାବୁ ରାଉତ, ବୁଲୁ ବେହେରା, ବିନାୟକ ପଣ୍ଡା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ବିଭିନ୍ନ ସ୍ଥାନରେ ପୁଲିସର ଯାଞ୍ଚ



**ବିଞ୍ଝାରପୁର, ୧୩।୧୨ (ସମିସ):** ବିଂଝାରପୁରକୁ ନିଶା ଓ ଦୁର୍ଘଟଣା ମୁକ୍ତ କରିବାକୁ ସମସ୍ତ ପ୍ରୟାସ ଜାରି ରଖିଛି ବିଞ୍ଝରପୁର ପୁଲିସ। ଯାଜପୁର ଆରକ୍ଷୀ ଅଧୀକ୍ଷକ ଯସପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶକ୍ରମେ ବିଂଝାରପୁର ଥାନା ଅଧିକାରୀ ବାମଦେବ ନନ୍ଦଙ୍କ ନେତୃତ୍ୱରେ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଉଛି। ବିଂଝାରପୁର ଅଞ୍ଚଳରେ ବଢୁଥିବା ଗାଡ଼ି ଚୋରି ଓ ଦୁର୍ଘଟଣାକୁ ହ୍ରାସ କରିବା ଲକ୍ଷ୍ୟ ରଖି ବିଂଝାରପୁର ବଜାରର ଦମୟନ୍ତୀ ମାର୍ଟ ନିକଟରେ ପୁଲିସ ଚେକିଂ ଜୋରଦାର ଚାଲିଛି। ବିନା ଲାଇସେନ୍ସ, ନିଶା ଖାଇ ଗାଡ଼ି ଚାଳନା, ଟ୍ରିପଲ ରାଇଡିଂ, ନମ୍ବର ବିହୀନ ଗାଡ଼ି ଆଦି ଯାଞ୍ଚ ସହିତ ଫଟୋ ଉଠାଇ ପ୍ରମାଣ ରଖାଯାଉଥିବା ଦେଖିବା ମିଳିଛି। ଏଥିସହିତ ନିଶା ମୁକ୍ତ ଓ ଦୁର୍ଘଟଣା ମୁକ୍ତ କରିବାକୁ ବିଂଝାରପୁରବାସୀଙ୍କ ସହଯୋଗ କାମନା କରିଛି ବିଞ୍ଝାରପୁର ପୁଲିସ।

## କଳାମାଟିଆ ହନୁମାନ ମନ୍ଦିରରୁ ଚୋରି

**ବରୀ, ୧୩।୧୨(ସମିସ):** ବରୀ ବ୍ଲକ ଅନ୍ତର୍ଗତ କଳାମାଟିଆ ହନୁମାନ ମନ୍ଦିରରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ସବୁଦିନ ଭଳି ଗୁରୁବାର ରାତି ୯ଟାରେ ପୂଜକ ମନ୍ଦିରରେ ତାଲା ପକାଇ ଘରକୁ ଯିବାପରେ କେହି ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ହନୁମାନଙ୍କ ରୂପା ମୁକୁଟ, ସୁନାର ଚିତା, ଆଖି, ଲକେଟ, ପିତଳ ହଣ୍ଡା ଓ ଠାକୁରଙ୍କ ବ୍ୟବହାର୍ଯ୍ୟ ଜିନିଷ ଲୁଟି ନେଇଛି। ଏ ସଂକ୍ରାନ୍ତରେ ମନ୍ଦିର କମିଟି ସଭାପତି ଅମୀୟ ବେଉରିଆ ବରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପଚରାଉଚରା କରିଥିବା ଜଣାପଡ଼ିଛି।

### ସୁକିନ୍ଦା ପ୍ରିମିୟର ଲିଗ୍ ଆରମ୍ଭ

## ଉଦ୍‌ଘାଟନୀ ମ୍ୟାଚ୍‌ରେ ଗୋଲ୍ଡେନ ଏରା ବିଜୟୀ



**ସୁକିନ୍ଦା, ୧୩।୧୨(ସମିସ):** ୧୭ତମ ସୁକିନ୍ଦା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଯାଜପୁର ଜିଲ୍ଲାର ଅନ୍ୟତମ ସର୍ବପୁରାତନ ହାଇସ୍କୁଲ ଜଗନ୍ନାଥ ହାଇସ୍କୁଲର ୧୯୮୮ ମସିହା ମ୍ୟାଟ୍ରିକ ବ୍ୟାଚ୍‌ରୁ ୨୦୦୮ ମ୍ୟାଟ୍ରିକ ବ୍ୟାଚ୍ ପର୍ଯ୍ୟନ୍ତ ୨୦ଟି ବ୍ୟାଚ୍‌କୁ ନେଇ ଅନୁଷ୍ଠିତ ହେଉଥିବା ସୁକିନ୍ଦା ପ୍ରିମିୟର ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚରେ ଟସ୍ ଜିତି ସୁକିନ୍ଦା ପ୍ରେସ୍ କ୍ଲବ୍ ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ସୁକିନ୍ଦାର ବହୁ ପ୍ରତିଷ୍ଠିତ ପୁରାତନ ଖେଳାଳିଙ୍କୁ ନେଇ ଗଠିତ ଗୋଲ୍ଡେନ ଏରା କ୍ରିକେଟ ଟିମ ପ୍ରଥମେ ବ୍ୟାଟିଂ କରି ୩ ୱିକେଟ ହରାଇ ୧୦୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଜୟ ଦ୍ୱିବେଦୀ ୨୩ ବଲରେ ୪୩ ରନ୍ ଓ ଚପଳେନ୍ଦ୍ର ବେହୁରା ୨୮ ବଲରେ ୩୨ ରନ ସଂଗ୍ରହ କରିଥିଲେ। ସୁକିନ୍ଦା ପ୍ରେସ କ୍ଲବ ନିର୍ଦ୍ଧାରତି ଓଭରରେ ୩ ଗୋଟି ୱିକେଟ ହରାଇ ମୋଟ ୮୧ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଉଦ୍‌ଘାଟନୀ ମ୍ୟାଚରେ ଗୋଲ୍ଡେନ ଏରା ୨୬ ରନରେ ବିଜୟ ହାସଲ କରିଥିଲା।

ଉଦ୍‌ଘାଟନୀ ଉତ୍ସବରେ ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଓ ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସୁକିନ୍ଦା ରାଜା ସାହେବ ଭୁଦେବ ଭୂପତି ହରିଚନ୍ଦନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ପରାସ୍ତ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଉତ୍ସବରେ ସୁକିନ୍ଦା ପ୍ରେସ୍ କ୍ଲବର ସଭାପତି ବିଶ୍ୱଜିତ ନାୟକ, ସମ୍ପାଦକ ନୀଳମାଧବ ନାୟକ, କ୍ରୀଡାବିତ ଅଜୟ କୁମାର ବେହୁରା, ଦୁଃଖବନ୍ଧ ଓଝା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିଜେନ୍ଦ୍ର ଘୋଷ ଓ ଦେବାଶିଷ ମହାପାତ୍ର ଖେଳ ପରିଚାଳନା କରିଥିଲେ। ସୁକିନ୍ଦା ଜଗନ୍ନାଥ ହାଇସ୍କୁଲର ୧୯୯୬ ମ୍ୟାଟ୍ରିକ ବ୍ୟାଚ ଚଳିତ ଟୁର୍ଣ୍ଣାମେଣ୍ଟ ପରିଚାଳନା ଦାୟିତ୍ୱ ନେଇଛନ୍ତି।

### ମୂଳନିବାସୀ ୟୁନାଇଟେଡ୍ ଫୋରମ୍‌ର ଦାବି

## ଆଗେ ଥଇଥାନ; ପରେ ପ୍ରକଳ୍ପ କରୁ ରେଳବାଇ

**ବ୍ୟାସନଗର, ୧୩।୧୨(ସମିସ)**



ଯାଜପୁର ଜିଲ୍ଲା ବ୍ୟାସନଗର ମ୍ୟୁନିସିପାଲିଟି ଆଦିବାସୀ ବସ୍ତିକୁ ରେଳବାଇ ଓ ପ୍ରଶାସନ ଥଇଥାନ ନ କରି ବିସ୍ଥାପନ କରିବାକୁ ମୂଳନିବାସୀ ୟୁନାଇଟେଡ଼ ଫୋରମ ବିରୋଧ କରିଛି। ୮୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ବ୍ୟାସନଗର ତହସିଲ ଅଧୀନ ମୁଣ୍ଡମାଳ ମୌଜା ଚୂନଭାଟି

**ଥଇଥାନ ନକରି ବିସ୍ଥାପନ କଲେ ପରିସ୍ଥିତି ଭୟଙ୍କର ହେବ**

ପ୍ଲଟରେ ପଦ୍ମପୁର, ଦଳା ସମେତ ଅନେକ ଜାଗାରେ ଆଦିବାସୀ ଏହି ଅନାବାଦୀ ଓ ଝାଟି ଜଙ୍ଗଲ କିସମରେ ରହିଆସୁଥିଲେ। ଏହି ଜାଗା ଉପରେ ୪ ଶହରୁ ଊର୍ଦ୍ଧ୍ୱ ପରିବାର ଭୂମିହୀନ ହୋଇ ରହୁଥିବାବେଳେ ସରକାର ସେମାନଙ୍କୁ ଜମିପଟ୍ଟା କିମ୍ବା ବାସଗୃହ ପ୍ରଦାନ କରିନାହାନ୍ତି। ଏହି ଅଞ୍ଚଳରେ କିନ୍ତୁ ସରକାରଙ୍କ ପ୍ରୋତ୍ସାହନରେ ବିଦ୍ୟୁତ୍, ପାଣି, ରାସ୍ତା, ଅଙ୍ଗନବାଡି ସବୁ ଦିଆଯାଇଛି। ଏପରିକି ଆଦିବାସୀମାନେ ପୂର୍ବରୁ ଏହି ଜମି ଉପରେ ପାଉତି ମଧ୍ୟ କାଟୁଥିଲେ। ଘର ଗଣନା ଓ ଜନଗଣନା ସହ ରାସନ କାର୍ଡ ଏହି ଠିକଣାରେ ମଧ୍ୟ ହୋଇଛି। କିନ୍ତୁ ରେଳବାଇ ବିଭାଗ ଏହି ସ୍ଥାନ ଅଧିଗ୍ରହଣ ବେଳେ ଏମାନଙ୍କୁ ଚତୁରତା ସହ ଷଡ଼ଯନ୍ତ୍ର କରି ଝୁମ୍ପୁଡ଼ି ଦର୍ଶାଇଛି। ପ୍ରକୃତ ପକ୍ଷେ ଏଠାରେ ବହୁ ବାସଗୃହ ଅଛି। ରେଳବାଇ କର୍ତ୍ତୃପକ୍ଷ ଓଭରବ୍ରିଜ୍ ସହ ଅନ୍ୟ ଦଖଲ ପାଇଁ ନୋଟିସ କରିବା ପରେ ଆଦିବାସୀ ବସ୍ତିରେ ଆତଙ୍କ ଖେଳିଯାଇଛି। ସେମାନେ ଜିଲ୍ଲା ପ୍ରଶାସନକୁ ୨ ମାସ ପୂର୍ବରୁ ଦରଖାସ୍ତ କରି ଆଗେ ଥଇଥାନ ପରେ ବିସ୍ଥାପନ ପାଇଁ ଗୁହାରି କରିଥିଲେ। ମାତ୍ର ପ୍ରଶାସନ ଏଥିରେ ଗୁରୁତ୍ୱ ନ ଦେଇ ଏବେ ଶୀତ ଦିନ ସମୟରେ ଅଚାନକ ଉଚ୍ଛେଦ ନୋଟିସ କରିଛି। ଏହାପରେ ଅସନ୍ତୁଷ୍ଟ ଆଦିବାସୀ ମୂଳନୀବାସୀ ୟୁନାଇଟେଡ଼ ଫୋରମ ଜରିଆରେ ମେଳି ହୋଇ ଜିଲ୍ଲାପାଳଙ୍କ ଅଫିସ ଆଗରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ୟୁନାଇଟେଡ଼ ଫୋରମର ରାଜ୍ୟ କମିଟି ସଭ୍ୟ ପ୍ରତାପ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ଅଧକ୍ଷ ମନୋରଞ୍ଜନ ଜେନା, ଜିଲ୍ଲା ଉପସଭାପତି ସହଦେବ ଜେନା, ଆମ୍ବେଦକର ଫାଉଣ୍ଡେସନ ଧର୍ମଶାଳା ସଭାପତି ସୁରେନ୍ଦ୍ର ମଲ୍ଲିକ, ଉପଦେଷ୍ଟା କାର୍ତ୍ତିକ ମଲ୍ଲିକ, ଆଦିବାସୀ ବସ୍ତି ସଭାପତି ମାଣିକ ଗାଗରାଇ, ବାବୁ ଜେନା ପ୍ରମୁଖ ଉପସ୍ଥିତ ହୋଇ ସରକାର ତୁରନ୍ତ ଆଗେ ଥଇଥାନ ପରେ ବିସ୍ଥାପନ ପାଇଁ ନିବେଦନ କରିଛନ୍ତି। ଅନ୍ୟଥା ଆଦିବାସୀ କର୍ମକର୍ତ୍ତା କଟର୍ଣ୍ଣା ଟୁଡୁ, ବଲବଲ ସିଂହ ଲାଗୁରି, ଦିଲ୍ଲୀପ ପିଙ୍ଗୁଆ, ରାମା ମୁନ୍ଦୁୟା, ଗୁରୁ ସାମଡ଼େ, ଜାଗା ହେମ୍ବ୍ରମ, ବୀରେନ୍ଦ୍ର ସୁରି, ଦାଡୁ ପିଙ୍ଗୁଆ, କାନ୍ଦ୍ରା କିସ୍କୁ ଓ ମାୟାଧର ଗବରଇ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଛନ୍ତି।

# ଚଳନ୍ତା ହାଇୱାରେ ଲାଗିଗଲା ନିଆଁ

● ଅଳ୍ପକେ ବର୍ତ୍ତିଲେ ଚାଳକ



**ବଡ଼ଚଣା, ୧୩।୧୨(ସମିସ):** ଆଜି ଏକ ଚଳନ୍ତା ହାଇୱା ଗାଡ଼ିରେ ହଠାତ ନିଆଁ ଲାଗିଯିବାରୁ ଏହାର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ତେବେ ଏଭଳି ଏକ ବିପଦରୁ ହାଇୱା ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏଭଳି ଘଟଣା ଆଜି ଦିନ ୧୦ଟାରେ ୫୩ ନମ୍ବର ଜାତୀୟ ରାଜପଥର ବେଣାପୁର ନିକଟବର୍ତ୍ତୀ ଅଞ୍ଚଳରେ ଘଟିଥିଲା। ଏହି ହାଇୱା ଗାଡ଼ି ପାରାଦୀପ ଅଭିମୁଖେ ଯାଉଥିବାବେଳେ ଏଠାରେ ନିଆଁ ଲାଗିଯାଇଥିଲା। ଏହା ଦେଖି ଚାଳକ ଗାଡିରୁ ବାହାରି ଆସିଥିଲେ। ପରେ ଚଣ୍ଡିଖୋଲ ଦମକଳ ବାହିନୀ ଘଟଣାସ୍ଥଳକୁ ଆସି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଗାଡ଼ିଟି ସମ୍ପୂର୍ଣ୍ଣ ପୋଡିଯାଇଥିଲା।

# ଦମ୍ପତିଙ୍କଠାରୁ ଅଳଙ୍କାର ଲୁଟ୍

**କୁଆଖିଆ, ୧୩।୧୨(ସମିସ):** କୁଆଖିଆ ଥାନା ଅନ୍ତର୍ଗତ କୁଆଖିଆ-ଯାବରା ରାସ୍ତାରେ ଏବେ ଦୁର୍ବୃତ୍ତଙ୍କ ପାଦୁର୍ଭାବ ବଢ଼ିବାରେ ଲାଗିଛି। ଗୁରୁବାର ଭୋର ୪ଟା ସମୟରେ ଏହି ଥାନା ଅଞ୍ଚଳର ବଡ଼କଇଁଚି ନାଉପାଳ ଗ୍ରାମର ବୈଷ୍ଣବ ସ୍ୱାଇଁଙ୍କ ପୁଅ ସୁବାସ ସ୍ୱାଇଁ ତାଙ୍କ ବନ୍ଧୁ ଘର ବିବାହ ଭୋଜିରେ ଯୋଗଦେଇ ସ୍ତ୍ରୀ ଇନ୍ଦୁମତୀ ସ୍ୱାଇଁ ଓ ପିଲାଙ୍କୁ ଧରି ବାଇକ୍ ଯୋଗେ ଫେରୁଥିବାବେଳେ କୃଷ୍ଣପଡ଼ା ନିକଟସ୍ଥ କୋରକରା ଛକ ନିକଟରେ ଦୁଇଜଣ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇ ଥିଲେ। ବାଇକ୍ ଅଟକିବା ପରେ ଦୁର୍ବୃତ୍ତମାନେ ସେମାନଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସୁବାସଙ୍କ ସ୍ତ୍ରୀ ଇନ୍ଦୁମତୀ ପିନ୍ଧିଥିବା ହାର, ମଙ୍ଗଳସୂତ୍ର, ଚେନ୍ ଓ ହାତର ଚୁଡି ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ସୁବାସ କୁଆଖିଆ ଥାନାରେ ଏତଲା ଦେଇଥିବାବେଳେ ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ନିୟମିତ ହେଲେ ୫୮ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ

**ବଡ଼ଚଣା, ୧୩।୧୨(ସମିସ):** ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରେ ଦୀର୍ଘ ୬ ବର୍ଷ ଧରି କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ୫୮ ଜଣଙ୍କୁ ଆଜି ନିୟମିତ କରାଯାଇଛି। ବ୍ଲକ୍ ଶିକ୍ଷାମଣ୍ଡଳ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷା ଅଧିକାରିଣୀ ସବିତା ସାହୁ ଯୋଗଦେଇ ୫୮ ଜଣ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିୟମିତପତ୍ର ବଣ୍ଟନ କରିଥିଲେ। ଏବିଇଓ ଦେବାଶିଷ ମଲ୍ଲିକ, ଆର୍ତ୍ତତ୍ରାଣ ପୃଷ୍ଟି, କନିଷ୍ଠ ଶିକ୍ଷକ ସଂଘ ସଭାପତି ସୋମନାଥ ସାହୁ, ବଡ଼ଚଣା ବ୍ଲକ ଶିକ୍ଷକ ସଂଘ ସଭାପତି ସନ୍ତୋଷ ଜେନା ଓ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ୫୮ ଜଣ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ୫୫ ଜଣ ଶିକ୍ଷୟିତ୍ରୀ ଅଛନ୍ତି।

# ଯାଜପୁର ଜିଲ୍ଲା ହାଇସ୍କୁଲ ପରିସରରେ ଗୀତା ଜୟନ୍ତୀ

**ଯାଜପୁର, ୧୩।୧୨ (ସମିସ):** ଯାଜପୁର ଜିଲ୍ଲା ହାଇସ୍କୁଲ ପରିସରରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ହାଇସ୍କୁଲର ପ୍ରାକ୍ତନ ସଂସ୍କୃତ ଶିକ୍ଷକ ବିଜୟଭୂଷଣ ନନ୍ଦଙ୍କ ସଂଯୋଜନାରେ ପ୍ରଧାନଶିକ୍ଷକ ଆଲୋକ ବନ୍ଧ ଏହାର ଉଦ୍‌ଘାଟନ କରିଥିଲେ। ପଣ୍ଡିତ ଭୂପତିଭୂଷଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମଣିଷ ଜୀବନରେ ଗୀତା ପାଠ କରିବା ନିତ୍ୟାନ୍ତ ଜରୁରୀ। ଯଦ୍ୱାରା ଜୀବନର ଗତି ଓ ପ୍ରବୃତ୍ତିକୁ ବଦଳାଇବା



ସହିତ ମଣିଷ ଜୀବନର ସମସ୍ତ ପ୍ରକାର ସମସ୍ୟାକୁ ସମାଧାନ କରିଥାଏ। ଏଣୁ ସମସ୍ତ ଛାତ୍ରୀ ଛାତ୍ରୀ ହୁଅନ୍ତୁ ବା ଜନସମାଜ ହୁଅନ୍ତୁ ସମସ୍ତେ ଗୀତା ପାଠ କରିବା ଜରୁରୀ ବୋଲି କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସମାଜସେବୀ ନାରାୟଣ ଚନ୍ଦ୍ର ସାମନ୍ତ, ଅନନ୍ୟାର ସଭାପତି ସନ୍ତୋଷ ନନ୍ଦ, ଶିକ୍ଷକ ସୌମ୍ୟରଞ୍ଜନ ମହାପାତ୍ର, ରାଧାରମଣ ମହାରଣା, ବାସୁଦେବ ସେନାପତି, ନିବେଦିତା ସାମଲ, ଜୈରୁଦ୍ଦିନ ଖାନ, ସୌମ୍ୟରଞ୍ଜନ ନାୟକ, ସମାଜସେବୀ ସୁବାସ ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପଢ଼ିବା ସହିତ ଗୀତା ଅଧ୍ୟୟନର ଉପକାରିତା ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତା ପାଠ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ୧୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଗୀତା ପୁସ୍ତକ ପ୍ରଦାନ କରାଯାଇଥିବାବେଳେ ପଣ୍ଡିତ ଶ୍ରୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

● ଆଗକୁ ବରୁଣେଶ୍ୱର ମକର ମେଳା

# ଜାଗା ଦଲାଲ୍‌ଙ୍କୁ ରୋକିପାରିବ ତ ପ୍ରଶାସନ?

**ବିଞ୍ଝାରପୁର,୧୩।୧୨(ସମିସ)**

ଯାଜପୁର ଜିଲ୍ଲାର ପ୍ରସିଦ୍ଧ ଶୈବ କ୍ଷେତ୍ର ବିଞ୍ଝାରପୁର ଅରେଇସ୍ଥ ବାବା ବରୁଣେଶ୍ୱରଙ୍କ ପୀଠରେ ପ୍ରତିବର୍ଷ ପରି ଆସନ୍ତା ଜାନୁଆରୀ ୧୪ରୁ ୨୨ ତାରିଖ ପର୍ଯ୍ୟନ୍ତ ମକର ବା ବରୁଣେଶ୍ୱର ମେଳା ଅନୁଷ୍ଠିତ ହେବାକୁ ଯାଉଛି। ୨୦୨୫ ବର୍ଷ ମକର ମେଳାକୁ ନେଇ ଆସନ୍ତା ୧୭ ତାରିଖରେ ପଞ୍ଚାୟତ ଓ ପ୍ରଶାସନକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ଏହି ମେଳାରେ ପ୍ରତିବର୍ଷ ହଜାର ହଜାର ଦୋକାନ ପଡୁଥିବାବେଳେ ଏଠାରେ ଦୋକାନୀଙ୍କୁ ଦିଆଯାଉଥିବା ଜାଗା ଚଞ୍ଚକତା କରାଯାଉଥିବା ଅଭିଯୋଗ ହେଉଛି। ଏହି ମେଳାକୁ ଦୂରଦୂରାନ୍ତରୁ ବହୁ ଦୋକାନୀ ଆସିଥା'ନ୍ତି।

ପଞ୍ଚାୟତ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଦୋକାନ କରିବା ପାଇଁ ସ୍ଥାନ ପ୍ରଦାନ କରାଯାଇଥାଏ। କିନ୍ତୁ କିଛି ଅସାଧୁ ବ୍ୟକ୍ତି ପଞ୍ଚାୟତଠାରୁ ନିଜ ନାମରେ ବିବିଧ ରସିଦ୍ ସଂଗ୍ରହ କରି ଦୋକାନ ନ କରି ଉକ୍ତ ସ୍ଥାନକୁ ଚଢ଼ା ଦାମରେ ବିକ୍ରି କରିଥା'ନ୍ତି। ଫଳରେ ଜାଗା କଳାବଜାରୀ କରି ମାଲାମାଲ ହେଉଥିବା ବ୍ୟକ୍ତି ବିଶେଷଙ୍କ କୁଚକ୍ରାନ୍ତରେ ପଡ଼ି ଦୋକାନୀ ଜଣଙ୍କ ଦଲାଲଙ୍କଠାରୁ



କିଣିଥିବା ଜାଗାର ଅର୍ଥ ପ୍ରଦାନ କରିବାକୁ ସକ୍ଷମ ହୋଇପାରି ନ ଥାଏ। ଶେଷରେ ଦଲାଲଙ୍କଠାରୁ ମାଡ ଖାଇବାକୁ ପଡ଼ିଥାଏ। ଦୋକାନୀଙ୍କୁ ଏଭଳି ଲୁଟ୍ କରାଯାଉଥିବାରୁ ମେଳାକୁ ଭଲ ଭଲ ଦୋକାନ ଆସିବାକୁ ଅମଙ୍ଗ ହେଉଛନ୍ତି। ଏହି ବରୁଣେଶ୍ୱର ମକର ମେଳା ବିଞ୍ଝାରପୁର ମାଟି ପାଇଁ ଗର୍ବ ଓ ଗୌରବ ସାଙ୍ଗକୁ ରାଜ୍ୟ ମାନଚିତ୍ରରେ ମଧ୍ୟ ସ୍ଥାନ ପାଇବାକୁ ବସିଛି। କିନ୍ତୁ ମେଳା ପଡ଼ିଆରେ ଜାଗା ପାଇଁ ଯଦି ଏପରି କଳାବଜାରୀ ଚାଲେ, ତେବେ ଦିନେ ନା ଦିନେ ଏହା ଉଗ୍ରରୂପ ଧାରଣ କରିବାର ସମ୍ଭାବନା ମଧ୍ୟ ରହିଛି। ଚଳିତ ବର୍ଷ ମକର ମେଳାରେ ମେଳା ପଡ଼ିଆର ଦୋକାନ ଓ ଷ୍ଟଲ୍ ମାଲିକ ଯେପରି ଦଲାଲଙ୍କ ଦ୍ୱାରା ଶିକାର ନ ହେବେ, ସେଥିପ୍ରତି ପ୍ରଶାସନିକ ଅଧିକାରୀ ଓ ପଞ୍ଚାୟତ ପ୍ରଶାସନ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରୁଛନ୍ତି।

# ଚାନ୍ଦା ଆଦାୟ ଓ ଆକ୍ରମଣ ଘଟଣାରେ ଜଣେ ଗିରଫ

**ପାଣିକୋଇଲି, ୧୩।୧୨(ସମିସ)**



ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତର ପଳସାଠାରେ ୯ ତାରିଖ ରାତିରେ ମାଧପୁରସ୍ଥ ମା' ସୁବର୍ଣ୍ଣମୁଖି ଟ୍ରକ୍ ଓ ଟିପର ଆସୋସିଏସନର ଉପସଭାପତି ମାନସ ଧଳଙ୍କ ଉପରେ ଚାନ୍ଦା ଆଦାୟକାରୀଙ୍କ ଆକ୍ରମଣ ଘଟଣାରେ ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। କୋରେଇ ଓ ପାଣିକୋଇଲି ଥାନା ଅଞ୍ଚଳରେ ଚାଲିଥିବା ବାଲିଗାଡ଼ିରୁ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ବେଆଇନ ଚାନ୍ଦା ଆଦାୟ କରାଯାଉଛି। ଏ ନେଇ ମା' ସୁବର୍ଣ୍ଣମୁଖି ଟ୍ରକ୍ ଓ ଟିପର ଓନର୍ସ ଆସୋସିଏସନ ନିକଟରେ ଚାଳକ ଅଭିଯୋଗ କରିଥିଲେ। ଆସୋସିଏସନ ପକ୍ଷରୁ ଉପସଭାପତି ମାନସ ଧଳଙ୍କ ନେତୃତ୍ୱରେ ଲକ୍ଷ୍ମୀଧର ଜେନା, ସୁକାନ୍ତ ଧଳ ପ୍ରମୁଖ ଟ୍ରକ ମାଲିକ କାର୍ ଯୋଗେ ଷଠିପୁରରୁ ବରୁଣ୍ଡାଇ ଯାଉଥିଲେ। ପଳସା ଛକରେ ପଳସା ଗ୍ରାମର ରମାକାନ୍ତ ବାରିକ, ଅମରେନ୍ଦ୍ର ବାରିକ, କାହ୍ନୁ ସାହୁ, ଅବିନାଶ ବାରିକ, ହରେକୃଷ୍ଣ ସାହୁ, ମୁନା ଶିଅଳ, କାଳିଆ ଭୁଇ, ପଙ୍କଜ ମହାପାତ୍ର, ପ୍ରଦୀପ ମହାପାତ୍ର, ପବିତ୍ର ସେଠୀ, ଶରତ ଖଣ୍ଡାଇ, ସୌରଭ ସାହୁ, ସତ୍ୟବ୍ରତ ପଣ୍ଡାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ମାରଣାସ୍ତ୍ର ଧରି ଗାଡ଼ିକୁ ଅଟକାଇ ହଠାତ୍ ଆକ୍ରମଣ କରିଥିଲେ। ମାନସ ଧଳଙ୍କ ମୁଣ୍ଡରେ ଗଭୀର କ୍ଷତ ହେବା ସହ ଅନ୍ୟମାନଙ୍କୁ ମାଡ ମାରି ନଗଦ ଅର୍ଥ ଓ ସୁନା ଚେନ ଛଡାଇନେଇଥିଲେ। ଏ ନେଇ ମାନସଙ୍କ ସମେତ ସୁବର୍ଣ୍ଣମୁଖି ଟ୍ରକ ଓନର୍ସ ଆସୋସିସନ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଥିଲା। ପୁଲିସ କାହାକୁ ଗିରଫ ନ କରିବାରୁ ସଂଘ ପକ୍ଷରୁ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଧାରଣା ଦିଆଯିବାକୁ ନିଷ୍ପତ୍ତି ଆଯାଇଥିଲା। ତେବେ ଗୁରୁବାର ବିଳମ୍ବିତ ରାତିରେ ଅଭିଯୁକ୍ତ ପଙ୍କଜ ମହାପାତ୍ର ଅମୃତିଆ ଗ୍ରାମରେ ସମ୍ପର୍କୀୟଙ୍କ ଘରେ ଲୁଚିଥିବା ଜାଣି ପୁଲିସ ପଙ୍କଜକୁ ଉଠାଇ ଆଣିଥିଲା। ଶୁକ୍ରବାର ତାକୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ବିଶ୍ୱରଞ୍ଜନ ଦାସ ଜଣାଇଛନ୍ତି।

● ଜନିନ୍ଦାପାଳ-ବଳି ପର୍ବତ ରାସ୍ତା

# ଭାରୀଯାନ ଚଳାଚଳ ଯୋଗୁଁ ଧୂଳିଧୂଆଁରେ ଲୋକେ ଅତିଷ୍ଠ

**ଟମକା, ୧୩।୧୨(ସମିସ):** ସ୍ଥାନୀୟ ଥାନା ଅନ୍ତର୍ଗତ ଜନିନ୍ଦାପାଳ ଛକରୁ ବଳି ପର୍ବତ ପର୍ଯ୍ୟନ୍ତ ରାସ୍ତାରେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଟିପର, ହାଇୱା ଗାଡ଼ି ଯାତାୟାତ କରୁଛି। ଦୈତାରୀ ଲୁହାପଥର ଖଣିରୁ ମାଲ୍ ବୋଝେଇ କରି ବ୍ରାହ୍ମଣୀପାଳ ବଜାର ଦେଇ ଯାତାୟାତ କରୁଛି। ଏଥିସହିତ ଟାଟା ଷ୍ଟିଲ୍ ବ୍ରାହ୍ମଣୀପାଳ ପ୍ଲାଣ୍ଟକୁ କ୍ରୋମାଇଟ୍, କୋଇଲା ପରିବହନ ହେଉଥିବାବେଳେ ଉକ୍ତ ପ୍ଲାଣ୍ଟରୁ ଚାର୍ଜକ୍ରୋମ, ସ୍ଲାଗ ଇତ୍ୟାଦି



ବାହାରକୁ ପ୍ରତିଦିନ ଯାଇଥାଏ। ପରିତାପର ବିଷୟ ଏହି ରାସ୍ତାରେ ପାଣି ସଠିକ୍ ଭାବରେ ସିଞ୍ଚନ ହେଉ ନ ଥିବାରୁ ସ୍ଥାନୀୟ ଜନସାଧାରଣ ଧୂଳିଧୂଆଁରେ ଅତିଷ୍ଠ ହୋଇପଡୁଛନ୍ତି। ଏଥିଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ହୋଟେଲ, ଜଳଖିଆ ଦୋକାନରେ ଲୋକେ ଖାଇବାକୁ ଇଚ୍ଛା କରୁନାହାନ୍ତି। ଲୋକେ ବିଭିନ୍ନ ରୋଗରେ ପଡୁଛନ୍ତି। ତୁରନ୍ତ ଏହାର ସ୍ଥାୟୀ ସମାଧାନ କରିବାକୁ ପ୍ରଶାସନ ନିକଟରେ ସାଧାରଣ ଲୋକ ଦାବି କରିଛନ୍ତି।

# ସେତୁ ନିର୍ମାଣରେ ବିଳମ୍ବକୁ ନେଇ ଅସନ୍ତୋଷ




**ବିଂଝାରପୁର, ୧୩।୧୨(ସମିସ):** ବିଞ୍ଝାରପୁର-ବରୀ ସଂଯୋଗୀକରଣରେ ବାଧକ ସାଜିଛି ପଣ୍ଡୁଆ ସେତୁ। ଅଧାରେ ଅଟକିଥିବା ସେତୁ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଧୋୟା ଅଞ୍ଚଳବାସୀ। ୧୮ କୋଟି ଟଙ୍କାରେ ଆରମ୍ଭ ହୋଇଥିବା ସେତୁ ବର୍ତ୍ତମାନ ୫୨ କୋଟି ଟଙ୍କାରେ ପହଞ୍ଚିଥିଲେ ସୁଦ୍ଧା ତଥାପି ସରିପାରୁନି। ତେବେ ଏହି ସେତୁ କାମ ଶୀଘ୍ର ଶେଷ କରାଯିବାକୁ ଦାବି ହେଉଛି। ବିଞ୍ଝାରପୁରରୁ ବରୀକୁ ସଂଯୋଗ କରିବା ପାଇଁ ଡିଅବାରିଙ୍ଗିଠାରେ ନିର୍ମାଣଧୀନ ପୋଲର କାର୍ଯ୍ୟ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ ହୋଇପାରିନାହିଁ। ଯାହାକୁ ପ୍ରତିବାଦ କରି ଆଜି ପ୍ରାୟ ୧୫ଟି ପଞ୍ଚାୟତର ଲୋକମାନେ ଏହା ବିରୁଦ୍ଧରେ ଆନ୍ଦୋଳନ କରିବା ସହ ଯଥାଶୀଘ୍ର ଏହି ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଦାବି କରିଛନ୍ତି। ଯଦି ଆସନ୍ତା ଏକମାସ ମଧ୍ୟରେ ଏହି କାର୍ଯ୍ୟ ସମାପ୍ତ କରିବାରେ ସରକାର ଅସଫଳ ହେବେ, ତେବେ ଏହି ଆନ୍ଦୋଳନ ଅଧିକ ତୀବ୍ରତର ହେବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନି ଦେଇଛନ୍ତି ସ୍ଥାନୀୟ ଅଞ୍ଚଳବାସୀ।

# ଛବୀନ୍ଦ୍ର ନାୟକ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି

**ଜେନାପୁର, ୧୩।୧୨(ସମିସ)**

ଧର୍ମଶାଳା ନିର୍ବାଚନମଣ୍ଡଳୀର ୫୪ଟି ପଞ୍ଚାୟତରେ ଛବିନ୍ଦ୍ର ନାୟକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାକୁ ଯାଉଥିବା ସାମ୍ବାଦିକ ସମ୍ମିଳନୀ ଟ୍ରଷ୍ଟ ସଭାପତି ଓ ସମ୍ପାଦକ ସୂଚନା ଦେଇଛନ୍ତି। ଟ୍ରଷ୍ଟ ପକ୍ଷରୁ ଅନେକ ସମୟରେ ସେବାମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି।



ଅସହାୟ ଲୋକଙ୍କ ଅସମୟରେ ପହଞ୍ଚି ପାରିଛି ଟ୍ରଷ୍ଟ। କ୍ରୀଡ଼ା ପ୍ରତି ଯୁବବର୍ଗଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ଟ୍ରଷ୍ଟ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ସଭାପତି ପ୍ରଭାସ କୁମାର ନାୟକ ଓ ସମ୍ପାଦକ ରାକେଶ କୁମାର ନାୟକ କହିଛନ୍ତି। ସାମ୍ପ୍ରତିକ ସମୟରେ କ୍ରୀଡ଼ା ପ୍ରତି ଯୁବବର୍ଗ ବିମୁଖ ହେଉଥିବାରୁ କିପରି କ୍ରୀଡ଼ା ପ୍ରତି ସେମାନଙ୍କର ଆଗ୍ରହ ସୃଷ୍ଟି ହୋଇପାରିବ, ସେଥିପାଇଁ ନିର୍ବାଚନମଣ୍ଡଳୀର ୫୪ଟି ପଞ୍ଚାୟତରେ କ୍ରୀଡ଼ାର ପ୍ରଚାର ପ୍ରସାର କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଯୁବବର୍ଗ ଅନେକ ସମୟ ଏବେ ମୋବାଇଲରେ ବିତାଉ ଥିବାବେଳେ ଏହି ଟୁର୍ଣ୍ଣାମେଣ୍ଟେ ସେମାନଙ୍କ ମଧ୍ୟରେ ଖେଳ ଭାବନା ଜାଗ୍ରତ କରିବା ଟ୍ରଷ୍ଟର ଲକ୍ଷ୍ୟ ବୋଲି କହିଛନ୍ତି। ଏଥିସହିତ ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭାଙ୍କୁ ଚିହ୍ନଟ କରି ପ୍ରୋତ୍ସାହିତ କରାଯିବ। ବିଭିନ୍ନ ପୁରସ୍କାର ସହିତ ସେମିଫାଇନାଲ ଓ ଫାଇନାଲରେ ଯୋଗ୍ୟ ଦଳକୁ ପୁରସ୍କୃତ କରାଯିବାକୁ ଥିବାବେଳେ ଆଇସିସିର ସମସ୍ତ ନିୟମାବଳୀ ଆଧାରରେ ଟୁର୍ଣ୍ଣାମେଣ୍ଟ କରାଯିବ ବୋଲି କୁହାଯାଇଛି।

# ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ନୂଆ ଶାଖା ପରିଚାଳକଙ୍କ ଯୋଗଦାନ



**କବାଟବନ୍ଧ,୧୩।୧୨(ସମିସ):** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁରଠାରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍ ଶାଖାରେ ନୂତନ ଶାଖା ପରିଚାଳକ ଭାବେ ବିଶ୍ୱଜିତ୍ ନାୟକ ଯୋଗ ଦେଇଛନ୍ତି। ଶ୍ରୀ ନାୟକ ପୂର୍ବରୁ କୋରେଇ ଶାଖାରେ କାର୍ଯ୍ୟରତ ଥିଲେ। ଜେନାପୁର ଶାଖା ପକ୍ଷରୁ ଶ୍ରୀ ନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଛି। ପୂର୍ବରୁ ଜେନାପୁର ଶାଖାରେ ପରିଚାଳିକା ଭାବେ ପ୍ରାଚୀପ୍ରଜ୍ଞା ପିଙ୍ଗ୍ କାର୍ଯ୍ୟ କରୁଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଶାଖା ପରିଚାଳକ ସାଗର ମହାରଣା, କୋଷାଧ୍ୟକ୍ଷ ସୌରଭ ମଣ୍ଡଳ, ବିଚିତ୍ର ଭଦ୍ର, ନିଷ୍କାନ୍ତ ଖଟୁଆ, ମାନସ ପ୍ରଧାନ, ପ୍ରତୀମା କବି ପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ ଯୁବ ଉତ୍ସବ

# 'ଯୁବ ଶକ୍ତି ଦେଶର ଭବିଷ୍ୟତ'

**ଯାଜପୁର, ୧୩।୧୨(ସମିସ)**



ଯାଜପୁର ଜିଲ୍ଲା ପ୍ରଶାସନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡ଼ିୟମ ଓ ଜିଲ୍ଲା ସ୍କୁଲରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଲୋକ ନୃତ୍ୟ, ଲୋକ ଗୀତ, ଔପଚାରିକ ବକ୍ତୃତା, ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ଲିଖନ ଇତ୍ୟାଦି ବିଭାଗରେ ପ୍ରତିଯୋଗିତା ସମ୍ପନ୍ନ ହୋଇଛି। ଏହି ଯୁବ ଉତ୍ସବରେ ଜିଲ୍ଲାର ୧୫ରୁ ୨୯ ବର୍ଷୀୟ ଯୁବକ/ଯୁବତୀ ଅଂଶଗ୍ରହଣ କରିଥିଲେ। ଦିବା ୧୦ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର କୁମାର ସାମଲ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ଯୁବ ଉତ୍ସବ ଉଦଘାଟିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଯୁବ ଶକ୍ତି ହେଲେ ଦେଶର ଭବିଷ୍ୟତ। ଯୁବ ଉତ୍ସବ ମାଧ୍ୟମରେ ଯୁବକ/ଯୁବତୀଙ୍କ ପ୍ରତିଭାର ବିକଶିତ ହୋଇପାରିବ। ଜିଲ୍ଲା ରାଜ୍ୟ ଓ ଜାତୀୟ ସ୍ତରୀୟ ଯୁବ ଉତ୍ସବରେ କୃତିତ୍ୱ ହାସଲ କରି ଯାଜପୁର ଜିଲ୍ଲାକୁ ଗୌରବାନ୍ୱିତ କରିବାକୁ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ଅଧିକାରୀ ଯୁବ ଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ଭାରତର ଯୁବଶକ୍ତି ଉପରେ ଆଲୋକପାତ କରିଥିଲେ। ଉଦଯାପନୀ ସମାରୋହରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ୧୮ ଜଣ ଏକକ ପ୍ରତିଯୋଗୀ ଓ ୨ଟି ସାଂସ୍କୃତିକ ଦଳ ଜିଲ୍ଲାରୁ ମନୋନୀତ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଉତ୍ସବ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ, ବିଚାରକ ମଣ୍ଡଳୀ, ଶିକ୍ଷକ ଶିକ୍ଷୟତ୍ରୀ ସହାୟତା କରିଥିଲେ।

# ବାଲ୍ୟବିବାହ, ଶିଶୁ ଅଧିକାର ସମ୍ପର୍କିତ ସଚେତନତା

**ଯାଜପୁର, ୧୩।୧୨(ସମିସ)**




ଯାଜପୁର ବ୍ଲକ୍ ଅର୍ନ୍ତଗତ ସୁଜନପୁରସ୍ଥ ରୁଦ୍ରଚରଣ ହାଇସ୍କୁଲରେ ବାଲ୍ୟବିବାହ ନିଷେଧ ଓ ନିୟନ୍ତ୍ରଣ ଆଇନ ୨୦୦୬ ଏବଂ ଶିଶୁ ଅଧିକାର ଓ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସୁଧାଂଶୁ ରାଉତ ଅଧ୍ୟକ୍ଷତା ଏବଂ ମୁଖ୍ୟଅତିଥି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମ୍ମାନିତ ଅତିଥି ରୂପେ ମଣ୍ଡଳ ଶିକ୍ଷାଧିକାରୀ ସ୍ମୃତିରେଖା ନାୟକ, ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ, ତତ୍ତ୍ୱାବଧାରିକା ବସବଦତ୍ତା ମିଶ୍ର, ୱାର୍ଡେନ ତୁଳସୀରାଣୀ ରାଉତ ପ୍ରମୁଖ ଯୋଗଦେଇ ଶିଶୁ ଅଧିକାର ଓ ସୁରକ୍ଷା ବିଷୟରେ କହିଥିଲେ। ମୁଖ୍ୟଅତିଥି ଶ୍ରୀ କର କହିଲେ, ପ୍ରତ୍ୟେକ ଶିଶୁର ଅଧିକାର ଓ ସୁରକ୍ଷାକୁ ସୁନିଶ୍ଚିତ କରିବା ତା'ର ପରିବାର ଓ ସମାଜର ପ୍ରଥମ ଦାୟିତ୍ୱ ଅଟେ। ସମ୍ବିଧାନ ଓ ସରକାର ଶିଶୁଙ୍କ ଯତ୍ନ, ସୁରକ୍ଷା ଓ ଥଇଥାନ ପାଇଁ ବିଶେଷ ଆଇନ ପ୍ରଣୟନ କରିଛନ୍ତି। ଏହାର ସଠିକ୍ ସଚେତନତାର ଆବଶ୍ୟକତା ରହିଛି। ପିଲାମାନେ ଦେଶର ଅମୂଲ୍ୟ ସମ୍ପଦ ଓ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀକୁ ଚିହ୍ନଟ କରିବା ଓ ସେମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଦେଲେ ଆମ ଦେଶର ଦ୍ରୁତ ବିକାଶ ସମ୍ଭବ ହୋଇପାରିବ। ଆଜିର ଦିନରେ ମଧ୍ୟ କିଛି କନ୍ୟା ସନ୍ତାନ ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ଭଳି କୁତ୍ସିତ ସାମାଜିକ ପ୍ରଥାର ଶିକାର ହେଉଛନ୍ତି, ଯାହାକି ତାଙ୍କ ଶିକ୍ଷା ଅଧିକାର ଆଇନର ଉଲ୍ଲଙ୍ଘନ ହେଉଛି। ଏହା ସମାଜ ପାଇଁ ବଡ଼ କ୍ଷତି ଅଟେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବ୍ଲକ ଶିକ୍ଷାଧିକାରୀ ସ୍ମୃତିରେଖା ନାୟକ କହିଲେ, ସରକାର ପିଲାଙ୍କ ଶିକ୍ଷାର ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପିଲାଙ୍କ ପାଠପଢ଼ାରେ ପିତାମାତାଙ୍କ ଗୁରୁଦାୟିତ୍ୱ ରହିଛି। ସ୍କୁଲ ପରିଚାଳନା କମିଟି ଏ ଦିଗରେ ମଧ୍ୟ ଯତ୍ନବାନ ଅଛି। ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ କହିଲେ, ବାଲ୍ୟବିବାହ ଶିଶୁଙ୍କ ଶିକ୍ଷାରେ ଅନ୍ତରାୟ ସୃଷ୍ଟି କରୁଛି। ଆଜିର କାର୍ଯ୍ୟକ୍ରମରେ ରୁଦ୍ରଚରଣ ହାଇସ୍କୁଲ ଓ କସ୍ତୁରବା ଆବାସିକ ବିଦ୍ୟାଳୟ ଛାତ୍ରୀ ଯୋଗଦେଇ ଶିକ୍ଷା ଅଧିକାର, ବାଲ୍ୟବିବାହ ଓ ଶିଶୁଶ୍ରମିକ ଉପରେ ଶିକ୍ଷା ଗ୍ରହଣ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ କର ବାଳିକାଙ୍କ ପକ୍‌ସୋ ଆଇନ ଉପରେ ଗୁରୁତ୍ୱାରୋପ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଦିନଟିରେ ଚିନ୍ତାଗ୍ରସ୍ତ ରହିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ନିବେଶରୁ ଦୂରେଇ ରହିବେ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଉଧାର ଧନ ଫେରିପାଇବେ। ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ। ସତ୍‌ମାର୍ଗରେ ଚାଲନ୍ତୁ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ପ୍ରସନ୍ନ ରହିବ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହି ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିପାରନ୍ତି। ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ। ଆୟ ଓ ବ୍ୟୟ ସମାନ ରହିବ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ସମାଜରେ ପ୍ରତିଷ୍ଠା ବଢ଼ିବ। ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପ୍ରତୀକ୍ଷାର ଅନ୍ତ ଘଟିବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଘରକୁ ଅତିଥିଙ୍କ ଆଗମନ ହେବ। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ପରିବାରରେ ସମୟ ବିତାଇବେ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ଉତ୍‌ଫୁଲ୍ଲିତ ରହିବେ। ସରକାରୀ କାମ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପାରିବାରିକ ବିବାଦରୁ ଦୂରେଇ ରହିବା ଭଲ।

**ଧନୁ:** ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ଗୁରୁଜନଙ୍କ ଆଦେଶ ପାଳନ କରିବେ। ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ। ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଲେଖାଲେଖି ପ୍ରତି ରୁଚି ବଢ଼ିବ। ଜମି ବିବାଦର ଅନ୍ତ ଘଟିବ। ଆୟ ବ୍ୟୟ ସମାନ ରହିବ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିପାରନ୍ତି। ଧାର୍ମିକ କାର୍ଯ୍ୟପ୍ରତି ମନ ବଳିବ।

## ଆଜିର ଇତିହାସ

- ୧୭୯୯- ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାଶିଂଟନ୍‌ଙ୍କ ପରଲୋକ।
- ୧୯୨୪- ଅଭିନେତା ରାଜ୍ କପୁରଙ୍କ ଜନ୍ମ।
- ୧୯୭୨- ଆମେରିକା ଦ୍ୱାରା ପଠାଯାଇଥିବା ମାନବଯୁକ୍ତ ମହାକାଶଯାନ ଆପୋଲୋ ୧୭ ପୃଥିବୀ ପୃଷ୍ଠକୁ ଫେରିଲା।
- ୨୦୦୩- ଇରାକ୍‌ର ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କୁ ଗିରଫ କରାଗଲା।

# ପଣ୍ଡିତ ନୀଳମଣି ବିଦ୍ୟାରତ୍ନ


ଆଜି ଆସିଥିଲେ...

ଓଡ଼ିଆ ଜାତୀୟତା, ଓଡ଼ିଆ ସ୍ୱାଭିମାନ ଏବଂ ଓଡ଼ିଆ ଭାଷା ଆନ୍ଦୋଳନର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଥିଲେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସେ କର୍ଣ୍ଣଧାର ଥିଲେ। ସମ୍ବାଦପତ୍ର ସମ୍ପାଦନା, ଭାଷା ଆନ୍ଦୋଳନ, ସାଂସ୍କୃତିକ ଜାଗରଣ କ୍ଷେତ୍ରରେ ବିଦ୍ୟାରତ୍ନଙ୍କ ଯୋଗଦାନ ଅତୁଳନୀୟ। ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଶାରେ ତାଙ୍କ ସମ୍ପାଦନାରେ ପ୍ରକାଶ ପାଇଥିବା 'ସମ୍ବଲପୁର ହିତୈଷିଣୀ', 'ପ୍ରଜାବନ୍ଧୁ' ଓ 'ଉତ୍କଳ ଦୀପିକା' ଆଦି ଉଚ୍ଚମାନର ସାହିତ୍ୟ ପତ୍ରିକା ମାଧ୍ୟମରେ ସେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ କରିଥିଲେ। ନିଜର ଅଗାଧ ପାଣ୍ଡିତ୍ୟ ବଳରେ ସେକାଳର ବହୁ ରାଜା ମହାରାଜାମାନଙ୍କୁ ପରାମର୍ଶ ପୂର୍ବକ ଓଡ଼ିଆ ଭାଷାଭାଷୀମାନଙ୍କୁ ଏକତ୍ର କରି ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସେ ଥିଲେ ଆଜୀବନ ଚେଷ୍ଟିତ। ବାଙ୍କୀ ଉପଖଣ୍ଡ ଅଧୀନ ବୈଦେଶ୍ୱର ବ୍ରଜବିହାରୀପୁର ଶାସନରେ ୧୮୬୭ ମସିହା ଆଜିର ଦିନରେ ସୌରୀଚରଣ ଓ ରୋହିଣୀ ଦେବୀଙ୍କ କୁଳ ମଣ୍ଡନ କରିଥିଲେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ (ମିଶ୍ର)। ମାତ୍ର ୧୬ ବର୍ଷ ବୟସରେ ବଡ଼ମ୍ବାର ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟରୁ ସେ ଶିକ୍ଷକତା ଆରମ୍ଭ କରିଥିଲେ। ଏହି ସମୟରେ ତାଙ୍କ କବି ପ୍ରତିଭାର ପରିପ୍ରକାଶ ହୋଇଥିଲା। ନୀଳମଣିଙ୍କ ପ୍ରତିଭାରେ ପ୍ରଭାବିତ ହୋଇ ୧୮୮୫ ମସିହାରେ ବଡ଼ମ୍ବା ରାଜା ଦାଶରଥି ମଙ୍ଗରାଜ ବୀରବର ମହାପାତ୍ରଙ୍କ ପକ୍ଷରୁ ରାଣୀସାହେବା କୁସୁମବତୀ ତାଙ୍କୁ ବିଦ୍ୟାରତ୍ନ ଉପାଧିରେ ଭୂଷିତ କରିଥିଲେ। ପରେ ବାମଣ୍ଡା ରାଜା ସୁଢ଼ଳଦେବଙ୍କ ନିମନ୍ତ୍ରଣକ୍ରମେ ସେ ଶିକ୍ଷକତା ସହ ସାପ୍ତାହିକ ପତ୍ରିକା 'ସମ୍ବଲପୁର ହିତୈଷିଣୀ'ର ସମ୍ପାଦନା ଦାୟିତ୍ୱ ନେଇ ଓଡ଼ିଆ ଭାଷାର ପୁନରୁଦ୍ଧାର ପାଇଁ ଚେଷ୍ଟା ଚଳାଇଥିଲେ। ଏଥିସହ ଶିକ୍ଷା ସଂସ୍କାର, କୁସଂସ୍କାର ବିରୋଧୀ ପ୍ରବନ୍ଧ, ସମ୍ବଲପୁର କୋର୍ଟ କଚେରୀରେ ଓଡ଼ିଆ ଭାଷାର ପୁନଃପ୍ରଚଳନ ପାଇଁ 'ମାତୃଭାଷା ବିଲୋପ' ଶୀର୍ଷକ ଅଗ୍ରଲେଖା, ସଚେତନଧର୍ମୀ ସମ୍ପାଦକୀୟ ଦ୍ୱାରା ନୀଳମଣି ଅଗଣିତ ଓଡ଼ିଆଙ୍କ ଶ୍ରଦ୍ଧାଭାଜନ ହୋଇପାରିଥିଲେ। ସମ୍ବଲପୁର ହିତୈଷିଣୀ ମାଧ୍ୟମରେ ସମ୍ବଲପୁର ଅଞ୍ଚଳକୁ ଓଡ଼ିଶା ଡିଭିଜନ୍ ସହ ମିଶ୍ରଣ ଏବଂ ପ୍ରଜାବନ୍ଧୁ ମାଧ୍ୟମରେ ଗଞ୍ଜାମକୁ ଓଡ଼ିଶା ଶାସନରେ ଅନ୍ତର୍ଭୁକ୍ତ କରି ତେଲୁଗୁ ଭାଷା କବଳରୁ ଓଡ଼ିଆ ଭାଷାକୁ ରକ୍ଷା କରିବା ପାଇଁ ସେ ଜନମତ ସୃଷ୍ଟି କରିଥିଲେ। ସମାଜ ସଂସ୍କାରକ ଭାବେ ପୁରୀରେ ପ୍ରଥମ ବିଧବାଶ୍ରମ ପ୍ରତିଷ୍ଠା, ବାଲ୍ୟ ବିବାହ ଓ ଅନ୍ଧ ବିଶ୍ୱାସ ବିରୋଧରେ ଲେଖନୀ ମାଧ୍ୟମରେ ସ୍ୱର ଉତ୍ତୋଳନ, ଶିକ୍ଷା, ସମସ୍ୟା, ଜ୍ଞାନ ସଂଗ୍ରହ, କୃଷି, ଗୋ-ଚିକିତ୍ସା, ରୋଗ ଓ ପ୍ରତିକାର, ସମାଜ ସଂସ୍କାର, ରାଜନୀତି, ଜୀବନଚର୍ଯ୍ୟା ସହ ଭାଷାଭିତ୍ତିକ ବହୁ ପୁସ୍ତକ ଓ ଗ୍ରନ୍ଥ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ ନୀଳମଣି। ୫୦ରୁ ଅଧିକ କାଳଜୟୀ କାବ୍ୟ, କବିତା ଓ ପ୍ରବନ୍ଧମାନ ରଚନା କରି ସେ ଛାଡ଼ି ଯାଇଛନ୍ତି ନିଜ ଅସାଧାରଣ ପ୍ରତିଭାର ସ୍ୱାକ୍ଷର। ନୀଳମଣି ହିଁ ପ୍ରଥମେ 'ଗଞ୍ଜାମ ସମ୍ମିଳନୀ' ଗଠନ ମାଧ୍ୟମରେ ଉତ୍କଳ ସମ୍ମିଳନୀର ପରିକଳ୍ପନା କରିଥିଲେ। ତାଙ୍କ ଉଦ୍ୟମରେ ଆୟୋଜିତ ଗଞ୍ଜାମ ଜାତୀୟ ସମ୍ମିଳନୀରେ ଉତ୍କଳଗୌରବ ମଧୁସୂଦନ ଦାସ ଯୋଗ ଦେଇ ଅନୁଭବ କରିଥିଲେ ଯେ, ଓଡ଼ିଶାର ବିଚ୍ଛିନ୍ନାଞ୍ଚଳକୁ ଏକତ୍ର କରି ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାର ଲକ୍ଷ୍ୟ ସାଧନ କରିବାକୁ ଅନୁରୂପ ସମ୍ମିଳନୀ ଲୋଡ଼ା। ଏହାପରେ ଉତ୍କଳ ସମ୍ମିଳନୀ ଜନ୍ମଲାଭ କରିଥିଲା। ୧୯୨୪ ମସିହା ଜୁଲାଇ ୨୬ ତାରିଖରେ ନୀଳମଣି ବିଦ୍ୟାରତ୍ନଙ୍କର ପରଲୋକ ଘଟିଥିଲା।

# ମାଇକ୍ରୋୱେଭ୍‌ରୁ ରୋଗ ହୁଏ କି

ଆଜିକାଲି ପ୍ରାୟ ସମସ୍ତଙ୍କ ଘରେ ମାଇକ୍ରୋୱେଭ୍। ଏହାକୁ ଅଧିକାଂଶ ଖାଦ୍ୟକୁ ଗରମ କରିବା ପାଇଁ ବ୍ୟବହାର କରନ୍ତି। ହେଲେ ଏଥିରେ ଅନେକ ଜୀବାଣୁ ଥାଆନ୍ତି ଓ ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ କ୍ଷତିକାରକ ବୋଲି ଅନେକ ଭାବନ୍ତି। କିନ୍ତୁ ହାର୍ଭାର୍ଡ ମେଡିକାଲ ସ୍କୁଲର ଏକ ରିପୋର୍ଟ ଅନୁସାରେ, ମାଇକ୍ରୋୱେଭ୍‌ରେ ଖାଦ୍ୟ ପ୍ରସ୍ତୁତ କରିବା ଦ୍ୱାରା ବହୁତ କମ୍ ପୌଷ୍ଟିକ ତତ୍ତ୍ୱ ନଷ୍ଟ ହୋଇଥାଏ। କାରଣ ଏଥିରେ ଖାଦ୍ୟ ପ୍ରସ୍ତୁତ କରିବାକୁ ବହୁତ କମ୍ ସମୟ ଲାଗିଥାଏ। ସ୍ପେନ୍‌ର ଭାଲେନ୍‌ସିଆ ବିଶ୍ୱବିଦ୍ୟାଳୟର 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟିଗ୍ରେଟିଭ୍ ସିଷ୍ଟମ୍ ବାୟୋଲଜି'ର ଏକ ଅଧ୍ୟୟନରୁ ପ୍ରକାଶ ପାଇଛି ଯେ, ମାଇକ୍ରୋୱେଭ୍‌ରେ ୧୦୦ରୁ ଅଧିକ ଜୀବାଣୁ ପାଆନ୍ତି, ଯାହାକି ହାତଦ୍ୱାରା ଶରୀରରେ ପ୍ରବେଶ କରି ବିଭିନ୍ନ ରୋଗ ସୃଷ୍ଟି କରିଥାନ୍ତି। ଏଥିଯୋଗୁଁ ନିମୋନିଆ, ବୃକ୍କ ଜନିତ ସମସ୍ୟା, ତ୍ୱଚା ସଂକ୍ରମଣ, ଜର, ମୁଣ୍ଡବିନ୍ଧା, ପେଟ ଖରାପ, ପତଳା ଝାଡ଼ା ଆଦି ସମସ୍ୟା ଦେଖାଯାଏ। ଆମେରିକାନ୍ ଅଙ୍କୋଲୋଜି ଇନ୍‌ଷ୍ଟିଚ୍ୟୁଟ୍‌ର ଏକ ରିପୋର୍ଟ ଅନୁସାରେ, ମାଇକ୍ରୋୱେଭ୍‌ରେ ଖାଦ୍ୟ ଗରମ କରିବା ଦ୍ୱାରା କ୍ୟାନ୍ସର ହେବ, ଏନେଇ କୌଣସି ପ୍ରମାଣ ମିଳିନାହିଁ। ଏଥିରୁ ଏପରି କିଛି ବିକିରଣ ବାହାରି ନାହିଁ, ଯାହାକି କ୍ୟାନ୍ସରର କାରଣ ହୋଇପାରେ। ସେହିଭଳି ମାଇକ୍ରୋୱେଭ୍‌ରେ ପ୍ଲାଷ୍ଟିକ୍‌ରେ ଜିନିଷ ରଖି ଖାଦ୍ୟ ଗରମ କରିବାକୁ ବାରଣ କରାଯାଇଛି। ଏହା କରିବା କ୍ଷତିକାରକ ହୋଇଥାଏ। ଏଥିଯୋଗୁଁ ମଧୁମେହ, ଉଚ୍ଚ ରକ୍ତଚାପ ଭଳି ସମସ୍ୟା ଦେଖାଯାଏ।



# 'ବାଗୀ-୪'ରେ ସୋନମ୍



ଆସନ୍ତା ବର୍ଷ ବଲିଉଡ୍‌ର ଅନେକ ଦମ୍‌ଦାର ଆକ୍ସନ୍ ଫିଲ୍ମ ରିଲିଜ୍ ହେବ। ଏହି ଫିଲ୍ମଗୁଡ଼ିକ ମଧ୍ୟରେ ଟାଇଗର୍ ସ୍ରଫ୍‌ଙ୍କ 'ବାଗି-୪' ରହିଛି। ଏହା ସେପ୍ଟେମ୍ବର ୫, ୨୦୨୫ରେ ରିଲିଜ୍ ହେବ। ଟାଇଗର୍ ସ୍ରଫ୍ ଓ ସଞ୍ଜୟ ଦତ୍ତ ଏଥିରେ ଲିଡ୍ ରୋଲ୍‌ରେ ନଜର ଆସିବେ। ଫିଲ୍ମରେ ଟାଇଗର୍‌ଙ୍କ ବିପକ୍ଷରେ କିଏ ଅଭିନୟ କରିବେ ସେନେଇ ଅନେକ ଦିନରୁ କଳ୍ପନାଜଳ୍ପନା ଲାଗି ରହିଥିଲା। ଏବେ ଖୋଦ୍ ଏହାର ନିର୍ମାତା ଏଥିରେ ଟାଇଗର୍‌ଙ୍କ ସହ ପଞ୍ଜାବ ଫିଲ୍ମ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ଅଭିନେତ୍ରୀ ସୋନମ୍ ବାଜୱା ଦେଖାଯିବେ ବୋଲି ଘୋଷଣା କରିଛନ୍ତି। 'ବାଗୀ-୪'ର ସୁଟିଂ ଆରମ୍ଭ ହୋଇଗଲାଣି। ବହୁତ ଜଲ୍‌ଦି ସୋନମ୍ ସୁଟିଂ ସେଟ୍‌ରେ ଯୋଗଦେବେ। ଏହାର ପ୍ରଯୋଜନା ଦାୟିତ୍ୱରେ ସାଜିଦ୍ ନାଡିୟାଡୱାଲା ଅଛନ୍ତି। ସେହିଭଳି ଏ.ହର୍ଷ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ପୂରାପୂରି ନୂଆ ଅନ୍ଦାଜରେ ଟାଇଗର୍ ଏହି ଫିଲ୍ମରେ ନଜର ଆସିବେ। ଫିଲ୍ମଟିକୁ ହିଟ୍ କରାଇବା ପାଇଁ ଟାଇଗର୍ ଜୋରସୋରରେ ପ୍ରସ୍ତୁତି ଚଳାଇଛନ୍ତି। କାରଣ ଲଗାତାର ତାଙ୍କର ତିନୋଟି ଫିଲ୍ମ ଫ୍ଲପ୍ ହୋଇଛି। ସେହିଭଳି ସଞ୍ଜୟ ଦତ୍ତ 'ବାଗୀ-୪'ରେ ଖଳନାୟକ ଭାବେ ଦେଖାଯିବେ। ଆସନ୍ତା ବର୍ଷ ସାଜିଦ୍‌ଙ୍କର 'ବାଗୀ ୪' ସହ ଅନ୍ୟ ଦୁଇଟି ବିଗ୍ ବଜେଟ୍‌ର ଫିଲ୍ମ 'ସିକନ୍ଦର' ଓ 'ହାଉସ୍‌ଫୁଲ-୫' ରିଲିଜ୍ ହେବ। ସାଜିଦ୍ ଏହି ଫିଲ୍ମଗୁଡ଼ିକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି।

# ସୁମନ



### ସକାଳ ଶିଶୁ କୁଇଜ୍-୧୪୫

(୧) ଅସୁରଗଡ଼ ଦୁର୍ଗ ଆମ ରାଜ୍ୟର କେଉଁ ଜିଲ୍ଲାରେ ଅଛି ?

ଉତ୍ତର : ____________________

(୨) ଜାଲିଆନୱାଲା ବାଗ ହତ୍ୟାକାଣ୍ଡ କେବେ ଘଟିଥିଲା ?

ଉତ୍ତର : ____________________

(୩) ଭଗବାନ ଶ୍ରୀରାମଙ୍କ ଧନୁର ନାମ କ'ଣ?

ଉତ୍ତର : ____________________

(୪) ମାନବାଧିକାର ଦିବସ କେବେ ପାଳନ କରାଯାଏ ?

ଉତ୍ତର : ____________________

(୫) କେଉଁ ଗ୍ୟାସ୍ ଯୋଗୁଁ ପୃଥିବୀର ତାପମାତ୍ରା ବୃଦ୍ଧି ପାଇଥାଏ ?

ଉତ୍ତର : ____________________

**ଗତ ସପ୍ତାହର କୁଇଜ୍ ବିଜେତା**
- ଓମ୍ ପ୍ରକାଶ ରଣା, ଚକେଇସିଆଣୀ , ଭୁବନେଶ୍ୱର
- ଅଂଶୁମାନ ପ୍ରଧାନ, ଲୋହାରପାଲି, ପଦ୍ମପୁର, ବରଗଡ଼
- ଶୁଚିସ୍ମିତା ରାଉତ, ଚୌଦ୍ୱାର, କଟକ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

### ଫୁଲଟିଏ ମୁଁ


ରମାକାନ୍ତ ଦାସ

ଫୁଲଟିଏ ମୁଁ ଫୁଲଟିଏ
ନିତି ଫୁଟି ମୁଁ ହସୁଥାଏ ।।
ଫୁଲଟିଏ ମୁଁ ଫୁଲଟିଏ
ସଦା ବିଭୁ ଶିରେ ଲାଗିହୁଏ ।।
ଫୁଲଟିଏ ମୁଁ ଫୁଲଟିଏ
ମୋର ମଧୁ ଯେ ମଧୁପ ପିଏ ।।
ଫୁଲଟିଏ ମୁଁ ଫୁଲଟିଏ
ପବନରେ ଦୋଳି ଖେଳୁଥାଏ ।।
ଫୁଲଟିଏ ମୁଁ ଫୁଲଟିଏ
ଭଅଁର ମୋ ପାଇଁ ପାଗଳ ହୁଏ ।।
ଫୁଲଟିଏ ମୁଁ ଫୁଲଟିଏ
ମୋ ସୁବାସେ ଧରା ମହାକାଏ ।।
ଫୁଲଟିଏ ମୁଁ ଫୁଲଟିଏ
ସଞ୍ଜ ସକାଳରେ ମୁଁ ଫୁଟିଥାଏ ।।
ଫୁଲଟିଏ ମୁଁ ଫୁଲଟିଏ
ମୋ ବାସ ଚୌଦିଗେ ଚହଟିଯାଏ ।।
ଫୁଲଟିଏ ମୁଁ ଫୁଲଟିଏ
ନିତି ହସି ଖେଳି ଝରିଯାଏ ।।■

ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର
ମୋ – ୯୬୭୮୮୧୫୩୭୯

### ଝିଲିର ଉପହାର

ଝିଲି ଦେଇଥିଲା ଚାରା ଗଛଟିଏ
ମିଳିର ଜନମ ଦିନେ,
ବୁଝାଇ ଥିଲା ସେ ଗଛର ମହିମା
ରଖିଥିବ ସଦା ମନେ।
ଗଛ ଦିଏ ଫୁଲ ଗଛ ଦିଏ ଫଳ
ଗଛ ଦେଇଥାଏ ଛାଇ,
ଗଛ ଦେଇଥାଏ ଅମଳଜାନକୁ
ଖୁସିରେ ବଞ୍ଚିବା ପାଇଁ।
ଗଛରୁ ତିଆରି ହୁଏ ମହୌଷଧି
ଦିଏ ସେ ଜୀବନ ଦାନ,
ଦାନ କରି ସବୁ ମାଗେ ନାହିଁ କେବେ
ବଞ୍ଚିବାକୁ ଅନୁଦାନ।
ଗଛରୁ ତିଆରି ହୋଇଥାଏ ପୁଣି
ଆମ ଆସବାବପତ୍ର,
ଗଛ ଶୁଖିଗଲେ ହୋଇଥାଏ ଜାଳ
ଗଛ ହିଁ ଆମର ମିତ୍ର।
ତେଣୁ ପ୍ରତିବର୍ଷ ଜନମ ଦିନରେ
ଲଗାଇବ ଏକ ଗଛ,
ଗଛ ବଞ୍ଚିଥିଲେ ଆମେ ବଞ୍ଚିଥିବା
ନ ହେଲେ ଜୀବନ ତୁଚ୍ଛ।■


ପ୍ରଶାନ୍ତ କୁମାର ସାହୁ

ଇନ୍ଦିପୁର, ଘଣାଶାଳ ସାହି, ଢେଙ୍କାନାଳ
ମୋ-୯୭୭୭୦୯୦୦୫୬

### ଗଛର ଦୁଃଖ




ରାଜେଶ ରାୟ

ଗଛମାନଙ୍କ ଦେହରେ ଜୀବନ ଅଛି । ସେମାନେ ଆମପରି ହସନ୍ତି, କାନ୍ଦନ୍ତି, କଷ୍ଟ ପାଆନ୍ତି ଏବଂ ପ୍ରତ୍ୟେକଟି ପରିସ୍ଥିତିକୁ ଅନୁଭବ କରିପାରନ୍ତି । ଏ କଥା ରାନୀ ତା' ବାପାଙ୍କ ପାଖରୁ ଶୁଣୁଥିଲା । ରାନୀର ବାପା ଶିକ୍ଷକ ଭାବେ କାମ କରୁଥିଲେ ଏବଂ ଗଛମାନଙ୍କ ସୁରକ୍ଷା ପାଇଁ ଅନ୍ୟମାନଙ୍କୁ ସଚେତନ କରୁଥିଲେ । ଦଶମ ଶ୍ରେଣୀରେ ପାଠ ପଢୁଥିବା ରାନୀ ବାପାଙ୍କ କଥାକୁ ଅଳ୍ପ ବହୁତେ ବୁଝି ପାରୁଥିଲା । ଦିନକର କଥା, ରାନୀ ସ୍କୁଲରୁ ଘରକୁ ଫେରୁଥାଏ। ହଠାତ୍ ସେ ରାସ୍ତାରେ ଦେଖିଲା କିଛି ଲୋକ ଗଛ ଦେହରେ ବିଜ୍ଞାପନ ଛାପିବା ପାଇଁ କଣ୍ଟା ବାଡ଼ଉଥାନ୍ତି । ଆଉକିଛି ଲୋକ ଗଛ ଚାରିପଟେ ଲୁହାର ରଶି ଗୁଡ଼ାଇ ବ୍ୟାନର ବାନ୍ଧୁଥାନ୍ତି। ଏହାଦେଖି ରାନୀକୁ ଦୁଃଖ ଲାଗିଲା ଓ ବାପାଙ୍କ ପାଖରୁ ଶୁଣିଥିବା କଥା ତା'ର ମନେ ପଡ଼ିଗଲା, "ଗଛମାନଙ୍କୁ ବି ଆମଭଳି କଷ୍ଟହୁଏ ।" ବୟସରେ ସାନ ଥିବାରୁ ସେ ଲୋକମାନଙ୍କୁ କିଛି ନ କହି ସେଠାରୁ ଚାଲି ଆସିଲା। ତା' ପରଦିନ ସକାଳୁ ରାନୀ ଗୋଟିଏ ମନ୍ଦିରକୁ ବୁଲିବାକୁ ଯାଇଥିଲା। ସେଠାରେ ସେ ଦେଖିଲା, ଗୋଟିଏ ବିଶାଳ ବରଗଛରେ ଭକ୍ତମାନେ ମାନସିକ ଡୋରି ବାନ୍ଧୁଥାନ୍ତି। ଆମ ଶରୀରରେ ସୂତାଖଣ୍ଡେ ଜୋରରେ ଭିଡ଼ିଲେ ଆମକୁ କାଟୁଛି, ଗଛକୁ କ'ଣ କାଟୁ ନ ଥିବ ? ରାନୀ ଏ କଥା ଭାବିଲା । ମନ୍ଦିରରୁ ଘରକୁ ଆସିବାପରେ ସମସ୍ତ ଘଟଣାକୁ ବାପାଙ୍କ ଆଗରେ ଗୋଟି ଗୋଟି କରି କହିଲା। ସବୁକଥା ଶୁଣିବା ପରେ ବାପା ରାନୀକୁ କହିଲେ "ଲୋକମାନେ ସ୍ୱାର୍ଥବାଦୀ ହୋଇ ଗଛ କାଟୁଛନ୍ତି, ସେମାନଙ୍କୁ କଷ୍ଟ ଦେଉଛନ୍ତି, ଯାହାଦ୍ୱାରା ପରିବେଶ ନଷ୍ଟ ହେଉଛି। ଯେତେ କହିଲେ ବି କେହି ଶୁଣୁନାହାନ୍ତି । ଗଛମାନଙ୍କ ଦେହରେ କଣ୍ଟା ବାଡ଼େଇବା, ରଶି ଗୁଡ଼ାଇବା ଦ୍ୱାରା ସେମାନଙ୍କ ବୃଦ୍ଧି ଓ ବିକାଶ ବାଧାପ୍ରାପ୍ତ ହେଉଛି । ଏହି କାରଣ ଯୋଗୁ ଅନେକ ଉଦ୍ଭିଦଙ୍କ ସଂଖ୍ୟା କମିଗଲାଣି । ଯଦି ସେମାନଙ୍କୁ ସୁରକ୍ଷା ନ ଦିଆଯାଏ, ତେବେ ଆଗାମୀ ଭବିଷ୍ୟତରେ ଆମେ କେହି ବଞ୍ଚିବାନି ! ବାପାଙ୍କ ପାଖରୁ ସବୁକଥା ଶୁଣିବା ପରେ ରାନୀ ନିଷ୍ପତ୍ତି ନେଲା ଯେ, କେହି ନ ହେଲେ ନାହିଁ ସେ ନିଜେ ଉଦ୍ଭିଦମାନଙ୍କ ସୁରକ୍ଷା ପାଇଁ କିଛି କରିବ । ନିଜ ପାଠପଢ଼ାରୁ ସମୟ ବାହାର କରି ପ୍ରତି ରବିବାର ଦିନ ସେ ବିଭିନ୍ନ ସ୍ଥାନକୁ ଗଲା ଏବଂ ନିଜ ଉଦ୍ୟମରେ ଗଛମାନଙ୍କ ଦେହରୁ କଣ୍ଟା କାଢ଼ିଲା, ମନ୍ଦିରକୁ ଯାଇ ଲୋକମାନଙ୍କୁ ବିଭିନ୍ନ ଉପାୟରେ ସଚେତନ କଲା ଏବଂ ସେ କରୁଥିବା ସମସ୍ତ କାର୍ଯ୍ୟର ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ଛାଡ଼ିଲା, ଯାହାଦ୍ୱାରା ଅନ୍ୟ ଲୋକମାନେ ରାନୀର କାମକୁ ଜାଣିପାରିଲେ ଏବଂ ପ୍ରଶଂସା କଲେ । ସରକାର ମଧ୍ୟ ରାନୀର କାମରେ ଖୁସି ହୋଇ ତାକୁ ପୁରସ୍କୃତ କଲେ । ଏହାଦେଖି ଅନ୍ୟମାନେ ସଚେତନ ହେଲେ ଏବଂ ଗଛମାନଙ୍କ ସୁରକ୍ଷା ପାଇଁ ଆଗେଇ ଆସିଲେ ।■

ଜୟପୁର, କୋରାପୁଟ
ମୋ-୬୩୭୧୫୫୫୯୪୦

## ତୁଳି ଆଉ ରଙ୍ଗ




**ମାହିକା ଭରଦ୍ୱାଜ**
ତୃତୀୟ ଶ୍ରେଣୀ
ଓଡିଏମ୍ ପବ୍ଲିକ୍ ସ୍କୁଲ୍
ଭୁବନେଶ୍ୱର




**ସାଇ ଅର୍ଚ୍ଚିତା ସାହୁ**
ୟୁ.କେ.ଜି
ବଚପନ ପ୍ଲେ ସ୍କୁଲ
ଭୁବନେଶ୍ୱର




**ସାଇଶ୍ରୀ ବେହେରା**
ଦ୍ୱିତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା




**ସୋମ ଆଶୀର୍ବାଦ ତ୍ରିପାଠୀ**
ସପ୍ତମ ଶ୍ରେଣୀ
ଫ୍ୟୁଚର୍ ଭୁବନେଶ୍ୱର ସ୍କୁଲ
ଭୁବନେଶ୍ୱର

## ପ୍ରହେଳିକା

- ବିଲ ନଈପଠା ଅବା ବାଡ଼ିରେ
ଫୁଲଟିଏ ଫୁଟେ ଶୀତ ଦିନରେ
ଧଳା ଫରଫର ତା'ର ଶରୀର
ପରିବାଟିଏ ସେ ଶୀତଦିନର
ଭଜା ତରକାରି ପକୁଡ଼ି ହୁଏ
ଭାରି ସୁଆଦିଆ ଲାଗଇ ସିଏ
କଞ୍ଚା ଖାଇଲେବି ଲାଗେ ସୁଆଦ
କହି ପାରିବକି ତା'ନାମ ମିତ।

**ଉତ୍ତର-ଫୁଲକୋବି**

- ମାଟି ତଳେ ଫଳେ ପରିବାଟିଏ
ବିଲ ଓ ବାଡ଼ିରେ ସେ ଶୋଭାପାଏ
ଧଳା ଅବା ନାଲି ରଙ୍ଗଟି ତା'ର
ଶାଗ ହୁଏ ତା'ର ନୀଳ ପତର
ତା'ତିଅଣ ଲାଗେ ପାଟିକୁ ବାଗ
କଞ୍ଚା ଖାଇଲେ ସେ ଲାଗଇ ରାଗ
ଲମ୍ବାଳିଆ ଅଟେ ତା'ର ଶରୀର
କହି ପାରିବକି ନାମଟି ତା'ର।

**ଉତ୍ତର-ମୂଳା**



- ବିଲ ଓ ବାଡ଼ିରେ ହୁଅଇ ଚାଷ
ତା' ପତ୍ରରୁ ଛୁଟି ଆସଇ ବାସ
ରନ୍ଧା ତରକାରି ଉପରେ ଜନେ
ପକାନ୍ତି ତାହାକୁ ହରଷ ମନେ
ତା' ପାଇଁ ବଢ଼ଇ ତିଅଣ ସ୍ୱାଦ
ସଭିଏଁ ଖାଆନ୍ତି ହୋଇ ଆନନ୍ଦ
ଚଟ୍‌ଣି ପାଇଁ ତା' ନାମଟି ଖ୍ୟାତ
କହି ପାରିବକି ତା' ନାମ ମିତ।

**ଉତ୍ତର-ଧନିଆଁ ପତ୍ର**

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

■ ଦୃଷ୍ଟିହୀନ ନାଗେଶ ଟ୍ରଫି ଜାତୀୟ ଟି-୨୦

## ୟୁପିକୁ ହରାଇଲା ଓଡ଼ିଶା




**ଭୁବନେଶ୍ୱର, ୧୩।୧୨(ସମିସ):** ଖୋର୍ଦ୍ଧାର କେଟି ଗ୍ଲୋବାଲ ସ୍କୁଲରେ ଶୁକ୍ରବାର ୭ମ ଦୃଷ୍ଟିହୀନ ନାଗେଶ ଟ୍ରଫି ଜାତୀୟ ଟି-୨୦ ଟୁର୍ଣ୍ଣାମେଣ୍ଟର ଗ୍ରୁପ୍- ସି ଲିଗ୍ ଆରମ୍ଭ ହୋଇଛି। ପ୍ରଥମ ମୁକାବିଲାରେ ଓଡ଼ିଶା ସହଜରେ ଉତ୍ତରପ୍ରଦେଶକୁ ପରାସ୍ତ କରିଛି। ଟସ୍ ଜିତି ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ୪ ୱିକେଟ ହରାଇ ୨୦୫ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଲାଲ ପ୍ରଦାସ ସୋରେନ ୪୮ ବଲରୁ ୭୯ ଓ ଶୁଖରାମ ମାଝୀ ୪୭ ବଲରୁ ୬୮ ରନ ସଂଗ୍ରହ କରିଥିଲା। ଜବାବରେ ଉତ୍ତରପ୍ରଦେଶ ୧୯.୧ ଓଭରରେ ୯୬ ରନକରି ଅଲଆଉଟ ହୋଇଥିଲା। ଓଡ଼ିଶାର ଦେବରାଜ ବେହେରା ୩, ପଙ୍କଜ ଭୁଏ ଓ କାଳିଆ ପ୍ରଧାନ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଲାଲ ପ୍ରସାଦ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଶନିବାର ଓଡ଼ିଶା-ତ୍ରିପୁରାକୁ ଓ ଚଣ୍ଡିଗଡ଼-ମଧ୍ୟପ୍ରଦେଶକୁ ଭେଟିବ।

■ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

## ଓଡ଼ିଶାର ଇନିଂସ ପରାଜୟ

**କଟକ, ୧୩।୧୨(ସମିସ):** ଗ୍ୱାଲିୟରର କ୍ୟାପ୍ଟେନ ରୁପ ସିଂହ ଷ୍ଟାଡିୟମରେ ଖେଳାଯାଇଥିବା ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଏକ ମ୍ୟାଚ୍‌ରେ ଗୁଜରାଟ ବିପକ୍ଷରେ ଓଡ଼ିଶା ଇନିଂସ ପରାଜୟର ସମ୍ମୁଖୀନ ହୋଇଛି। ଗୁଜରାଟ ୯ ୱିକେଟ ବିନିମୟରେ ୪୨୩ରନ ସଂଗ୍ରହ କରି ଇନିଂସ ଘୋଷଣା କରିଥିଲା। ଜବାବରେ ଓଡ଼ିଶା ପ୍ରଥମ ଓ ଦ୍ୱିତୀୟ ଇନିଂସରେ ଯଥାକ୍ରମେ ୨୨୫ରନ ଏବଂ ୧୧୨ରନ କରିବା ସହ ଇନିଂସ ଓ ୮୬ରନରେ ହାରିଛି। ଗୁରୁବାର ମ୍ୟାଚ୍‌ର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ୭ ୱିକେଟ ହରାଇ ୨୧୦ରନ କରିଥିଲା। ଆଜି ଆଉ ୧୫ରନରେ ଅବଶିଷ୍ଟ ୩ ୱିକେଟ ହରାଇ ଫଲୋଅନ ଡାକରା ପାଇଥିଲା। ଓଡ଼ିଶାର ଦ୍ୱିତୀୟ ଇନିଂସରେ ମଧ୍ୟ ଦୁର୍ବଳ ବ୍ୟାଟିଂ ପରିଲକ୍ଷିତ ହୋଇଥିଲା। ଦଳ ମାତ୍ର ୧୧୨ରନରେ ଅଲଆଉଟ ହୋଇଥିଲା। କୌସ୍ତିକ ମହାନ୍ତି ସର୍ବାଧିକ ୩୬ରନ କରିଥିଲେ। ଗୁଜରାଟ ତରଫରୁ ନୀଲ ପୁରାନି ୪ଟି ୱିକେଟ ହାସଲ କରିଥିଲେ।

■ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

## ଦ୍ରାବିଡ଼ଙ୍କ ସାନପୁଅ ଅନଭୟଙ୍କ ଶତକ

**ନୂଆଦିଲ୍ଲୀ, ୧୩।୧୨(ଏଜେନ୍ସି):** ପୂର୍ବତନ ଭାରତୀୟ ଅଧିନାୟକ ତଥା ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ଼ଙ୍କ ସାନପୁଅ ଅନଭୟ ବଡ଼ ଭାଇ ସମିତଙ୍କ ଭଳି ଜବରଦସ୍ତ କ୍ରିକେଟ ପ୍ରତିଭାର ପରିଚୟ ଦେଇଛନ୍ତି। ଦେଶର ସର୍ବବୃହତ୍ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ସେ କର୍ଣ୍ଣାଟକ ତରଫରୁ ପ୍ରତିନିଧିତ୍ୱ କରି ଝାଡଖଣ୍ଡ ବିପକ୍ଷରେ ୧୦୦ ରନ କରି ଅପରାଜିତ ରହିଛନ୍ତି। ଆନ୍ଧ୍ରପ୍ରଦେଶର ମାଲାପାଡୁରେ ଅନୁଷ୍ଠିତ ଏହି ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା।

■ ସର୍ବଭାରତୀୟ ଆନ୍ତଃ ଜୋନ୍ କରାଟେ

## ତ୍ରିଲୋଚନ ରଣାଙ୍କୁ ଡବଲ୍ ସ୍ୱର୍ଣ୍ଣ




**ଭୁବନେଶ୍ୱର, ୧୩।୧୨(ସମିସ):** ନୂଆଦିଲ୍ଲୀ ସ୍ଥିତ ତାଲକୋଟରା ଷ୍ଟାଡିୟମରେ ସର୍ବଭାରତୀୟ ଆନ୍ତଃ ଜୋନ୍ କରାଟେ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଛି। ଏଥିରେ ଦେଶର ୫ଟି ଜୋନ୍‌ରୁ ୩୦୦ରୁ ଊର୍ଦ୍ଧ୍ୱ କରାଟେକା ଅଂଶଗ୍ରହଣ କରିଥିଲେ। ପୂର୍ବ ଜୋନ ତରଫରୁ ୧୨ ଜଣ ଓଡ଼ିଆ କରାଟେକା ପ୍ରତିନିଧିତ୍ୱ କରିଥିଲେ। ଏଥିରେ ତ୍ରିଲୋଚନ ରଣା ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରୋଶନ ସାଇପଲ, ଓମ୍ ଶୁଭମ ମହାନ୍ତି, ସିନ୍ଧୁ ତନୟା ଖୁଣ୍ଟିଆ, ମୋନାଲି ସାହୁ, ସୋନାଲି ପାଣିଗ୍ରାହି ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଜୟଜିତ ସାମନ୍ତ, କୃଷ୍ଣଚନ୍ଦ୍ର ନାୟକ ରୌପ୍ୟ ଓ ରାଜେଶ ମହାପାତ୍ର ଗୋଟିଏ କାଂସ୍ୟ ପଦକ ହାସଲ କରିଥିଲେ। ପଦକ ବିଜୟୀ ସମସ୍ତ ପ୍ରତିଯୋଗୀଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘ ତରଫରୁ ଅଭିନନ୍ଦନ ଜଣାଯାଇଛି।

### ସୟଦ ମୁସ୍ତାକ ଅଲି ଟ୍ରଫି

# ମୁମ୍ବାଇ-ମଧ୍ୟପ୍ରଦେଶ ଫାଇନାଲ

**ନୂଆଦିଲ୍ଲୀ, ୧୩।୧୨(ଏଜେନ୍ସି):** ଦେଶର ସର୍ବବୃହତ୍ ଘରୋଇ ଟି-୨୦ ଟୁର୍ଣ୍ଣାମେଣ୍ଟ ମୁସ୍ତାକ ଅଲି ଟ୍ରଫିର ଚଳିତ ୧୭ତମ ସଂସ୍କରଣର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ରବିବାର ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ମୁମ୍ବାଇ ରଜତ ପଟିଦାରଙ୍କ ମଧ୍ୟପ୍ରଦେଶ ପରସ୍ପରକୁ ଭେଟିବେ। ଶୁକ୍ରବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ମୁମ୍ବାଇ ୧୬ ବଲ ବାକିଥାଇ ୬ ୱିକେଟରେ ବରୋଦାକୁ ଏବଂ ମଧ୍ୟପ୍ରଦେଶ ୨୬ ବାକି ରଖି ୭ ୱିକେଟରେ ଦିଲ୍ଲୀକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଗତ ସଂସ୍କରଣରେ ବରୋଦାକୁ ପରାସ୍ତ କରି ପଞ୍ଜାବ ପ୍ରଥମଥର ପାଇଁ ଚାମ୍ପିଅନ ହୋଇଥିଲା। ୩ଥର ଚାମ୍ପିଅନ ହୋଇ କର୍ଣ୍ଣାଟକ ସଫଳତମ ଦଳ ବିବେଚିତ ହେଉଛି। ନଭେମ୍ବର ୨୩ରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୫ ତାରିଖରେ ଶେଷ ହେବ।



#### ରାହାଣେଙ୍କ ବିସ୍ଫୋରକ ବ୍ୟାଟିଂ

ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି କ୍ରୁନାଲ ପାଣ୍ଡ୍ୟାଙ୍କ ବରୋଦା ୭ ୱିକେଟ ହରାଇ ୧୫୮ ରନ ସଂଗ୍ରହ କରିଥିଲା। ଦଳ ତରଫରୁ କ୍ରୁନାଲ ୩୦, ଶାସ୍ୱତ ରାୱତ ୩୩, ଶିବାଲିକ ଶର୍ମା ଅପରାଜିତ ୩୬ ରନ ସଂଗ୍ରହ କରିଥିଲେ। ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମାତ୍ର ୫ ରନ କରି ଶିବମ ଦୁବେଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଜବାବରେ ମୁମ୍ବାଇ ୧୭.୨ ଓଭରରେ ୪ ୱିକେଟ ହରାଇ ୧୬୪ ରନକରି ବିଜୟୀ ହୋଇଥିଲା। ଦଳ ତରଫରୁ ଅଭିଜ୍ଞ ଆଜିଙ୍କ୍ୟ ରାହାଣେ ୫୬ ବଲରୁ ୧୧ ଚୌକା ଓ ୫ ଛକା ସହ ବିସ୍ଫୋରକ ୯୮ ରନ ସଂଗ୍ରହ କରି ଆଉଟ ହେବା ସହ ୨ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ସେହିପରି ଆୟର ୪୬ ରନ ସଂଗ୍ରହ କରିଥିଲେ। ରାହାଣେ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବୋଲିଂରେ ବରୋଦା ପାଇଁ ହାର୍ଦ୍ଦିକ ଗୋଟିଏ ୱିକେଟ ନେଇଥିଲେ।

#### ପଟିଦାରଙ୍କ ଦ୍ରୁତ ଅର୍ଦ୍ଧଶତକ: ଶୁଭ୍ରାଂଶୁ ଫେଲ୍

ଏଠାରେ ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଦିଲ୍ଲୀ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ୫ ୱିକେଟ ୧୪୬ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଅନୁଜ ରାୱତ୍ ସର୍ବାଧିକ ଅପରାଜିତ ୩୩ ରନ ସଂଗ୍ରହ କରିଥିବା ବେଳେ ପ୍ରିୟାଂଶ ଆର୍ଯ୍ୟା ୨୯, ମୟଙ୍କ ରାୱତ ୨୪, ଅଧିନାୟକ ଆୟୁଷ ବଦୋନୀ ୧୯ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ମଧ୍ୟପ୍ରଦେଶର ଭେଙ୍କଟେଶ ଆୟର ୨ ୱିକେଟ ନେଇଥିଲେ। ଜବାବରେ ମଧ୍ୟପ୍ରଦେଶ ୧୫.୪ ଓଭରରେ ୩ ୱିକେଟ ହରାଇ ୧୫୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅଧିନାୟକ ରଜତ ପଟିଦାର ୨୯ ବଲରୁ ୪ ଚୌକା ସ ୬ ଛକା ସହ ୬୬ ରନର ଅପରାଜିତ ଦ୍ରୁତ ଅର୍ଦ୍ଧଶତକ ପାଳି ଖେଳି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ହରପ୍ରୀତ ସିଂ ୪୬ ରନକରି ଅପରାଜିତ ରହିଥିଲେ। ମଧ୍ୟପ୍ରଦେଶ ତରଫରୁ ଖେଳୁଥିବା ଓଡ଼ିଆ ବ୍ୟାଟର ଶୁଭ୍ରାଂଶୁ ସେନାପତି ୮ ବଲର ସମ୍ମୁଖୀନ ହୋଇ ଗୋଟିଏ ଚୌକା ସହ ମାତ୍ର ୭ ରନକରି ଅଭିଜ୍ଞ ଈଶାନ୍ତ ଶର୍ମାଙ୍କ ବଲ୍‌ରେ ୱିକେଟକିପର ଅନୁଜ ରାୱତଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିଅନ ଫେରିଥିଲେ। ଅଧିନାୟକ ହର୍ଷ ଗୱାଲି ୩୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଦିଲ୍ଲୀ ପାଇଁ ଈଶାନ୍ତ ଶର୍ମା ୨ ୱିକେଟ ନେଇଥିଲେ।

## ମହିଳା କ୍ରିକେଟ ଏକାଡେମୀ ଉଦ୍‌ଘାଟିତ



**କଟକ, ୧୩।୧୨(ସମିସ):** ରାଜ୍ୟରେ ମହିଳା କ୍ରିକେଟର ବିକାଶକୁ ଦୃଷ୍ଟିରେ ରଖି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ସ୍ଥାନୀୟ ଷ୍ଟିୱାର୍ଟ ସ୍କୁଲ ପରିସରରେ ଏକ କ୍ରିକେଟ ଏକାଡେମୀ ଖୋଲାଯାଇଛି। ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ନରେନ୍ଦ୍ର ହିରୱାନୀ ଏବଂ ସ୍ୱାଗତିକା ରଥ ଅତିଥି ଭାବେ ଯୋଗ ଦେଇ ଆଜି ଏହି ଏକାଡେମୀ ଉଦ୍‌ଘାଟନ କରିଥିଲେ। ଓସିଏର ୪୧ଟି ଏକାଡେମୀ ଭିତରୁ ଏହା ଅନ୍ୟତମ। ଆଗାମୀ ଦିନରେ ବିସିସିଆଇର ଘରୋଇ ସିଜନ ନିମନ୍ତେ ଏଠାରେ ରାଜ୍ୟ ମହିଳା ଦଳର ଶିବିର ଆୟୋଜନ ହେବ। ଷ୍ଟିୱାର୍ଟ ସ୍କୁଲର ଅଧ୍ୟକ୍ଷା ଡି ମାର୍ଟିନା, ସମ୍ପାଦକ ବିଡି ଦାସ, ଓସିଏ ସଦସ୍ୟ ଶୁଭାଶିଷ ସାହୁ, ସୁଶାନ୍ତ କୁମାର ମହାନ୍ତି ଏବଂ ସିଇଓ ସୁବ୍ରତ କୁମାର ବେହେରା ଉଦ୍‌ଘାଟନୀ ଅବସରରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ।

■ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଟେନିସ୍

## ବିଜୟରୁ କିଟ୍ ମହିଳା ଦଳର ଅଭିଯାନ

**ଭୁବନେଶ୍ୱର, ୧୩।୧୨(ସମିସ):** କର୍ଣ୍ଣାଟକର ମନିପାଲ ଏକାଡେମୀ ଅଫ୍ ହାଇୟର ଏଜୁକେସନ ଆନୁକୂଲ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ଟେନିସ ପ୍ରତିଯୋଗିତା। ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ କିଟ୍ ମହିଳା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। କିଟ୍ ତା'ର ପ୍ରଥମ ମ୍ୟାଚ୍‌ରେ ୨-୦ରେ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଏବେ ଶନିବାର କ୍ୱାର୍ଟରଫାଇନାଲ ମୁକାବିଲାରେ ୟୁନିଭର୍ସିଟି ଅଫ୍ ମାଡ୍ରାସକୁ କିଟ୍ ଭେଟିବ। ଏଥିସହ କିଟ୍ ଆଗାମୀ ଚତୁର୍ଥ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଋତୁପର୍ଣ୍ଣା ଚୌଧୁରୀ, ଅଭିଲାଷା ବିଷ୍ଟ, ରିୟା ମର୍ଦ୍ଦରାଜ ଓ ଅକ୍ରିତିଙ୍କୁ ନେଇ ଗଠିତ କିଟ୍ ଦଳ ଚାମ୍ପିଅନ ହେବା ଲକ୍ଷ୍ୟରେ ରହିଛି। ମହମ୍ମଦ ଆନମୁଲ ହକ୍ ଦଳର କୋଚ୍ ରହିଛନ୍ତି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଦଳକୁ ଅଭିନନ୍ଦନ ଜଣାଇଛନ୍ତି ଓ ଆଗାମୀ ମ୍ୟାଚ୍‌ଗୁଡିକ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।



### ଜାତୀୟ ଲନ୍ ବଲ୍ ଚାମ୍ପିଅନ୍‌ସିପ୍

## ଦିଲ୍ଲୀରେ ଓଡ଼ିଶା ଦଳର ପ୍ରସ୍ତୁତି

**ଭୁବନେଶ୍ୱର ୧୩।୧୨ (ସମିସ):** ଦିଲ୍ଲୀ ଯମୁନା ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଡ଼ିସେମ୍ବର ୨୫ରୁ ଜାନୁଆରୀ ୨ ତାରିଖ ମଧ୍ୟରେ ନବମ ଜାତୀୟ ସିନିୟର ଏବଂ ପଞ୍ଚମ ୨୫ ବର୍ଷରୁ କମ ଲନ ବଲ ଚାମ୍ପିଅନସିପ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି ଓଡିଶା ଦଳ ଦିଲ୍ଲୀ ରେ ପହଞ୍ଚି ଜୋରଦାର ପ୍ରସ୍ତୁତି ଚଳାଇଛି। ଦଳର ପ୍ରସ୍ତୁତ ଶିବିର ଆସନ୍ତା ୨୪ ତାରିଖରେ ଶେଷ ହେବ ଗତ ୧୧ ତାରିଖରେ ଓଡିଶା ଦଳ ପୁରୁଷ ଓ ମହିଳା ଦିଲ୍ଲୀରେ ପହଞ୍ଚିଥିଲେ। ଓଡିଶା ସିନିୟର ଦଳରେ ଛଅ ଜଣ ମହିଳା ଏବଂ ଛଅ ଜଣ ପୁରୁଷ ଖେଳାଳି ଯୋଗଦେଇଥିବା ବେଳେ ଅଣ୍ଡର ୨୫ରେ ଦୁଇ ଜଣ ମହିଳା ଏବଂ ଦୁଇ ଜଣ ପୁରୁଷ ଯୋଗ ଦେଇ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ଖେଳାଳି ମାନଙ୍କୁ ବୋଲିଂ ଫେଡ଼ରେସନ ଅଫ ଇଣ୍ଡିଆର କୋଚ ନିତିନ ବାସ୍ୱାନି ପ୍ରଶିକ୍ଷଣ ଦେଉଛନ୍ତି। ଗତ ବର୍ଷ ଆସାମର ଗୌହାଟୀରେ ପ୍ରସ୍ତୁତି କରି ରାଜ୍ୟ ପାଇଁ ସାତଟି ପଦକ ହାସଲ କରି ଗୌରବ ଆଣିଥିଲେ। ଏହି ବର୍ଷ ମଧ୍ୟ ଭଲ ଖେଳ ପ୍ରଦର୍ଶନ କରି ଅଧିକ ପଦକ ହାସଲ କରିବେ ବୋଲି ସଂଘ ଆଶା ରଖିଛି। ପ୍ରତିଯୋଗିତାରେ ଭାଗ ନେବା ପାଇଁ ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ସହାୟତା କରିଥିବା ରାଜ୍ୟ ବୋଲିଂ (ଲନ୍ ବଲ୍) ସଂଘ, ଓଡିଶା ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି।

**ଓଡିଶା ପୁରୁଷ ଦଳ:** କୈଳାସ ମାଝୀ, ନରସିଂହ ରାଣା, ଲଳିତ ଶର୍ମା, ସୌରଭ ରଂଜନ ମହାରଣା, ଦିନେଶ କୁମାର ମହାନନ୍ଦ, ତାରିଣୀ ପ୍ରସାଦ ନାୟକ, ଅଙ୍କିତ ନାଏକ, ଆୟୁଷ୍ମାନ ବାଗ।

**ମହିଳା ଦଳ:** ଶ୍ୱେତଲାନା ବକ୍ସି, ପଦ୍ମାଶିନୀ ପୁଟେଲ, ରାଜେଶ୍ୱରୀ ସେଠ, ରୋଶନୀ ସାହୁ, ବିଷ୍ଣୁପ୍ରିୟା ବହିଦାର, ସାଇନା ନାଏକ, ସୁନେନା ବକ୍ସି, ଶ୍ରାବଣୀ ସେଠୀ।



### ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ

## ବାଲେଶ୍ୱରକୁ ହରାଇ ଫାଇନାଲରେ ସମ୍ବଲପୁର




**ଭାପୁର, ୧୩।୧୨(ସମିସ):** ସ୍ଥାନୀୟ ଫତେଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ଏଠାରେ ଚାଲିଥିବା ୧୫ତମ ସର୍ବଭାରତୀୟ ସଦାଶିବ୍ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁରର ଏମ୍‌ଏମ୍‌ସିସି କ୍ଲବ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ସମ୍ବଲପୁର ୧୦୨ ରନରେ ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବକୁ ପରାସ୍ତ କରି ଫାଇନାଲକୁ ଉଠିଛି। ଫାଇନାଲରେ ସମ୍ବଲପୁର ଓ ଭାଇଜାଗ କ୍ରିକେଟ କ୍ଲବ ପରସ୍ପରକୁ ଭେଟିବେ। ଦ୍ୱିତୀୟ ସେମିରେ ଟସ୍ ଜିତି ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୮୫ ରନ ସଂଗ୍ରହ କରିଥିଲା। ଦଳ ତରଫରୁ କ୍ଷମା ସାଗର ବଳ ୪୩ଟି ବଲ ଖେଳି ୮ ଚୌକା ଓ ୧୦ ଛକା ବଳରେ ୧୧୨ ରନର ଶତକୀୟ ପାଳି ଖେଳିଥିଲେ। ଜବାବରେ ବାଲେଶ୍ୱର ୧୮.୨ ଓଭରରେ ୧୮୩ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଦଳର ବିଶାଳ ଦାସ ୩ ଚୌକା ଓ ୨ ଛକା ବଳରେ ୩୨ ବଲରୁ ସର୍ବାଧିକ ୩୯ ରନ ସଂଗ୍ରହ କରିଥିଲେ। ଶତକ ହାସଲ କରିଥିବା କ୍ଷମା ସାଗରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଓସିଏ ଅମ୍ପାୟର ଆଶୁତୋଷ ପାଣି ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। କିରଣ ମନୋହର ମହାନ୍ତି, ବିଭୁତି ସାହୁ ଓ ପବିତ୍ର ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

ରେଫରି ଭାବେ ସୁଧୀର ରଞ୍ଜନ ପଣ୍ଡା, ଭାଷ୍ୟକାର ଭାବେ ଓସିଏର ବୁବୁ ସିହ୍ନା, ସରୋଜ କୁମାର ମହାପାତ୍ର ଓ ଜନ୍ମେଜୟ ଦଳେଇ ଦାୟିତ୍ୱ ବହନ କରିଥିଲେ। ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ଆନନ୍ଦ ସରସ୍ୱତୀ ମହରାଜ ଜୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ନୟାଗଡ଼ ଜିଲ୍ଲା ବିଜେପି ନେତ୍ରୀ ଇଂ ଅର୍ଚ୍ଚନା ଦାଶ, ସମାଜସେବୀ ଇଂ ଶ୍ରୀନିବାସ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍‌ରେ ଓଲିଉଡ୍ ଅଭିନେତା ଶୁଭାଶିଷ ଓ ଅଭିନେତ୍ରୀ ଲିପି ମହାପାତ୍ରଙ୍କ ସମେତ ଏକାଧିକ ବିଧାୟକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥିଭାବେ ଯୋଗ ଦେବେ ବୋଲି ଆୟୋଜକଙ୍କ ତରଫରୁ ସୂଚନା ଦିଆଯାଇଛି।

### ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ସେମିରେ କୋଲକାତା କାମେରୁନ

**ନନ୍ଦନକାନନ, ୧୩।୧୨(ସମିସ):** ଭୁବନେଶ୍ୱର ଉତ୍ତର ଗଣ୍ଡରପୁର ବିଜୁପଟ୍ଟନାୟକ ମିନିଷ୍ଟାଡିୟମରେ ୟୁନାଇଟେଡ଼ ୟୁଥ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସରେ ତିନୋଟି ମ୍ୟାଚ ଖେଳା ଯାଇଥିଲା। ସହରାଞ୍ଚଳ କ୍ୱାର୍ଟର ଫାଇନାଲ ମ୍ୟାଚରେ କଲିକତା କାମେରୁନ ଇଲେଭେନ୍ ଓ ସମ୍ବଲପୁର ମଧ୍ୟରେ ଖେଳ ହୋଇଥିଲା। ୨-୨ ଗୋଲରେ ଖେଳ ବରାବର ରହିଥିଲା। ଫଳରେ ଟାଇ ବ୍ରେକର୍ ଜରିଆରେ ଖେଳ ନିର୍ଣ୍ଣୟ ହୋଇଥିଲା। କଲିକତା କାମେରୁନ ୫-୪ ଟାଇ ବ୍ରେକର ଗୋଲ୍‌ରେ ସମ୍ବଲପୁରକୁ ହରାଇ ସେମିଫାଇନାଲ ଖେଳିବାର ସୁଯୋଗ ହାସଲ କରିଛି।

#### ଗ୍ରାମାଞ୍ଚଳ ସେମିରେ ଜୟପୁର ଓ ଗୋଠପୁର

ସେହିପରି ଗ୍ରାମାଞ୍ଚଳ 'ଏ' ଡିଭିଜନର ପ୍ରଥମ ମ୍ୟାଚରେ ବନ ମହାବୀର କ୍ଲବ୍ ଜୟପୁର ୨-୦ ଗୋଲରେ ମଧୁବନ କ୍ଲବ୍‌କୁ ହରାଇ ସେମିଫାଇନାଲ ପ୍ରବେଶ କରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ମା'ମଙ୍ଗଳା କ୍ଲବ୍ ଗୋଠପୁର ୧-୦ ଗୋଲରେ ଖୋର୍ଦ୍ଧା ଶରଧାପୁରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ମଧ୍ୟରେ ଜୟପୁରର ମିକୁନ ପ୍ରଧାନ, ଗୋଠପୁରର ଭାବଗ୍ରାହୀ ପଡ଼ିଆରୀ ଓ କାମେରୁନର ୧୦ନମ୍ବର ଖେଳାଳି ଉଇଲିଅମ୍ସ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ମୁଖ୍ୟ ଅତିଥିଭାବେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର ୧୨ କର୍ପୋଟର ଜୟନ୍ତୀ ସାହୁ ଯୋଗ ଦେଇଥିଲେ। ଗ୍ରାମ୍ୟ କମିଟି ସଭାପତି ଭାସ୍କର ପଡ଼ିହାରୀ, ସମ୍ପାଦକ ଜିତେନ୍ଦ୍ର ସେନାପତି, ପ୍ରଶାନ୍ତ ପଡ଼ିହାରୀ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ମ୍ୟାଚଗୁଡ଼ିକୁ ରେଫରୀ ସୁଦୀପ୍ ଦାସ, ଶିବ ଶଙ୍କର ପଣ୍ଡା, ବ୍ରହ୍ମାନନ୍ଦ ଭୋଇ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ଖେଳକୁ ପରିଚାଳନା କରିଥିଲେ। ହାସ୍ୟ ଅଭିନେତା ରଙ୍କନିଧି ରାଉତ ଧାରା ବିବରଣୀ ଦେଇଥିଲେ।



### ବ୍ରିସ୍‌ବେନ୍‌ରେ ଭାରତ-ଅଷ୍ଟ୍ରେଲିଆ ତୃତୀୟ ଟେଷ୍ଟ ଆଜିଠୁ

# ସିରିଜ୍ ଅଗ୍ରଣୀ ଲାଗି ହେବ ମହାମୁକାବିଲା

ବ୍ରିସ୍‌ବେନ୍, ୧୩।୧୨(ଏଜେନ୍ସି): ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ବର୍ଡର ଗାଭାସ୍କର ଟ୍ରଫିର ତୃତୀୟ ମୁକାବିଲା ଆସନ୍ତାକାଲିଠାରୁ ସ୍ଥାନୀୟ ଗାବ୍‌ବା ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ସିରିଜ୍‌ର ପର୍ଥରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଭାରତ ଓ ଆଡିଲେଡ୍‌ରେ ଖେଳାଯାଇଥିବା ଦିବାରାତ୍ର ଟେଷ୍ଟରେ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ଏହା ଫଳରେ ସିରିଜ୍ ୧-୧ରେ ସମାନ ସ୍ଥିତିରେ ରହି ଉଭୟ ଦଳ ଏଠାରେ ମୁକାବିଲା କରିବାକୁ ଯାଉଛନ୍ତି। ପ୍ରଥମ ଦୁଇ ଟେଷ୍ଟରେ ଉଭୟ ଦଳ ଉତ୍‌ଥାନ ପତନ ଦେଇ ଗତି କରିଛନ୍ତି। ଏଠାରେ

**ଖେଳ ଆରମ୍ଭ: ସକାଳ ୫ଟା ୫୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ, ହଟ୍‌ଷ୍ଟାର**







ଗତଥର ଭାରତ ଐତିହାସିକ ବିଜୟ ହାସଲ କରିଥିଲା। ଚଳିତ ସିରିଜ୍‌ରେ ପୂର୍ବ ମ୍ୟାଚ୍ ହାରିଯିବା ପରେ ଭାରତ ଜୋରଦାର ପ୍ରସ୍ତୁତି କରି ଏହି ଟେଷ୍ଟ ଖେଳିବାକୁ ଯାଉଛି। ଉଭୟଙ୍କ ମଧ୍ୟରେ ଟେଷ୍ଟ ମୁକାବିଲା ତୀବ୍ର ପ୍ରତିଦ୍ୱନ୍ଦ୍ୱିତାରେ ପହଞ୍ଚିଛି। ଏଣୁ ଉଭୟ ଦଳ ଗୋଟିଏ ଲେଖାଏଁ ଟେଷ୍ଟ ଜିତିବା ପରେ ଏହି ସିରିଜ୍ ଯେଉଁଳି ସ୍ଥିତି ସୃଷ୍ଟି କରିଛି, ତାହା ମହାମୁକାବିଲାରେ ପରିଣତ ହେବାକୁ ଯାଉଛି।

ଏହି ସିରିଜ୍‌ର ପ୍ରଥମ ଦୁଇଟି ମୁକାବିଲାରେ ଉଭୟ ଦଳ ପକ୍ଷରୁ କିଛି ଯୁଗାନ୍ତକାରୀ କ୍ରିକେଟ ପ୍ରଦର୍ଶିତ କରାଯାଇଛି। ଏହା ନିଃସନ୍ଦେହ ବିଶ୍ୱରେ ଏବେ ଏହି ଦୁଇ ଦଳ ଶ୍ରେଷ୍ଠସ୍ଥାନରେ ରହିଛନ୍ତି ଓ ଏମାନଙ୍କ ମୁକାବିଲାକୁ ବିଶ୍ୱର ସର୍ବାଧିକ ଦର୍ଶକ ଉପଭୋଗ କରୁଛନ୍ତି। ଏଭଳି ସ୍ଥିତିରେ ଭାରତ-ଅଷ୍ଟ୍ରେଲିଆ କ୍ରିକେଟ ମୁକାବିଲା ଏବେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱିତାରେ ପରିଣତ ହୋଇଛି। ଏହି ସିରିଜ୍‌ର ପ୍ରଥମ ଦୁଇଟି ଟେଷ୍ଟରେ ବ୍ୟାଟରଙ୍କ ଅପେକ୍ଷା ବୋଲର ପ୍ରଭାବ ବିସ୍ତାର କରିଛନ୍ତି। ପର୍ଥ ହେଉ ଅବା ଆଡିଲେଡ୍‌ରେ ବୋଲରମାନେ କିଛି ଚମତ୍କାର ଖେଳ ପ୍ରଦର୍ଶନ କରିଛନ୍ତି। ଭାରତର ଡେବ୍ୟୁଟାଣ୍ଟ ଫାଷ୍ଟ ବୋଲର ହର୍ଷିତ ରାଣାଙ୍କ ବଲ୍‌ରେ ଟ୍ରାଭିସ୍ ହେଡ ବୋଲ୍ଡ ହେବା, ଯଶପ୍ରୀତ୍ ବୁମ୍‌ରାଙ୍କ ପ୍ରତ୍ୟେକ ବଲ ଏକ ସ୍ୱପ୍ନ ସୃଷ୍ଟି କରିବା, ପ୍ୟାଟ କମିନ୍ସଙ୍କ ଟିମ୍ ଆଡିଲେଡ୍ ଓଭାଲରେ କବ୍‌ଜା କରିବା ଏହି ସିରିଜ୍‌ରେ ବୋଲରଙ୍କ ପ୍ରାଧାନ୍ୟକୁ ସୂଚାଉଛି। ଚଳିତ ସିରିଜ୍‌ରେ ଉଭୟ ଦଳର ଦୁଇ ଜଣ ଲେଖାଏଁ କିମ୍ବଦନ୍ତୀ ବ୍ୟାଟର ସେମାନଙ୍କ ଫର୍ମ ପ୍ରଦର୍ଶନ କରିପାରି ନାହାନ୍ତି। ଅଷ୍ଟ୍ରେଲୀୟ ଓପନର ଉସ୍‌ମାନ ଖୱାଜା ଓ ଏକଦା ବିଶ୍ୱରେ ରାଜ କରୁଥିବା ଷ୍ଟିଭେନ ସ୍ମିଥ୍ ଏବର୍ଷ ଆଦୌ ଫର୍ମରେ ନାହାନ୍ତି। ଗତ ୨୪ଟି ଇନିଂସରେ ସ୍ମିଥ୍ ଓ ୨୭ଟି ଇନିଂସରେ ଖୱାଜା ଶତକ ହାସଲ କରିପାରି ନାହାନ୍ତି। ଉଭୟ ଖେଳାଳି ୨୦୨୩ ଆସେସ ସିରିଜ୍‌ରେ ଶେଷଥର ଲାଗି ଶତକ ହାସଲ କରିଥିଲେ। ଡେଭିଡ୍ ୱାର୍ଣ୍ଣରଙ୍କ ଅବସର ପରେ ଅଷ୍ଟ୍ରେଲିଆର ମଧ୍ୟ ଏକ ନୂଆ ଓପନିଂ ଯୋଡି ଖେଳୁଛନ୍ତି। ବ୍ୟାଟିଂରେ ଦଳର ଦୁର୍ବଳତା ପଦାର ପଡ଼ିଛି।

ଅନ୍ୟପକ୍ଷରେ ଭାରତର ଦୁଇ ସୁପରଷ୍ଟାର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ସମାନ ଅବସ୍ଥା। ପର୍ଥ ଟେଷ୍ଟରେ କୋହଲି ଶତକ ହାସଲ କରିଥିଲେ ମଧ୍ୟ ମ୍ୟାଚ୍ ବିଜେତା ହୋଇଥିଲେ ଯଶସ୍ୱୀ ଜୟସ୍ୱାଲ। ଏଣୁ ଭାରତର ପ୍ରଦର୍ଶନରେ କୋହଲିଙ୍କର ପ୍ରଭାବ ପରିଲକ୍ଷିତ ହୋଇନାହିଁ। ଅଷ୍ଟ୍ରେଲିଆ ମାଟିରେ ସେ ଜଣେ ସୁପରଷ୍ଟାର ଭଳି ଖେଳିଛନ୍ତି। ଯେ କୌଣସି ସମୟରେ ସେ ଫର୍ମକୁ ଫେରିବାରେ କୌଣସି ଅସୁବିଧା ନାହିଁ। ଦ୍ୱିତୀୟ ଟେଷ୍ଟରେ ଦଳକୁ ଫେରିଥିବା ଅଧିନାୟକ ରୋହିତ ଶର୍ମା ଦଳର ଆବଶ୍ୟକତା ଲାଗି ମିଡଲ ଅର୍ଡରରେ ଖେଳିଥିଲେ। ଏହି ଟେଷ୍ଟରେ ସେ ୩ ଓ ୬ ରନ୍ କରିବା ଫଳରେ ଏଠାରେ ସେ ନିଶ୍ଚିତଭାବେ ତାଙ୍କ ପୂର୍ବ ପୋଜିସନ ଓପନିଂ ସ୍ଥାନକୁ ଫେରିବା ଯଥେଷ୍ଟ ସମ୍ଭାବନା ରହିଛି। ଲୋକେଶ ରାହୁଲ ନଂ-୫ କିମ୍ବା ୬ ସ୍ଥାନରେ ଖେଳିବେ। ବିଦେଶରେ ୱିକେଟରକ୍ଷକ ଋଷଭ ପନ୍ତଙ୍କ ପ୍ରଦର୍ଶନ ଭଲ ରହିଆସିଛି। ଏଣୁ ସେ ଓ ରାହୁଲ ମିଡଲ ଅର୍ଡରରେ ପୁଣିଥରେ ତାଙ୍କ କରିଶ୍ମା ଦେଖାଇବେ ବୋଲି ଆଶା କରାଯାଉଛି। ବୋଲିଂରେ ଦଳର ଦୁଇ ଖେଳାଳି ବଦଳିବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ। ଆଡିଲେଡ୍‌ରେ ଖେଳିଥିବା ରବିଚନ୍ଦ୍ରନ ଅଶ୍ୱିନଙ୍କ ସ୍ଥାନରେ ୱାଶିଂଟନ ସୁନ୍ଦର ଦଳକୁ ଫେରିପାରନ୍ତି। ସେହିପରି ଆକାଶଦୀପ ଭାରତର ଏବେ ତୃତୀୟ ପେସ୍ ବୋଲରଭାବେ ଖେଳୁଛନ୍ତି। ପର୍ଥରେ ତାଙ୍କ ସ୍ଥାନରେ ଭଲ ବ୍ୟାଟିଂ କରୁଥିବା ହର୍ଷିତ ରାଣାଙ୍କୁ ପ୍ରଥମ ଦୁଇଟି ଟେଷ୍ଟରେ ଖେଳିବା ସୁଯୋଗ ମିଳିଥିଲା। ଏବେ ଦଳ ବ୍ୟାଟିଂ ଲାଗି ଚିନ୍ତିତ ନ ଥିଲାବେଳେ ଆକାଶ ଦୀପ ସିରିଜ୍‌ରେ ପ୍ରଥମ ଥର ଖେଳିବା ସମ୍ଭାବନାକୁ ଏଡ଼ାଇଦେଇ ହେବ ନାହିଁ। ପର୍ଥରେ ଖେଳିଥିବା ଅଷ୍ଟ୍ରେଲିଆ ଏକାଦଶ ଏଠାରେ ଖେଳିବ। ଅର୍ଥାତ୍ ସ୍କଟ ବୋଲାଣ୍ଡଙ୍କ ସ୍ଥାନରେ ଫାଷ୍ଟ ବୋଲର ଜୋଶ ହାଜ୍‌ଲେଉଡ୍ ଏହି ଟେଷ୍ଟରେ ଦଳକୁ ଫେରବା ନେଇ ଚୂଡାନ୍ତ ଏକାଦଶ ଘୋଷଣା କରିବା ପରେ ସ୍ପଷ୍ଟ ହୋଇଛି।

ଗାବ୍‌ବା ପିଚ୍‌କୁ ବିଶ୍ୱର ଅନ୍ୟତମ ଫାଷ୍ଟ ପିଚ୍ ଭାବେ ବିବେଚିତ କରାଯାଇଥାଏ। କିନ୍ତୁ ଏହା ସିଜିନ ଆରମ୍ଭରେ ହୋଇଥାଏ। ଡିସେମ୍ବର ଶେଷରେ ପିଚ୍ ଫାଷ୍ଟ ବୋଲରଙ୍କୁ ଏତେଟା ସହାୟତା ଦେଇ ନଥାଏ। ତଥାପି ଏହି ସମୟରେ ଏଠାରେ ଖେଳାଯାଇଥିବା ଗତ ୪ଟି ଟେଷ୍ଟରେ ଅଷ୍ଟ୍ରେଲିଆ ଦୁଇଥର ପରାଜିତ ହୋଇଛି। ଏଣୁ ପିଚ୍ ଯେ ଫାଷ୍ଟ ବୋଲରଙ୍କୁ ସହାୟତା ନ ଦେବ କହିବା ମୁସ୍କିଲ।

### ସମ୍ଭାବ୍ୟ ଏକାଦଶ

**ଭାରତ:** ଯଶସ୍ୱୀ ଜୟସ୍ୱାଲ, ରୋହିତ ଶର୍ମା (ଅଧିନାୟକ)/ ଲୋକେଶ ରାହୁଲ, ଶୁବମାନ ଗିଲ୍, ବିରାଟ କୋହଲି, ଋଷଭ ପନ୍ତ୍, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, ଆକାଶ ଦୀପ୍, ମହମ୍ମଦ୍ ସିରାଜ ଓ ଯଶପ୍ରୀତ ବୁମ୍‌ରା।

**ଅଷ୍ଟ୍ରେଲିଆ:** ଉସ୍‌ମାନ ଖୱାଜା, ନାଥାନ ମ୍ୟାକ୍‌ସ୍ୱିନୀ, ମାର୍ନସ ଲାବୁସେନ, ଷ୍ଟିଭେନ୍ ସ୍ମିଥ୍, ଟ୍ରାଭିସ୍ ହେଡ୍, ମିଚେଲ ମାର୍ଶ, ଆଲେକ୍ସ କ୍ୟାରୀ, ପ୍ୟାଟ କମିନ୍ସ (ଅଧିନାୟକ), ମିଚେଲ ଷ୍ଟାର୍କ, ନାଥାନ ଲାୟନ ଓ ଜୋଶ ହାଜ୍‌ଲେଉଡ୍।

■ ଓଡ଼ିଶା ମାଷ୍ଟର୍ସ-୨୦୨୪

## ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ

**କଟକ, ୧୩।୧୨(ସମିସ):** ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ମାଷ୍ଟର୍ସ-୨୦୨୪ ଜାରି ରହିଛି। ଆଜି ସମସ୍ତ ଇଭେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବା ସହ ସେମିଫାଇନାଲ ଲାଇନଅପ ଚୂଡାନ୍ତ ହୋଇଛି। ପୁରୁଷ ସିଙ୍ଗିଲ୍ସ ଇଭେଣ୍ଟରେ ୩ ଭାରତୀୟ ପ୍ରତିଯୋଗୀ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ରତିକ ସଞ୍ଜୀବ ୨-୧ ସେଟ୍‌ରେ ଚୀନ୍‌ର ହୁ ଝେ ଆନଙ୍କୁ ହରାଇ ପ୍ରଥମ ଖେଳାଳି ଭାବେ ସେମିରେ ପ୍ରବେଶ କରିଥିଲେ। ସେହିପରି ଅନ୍ୟ କ୍ୱାର୍ଟର ମୁକାବିଲାରେ ସତୀଶ କୁମାର ୨-୧ ସେଟରେ ଅନ୍ୟତମ ଭାରତୀୟ ପ୍ରତିଦ୍ୱନ୍ଦ୍ୱୀ ଆୟୁଷ ସେଟ୍ଟୀଙ୍କୁ, ଥରୁନ ମାନେପଲ୍ଲୀ ୨-୦ ସେଟ୍‌ରେ ଅଭିଷେକ ସାଇନିଙ୍କୁ ହରାଇଥିଲେ। ମାଲେସିଆର ପାନିକାଫନ ଏବଂ ଚୀନର ଲି ୟୁ ଉହାନଙ୍କ ଭିତରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ମାନିକାଫନ ସହଜ ବିଜୟ ସହ ପୁରୁଷ ସିଙ୍ଗିଲ୍ସ ଇଭେଣ୍ଟରେ ସେମିଫାଇନାଲରେ ସ୍ଥାନ ଅକ୍ତିଆର କରିଛନ୍ତି। ମହିଳା ସିଙ୍ଗିଲ୍ସରେ ଚୀନର କାଇ ୟାନ, ଭାରତର ଶ୍ରେୟାଂଶୀ ଭାଲିସେଟ୍ଟୀ, ତନଭୀ ଶର୍ମା, ମାଲେସିଆର ସୋରାନୋ ୟୋସିକାଓ୍ୱା, ପୁରୁଷ ଡବଲ୍ସରେ ଚୀନର ହୁଆଙ୍ଗ ଡି-ଲି ୟାଙ୍ଗ, ଭାରତର ପୃଥ୍ୱୀ କ୍ରୀଷ୍ଣାମୂର୍ତ୍ତି-ସାଇ ପ୍ରତୀକ, ଜାପାନର ହିରୋକି ନିଶି-କାକେରୁ କୁମାଗାଇ, ମାଲେସିଆର ସନ ୱେନ ଜୁନ-ଝୁ ୱି ଜୁନ, ମହିଳା ଡବଲ୍ସରେ ମାଲେସିଆର ନାନାକୋ ହାରା-ରିକୋ କିୟୋସେ, କେଙ୍ଗ ସୁ-ୱାଙ୍ଗ ଟିଙ୍ଗ, ଭାରତର ଗାୟତ୍ରୀ ରାଓ୍ୱତ-ମାନସା ରାଓ୍ୱତ, ଅଶ୍ୱିନୀ ଭଟ୍ଟ-ଶୀଖା ଗୌତମ, ମିକ୍ସଡ ଡବଲ୍ସରେ ମାଲେସିଆର ଗାଓ ଜିଆ-ଟାଙ୍ଗ ରୁଇ, ଭାରତର ରୋହନ କପୁର-ରତଭିକା ଶିବାନୀ, ଫ୍ରାନ୍ସର ଜୁଲିଏନ ମାଇଓ-ଲିଏ ପାଲମେରୋ, ସିଙ୍ଗାପୁରର ହି ୟଙ୍ଗ-ଜିନ ୟୁ ଜିଆଙ୍କ ଯୋଡ଼ି ସେମି ରାଉଣ୍ଡରେ ପ୍ରବେଶ କରିଛନ୍ତି।












PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS